R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୯୮
ତିଥି : ଦ୍ୱାଦଶ
୨୫ ଏପ୍ରିଲ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 198
25 April 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ପହଲଗାମରେ ଆତଙ୍କୀଙ୍କ ନରସଂହାର ପରେ ସର୍ବଦଳୀୟ ବୈଠକ

# ଆତଙ୍କବାଦ ବିରୋଧରେ ସରକାର-ବିରୋଧୀ ଏକ

ନୂଆଦିଲ୍ଲୀ,୨୪।୪ : ପହଲଗାମରେ ବର୍ବରଚିତ ଭାବେ ଆତଙ୍କବାଦୀମାନେ କରିଥିବା ଗଣହତ୍ୟାର ଜବାବରେ ସରକାର ଯେଉଁ ପଦକ୍ଷେପ ନେବେ ତାହାକୁ ବିରୋଧୀ ଦଳ ଗୁଡିକ ସମ୍ପୂର୍ଣ୍ଣ ସମର୍ଥନ କରିବେ । ସର୍ବସମ୍ମତଭାବେ ସବୁ ଦଳ ଏଭଳି ଆକ୍ରମଣକୁ ନିନ୍ଦା କରିଛନ୍ତି ଓ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସମ୍ପୂର୍ଣ୍ଣ ସମର୍ଥନ ଦେବେ ବୋଲି ସମ୍ମତି ପ୍ରକାଶ କରିଥିବା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ।

ପହଲଗାମ ଆକ୍ରମଣ ପରେ ଆଜି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ବିରୋଧୀ ଦଳ ନେତାମାନଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ଅମିତ ଶାହ ମଧ ଉପସ୍ଥିତ ଥିଲେ । ତେବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ବୈଠକରେ ସୁରକ୍ଷାରେ ତ୍ରୁଟି ହୋଇଥିବାକୁ ସ୍ୱୀକାର କରିଥିବା ଜଣାପଡିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ କୁଆଡେ କହିଥିଲେ ଯଦି କୌଣସି



ତ୍ରୁଟି ହୋଇନାହିଁ ଆମେ କାହିଁକି ବୈଠକ କରୁଛୁ । ଯେଉଁ ତ୍ରୁଟି ଅଛି ତାକୁ ଆମେ ଖୋଜି ବାହାର କରିବା । ସରକାରଙ୍କ ପକ୍ଷରୁ ପହଲଗାମରେ ଆତଙ୍କବାଦୀମାନେ ୨୬ ଜଣଙ୍କୁ ହତ୍ୟା କରିଥିବା ପ୍ରସଙ୍ଗ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଅଧିକାଂଶ ବିରୋଧୀ ଦଳ ନେତାମାନେ ସୁରକ୍ଷା ପୋଟକଲର ବିଫଳତା ଓ ସୁରକ୍ଷାକର୍ମୀ କେଉଁଠି ଥିଲେ ବୋଲି ପ୍ରଶ୍ନ କରିଥିଲେ । ତେବେ ସରକାରଙ୍କ ପକ୍ଷରୁ କହାଯାଇଥିଲା । ଅନ୍ତନାଗ ଜିଲ୍ଲାର ପହଲଗାମ ନିକଟସ୍ଥ ବାଇସରଣ ଅଞ୍ଚଳକୁ ଖୋଲା ଯିବା ପୂର୍ବରୁ ସୁରକ୍ଷା ସଂସ୍ଥା ଗୁଡିକୁ ସ୍ଥାନୀୟ ପ୍ରଶାନକ ପକ୍ଷରୁ ସୂଚୀତ କରାଯାଇନଥିଲା । ଜୁନ୍‌ରେ ହେବାକୁଥିବା ଅମରନାଥ ଯାତ୍ରାରେ ମଧ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ତୃଣମୂଳ କଂଗ୍ରେସ ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ କହିଥିଲେ ଯେ ଆମେ ଆତଙ୍କବାଦଙ୍କ ଉପରେ ଲଢ଼ିବା ପାଇଁ ଏକାଠି ହୋଇଛି । ଆମେ ଏକାଠି ହୋଇ ଲଢ଼େଇ କରିବା । ପ୍ରଧାନମନ୍ତ୍ରୀଙ୍କୁ ଏହି ବାର୍ତ୍ତା ଦିଆଯାଉ । ବରିଷ୍ଠ ଆଇବି ଅଧିକାରୀ ମଧ ସବିସେସ ସୂଚନା ଦେଇଥିଲେ । ସରକାର ଦେଶର ସ୍ୱାର୍ଥ ରକ୍ଷା ପାଇଁ ଯେଉଁ ପଦକ୍ଷେପ ନେବେ ତାହାକୁ ବିରୋଧୀ ଦଳ ପୂର୍ଣ୍ଣ ସମର୍ଥନ ଦେବ ବୋଲି କୁହାଯାଇଛି । କେନ୍ଦ୍ରମନ୍ତ୍ରୀ କିରଣ ରିଜି କହିଛନ୍ତି ଯେ ଭାରତ ଏକ ହୋଇ ଆତଙ୍କବାଦ ବିରୋଧରେ ଲଢ଼ିବା ଉଚିତ ବୋଲି ସମସ୍ତେ ଏକମତ ହୋଇଛି । ଭାରତ ଅତୀତରେ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆଗକୁ ମଧ କରିବ । ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକରେ ଏହା ଉପରେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଜି-୨୦ ଦେଶର ରାଷ୍ଟ୍ରଦୂତଙ୍କୁ ଅବଗତ କଲା ଭାରତ

ନୂଆଦିଲ୍ଲୀ,୨୪।୪ : ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ କୂଟନୈତିକ ଯୁଦ୍ଧ ଭାରତ ଆରମ୍ଭ କରିଛି । ଭାରତ ସରକାର ପାକିସ୍ତାନ ନାଗରିକଙ୍କୁ ଦିଆଯାଇଥିବା ସମସ୍ତ ଭିସାକୁ ଆଜି ପ୍ରତ୍ୟାହାର କରିନେଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୨୭ ତାରିଖ ଠାରୁ ଏହା କାର୍ଯ୍ୟକାରୀ ହେବ । ତେବେ ଯେଉଁମାନଙ୍କୁ ମେଡ଼ିକାଲ ଭିସା ଦିଆଯାଇଥିଲା ମାନବିକ ଦୃଷ୍ଟିକୋଣରୁ ସେମାନଙ୍କୁ ସମୟ ସୀମାରେ କୋହଲ କରାଯାଇଛି । ଏହା ୨୯ ତାରିଖ ପର୍ଯ୍ୟନ୍ତ ବୈଧ ରହିବ । ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ପାକିସ୍ତାନ ନାଗରିକଙ୍କୁ ଭିସା ଦିଆଯିବ ନାହିଁ । ପାକିସ୍ତାନ ନିଗରିକଙ୍କୁ ଭିସାର ଅବଧି ଶେଷ ହେବା ପୂର୍ବରୁ ଭାରତ ଛାଡିବାକୁ କୁହାଯାଇଛି । (୯ ପୃଷ୍ଠାରେ)

## ପାକ୍ ସିମଲା ଚୁକ୍ତିକୁ ବାତିଲ କଲା

ନୂଆଦିଲ୍ଲୀ,୨୪।୪ : ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ପାକିସ୍ତାନ ଉପରେ ତାର ଆଭିମୁଖକୁ କଠୋର କରିଛି । ଗତକାଲି ଭାରତ ସରକାର ପାକିସ୍ତାନ ଉପରେ କଟକଣା ଲାଗୁ କରିବା ସହ ଅନେକ ନିଷ୍ପତ୍ତି ନେଇଥିଲେ । ପାକିସ୍ତାନ ମଧ ଆଜି ଏହାର ଜବାବରେ ସିମ୍‌ଲା ଯୁକ୍ତି ସହ ଅନ୍ୟ ସମସ୍ତ ଦ୍ୱିପାକ୍ଷିକ ଚୁକ୍ତିକୁ ବାତିଲ କରିଛି । ୧୯୭୨ରେ ସିମଲା ଚୁକ୍ତି ହୋଇଥିଲା ।

ଭାରତ ମଧ ସମସ୍ତ ପାକିସ୍ତାନୀ ନାଗରିକଙ୍କର ଭିସା ୨୯ ତାରିଖରୁ ବାତିଲ କରିଛି । ପାକିସ୍ତାନ ଆଜି ଭାରତୀୟ ହାଇକମିଶନରଙ୍କ (୯ ପୃଷ୍ଠାରେ)

## ବିଏସ୍ଏଫ୍ ଯବାନଙ୍କୁ ଅଟକ ରଖିଲା ପାକ୍

ନୂଆଦିଲ୍ଲୀ,୨୪।୪: ସୀମା ସୁରକ୍ଷା ବାହିନୀର (ବିଏସ୍ଏଫ୍)ର ଯବାନ ଭୁଲ ବଶତଃ ଆନ୍ତର୍ଜାତୀୟ ସୀମାକୁ ଅତିକ୍ରମ କରିଥିବାରୁ ପାକିସ୍ତାନ ରେଞ୍ଜର ପକ୍ଷରୁ ତାଙ୍କୁ ହେପାଜତକୁ ନିଆଯାଇଛି । ଫିରୋଜପୁରରେ ଭାରତ-ପାକିସ୍ତାନ ସୀମାରେ ଜଣେ ବିଏସ୍ଏଫ୍ ଯବାନ ଭୁଲ ବଶତଃ ସୀମା ଅତିକ୍ରମ କରି ପାକିସ୍ତାନରେ ପହଞ୍ଚିଥିଲେ । ଘଟଣା ପରେ ପାକିସ୍ତାନୀ ରେଞ୍ଜରମାନେ ତାଙ୍କୁ ଉଠାଇ ନେଇଛନ୍ତି ।

ସମ୍ପୃକ୍ତ ଯବାନ ହେଉଛନ୍ତି ବିଏସ୍ଏଫ୍‌ର କନେଷ୍ଟବଳ ପିକେ ସିଂହ । ସେ ୧୮୨ ବିଏସ୍ଏଫ୍ ବାଟାଲିୟନ୍‌ର କାର୍ଯ୍ୟରତ । ଭାରତ-ପାକ୍ ସୀମା କୃଷିକ୍ଷେତ୍ର ଉପରେ (୯ ପୃଷ୍ଠାରେ)

# ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୪ (ସବ୍ୟୁ) :ଆମ ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯ ପ୍ରତିଶତ ଗ୍ରାମାଞ୍ଚଳରେ ବସବାସ କରନ୍ତି । ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗାଁରେ ବସବାସ କରନ୍ତି । ତେଣୁ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ ସେତେଦିନ ପର୍ଯ୍ୟନ୍ତ ରାଜ୍ୟ

### ପୁରୀ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ

### ୬ ଲକ୍ଷ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ

ତଥା ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ପ୍ରଥମେ (୯ ପୃଷ୍ଠାରେ)



# ୫ ମାଓବାଦୀ ନିପାତ

ମାଲକାନଗିରି,୨୪।୪ (ସବ୍ୟୁ) : ଛତିଶଗଡ଼ ଏବଂ ତେଲେଙ୍ଗାନା ସୀମାରେ ମାଓବାଦୀ- ଯବାନଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା । ପ୍ରାୟ ୧୦ ହଜାର ଯବାନ ସୀମାନ୍ତବର୍ତ୍ତୀ ଜଂଗଲରେ ମାଓବାଦୀଙ୍କୁ ଏବେବି ଘେରି ରହିଛନ୍ତି। ଛତିଶଗଡ଼ର ଡିଆରଜି, ଏସଟିଏଫ, ସିଆରପିଏଫ, କୋବ୍ରା, ବସ୍ତର ଫାଇଟର୍ସ ବାଟାଲିୟନର ଯବାନ ଏହି ଜଂଗଲରେ ପଶି ଘେରାବନ୍ଦୀ କରିଛନ୍ତି । ଏଠାରେ ଡିକେଏସଜେଡସି, ଟିଏସସି, ପିଏଲଜିଏ ବାଟାଲିୟନ ନମ୍ବର ୧ର ମାଓବାଦୀମାନେ ଲୁଚି ରହିଥିବା ଗୁଇନ୍ଦା ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇଥିଲା । ପରେ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି । ଜଂଗଲରେ ଯବାନଙ୍କ ସହ ପ୍ରଥମ ମୁକାବିଲାରେ ୫ ଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ବେଳେ ବହୁ (୯ ପୃଷ୍ଠାରେ)

## ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା

ଭୁବନେଶ୍ୱର,୨୪।୪ (ସବ୍ୟୁ) : ଦୀର୍ଘ ଦିନରୁ ହୋଇ ଆସୁଥିବା ଦାବି ପୂରା ହୋଇଛି । ଅପେକ୍ଷାର ଅନ୍ତ ଘଟିଛି । ଶିମିଳିପାଳ ଅଭୟାରଣ୍ୟକୁ 'ଜାତୀୟ ଉଦ୍ୟାନ'ର ମାନ୍ୟତା ମିଳିଛି । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏନେଇ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗୁରୁବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥି ସହିତ ରାଜ୍ୟର ଦ୍ୱିତୀୟ ଓ ଦେଶର ୧୦୭ତମ ଜାତୀୟ ପାର୍କ ତାଲିକାରେ ଶିମିଳିପାଳ ଯୋଡ଼ି ହୋଇଯାଇଛି ।

ଭିତରକନିକା ପରେ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ ଓ ୮୪୫.୭୦ ବର୍ଗ କିମି ବିଶିଷ୍ଟ ରାଜ୍ୟର ସର୍ବବୃହତ ଜାତୀୟ ଉଦ୍ୟାନ ରୂପରେ ପରିଗଣିତ । ବହୁ ପ୍ରତୀକ୍ଷିତ ସ୍ୱୀକୃତି (୯ ପୃଷ୍ଠାରେ)

# ପ୍ରଶାନ୍ତଙ୍କ ଅନ୍ତିମ ସଂସ୍କାରରେ ମୁଖ୍ୟମନ୍ତ୍ରୀ

ବାଲେଶ୍ୱର,୨୪।୪ (ସବ୍ୟୁ) : ଜାମ୍ମୁକାଶ୍ମୀରର ପେହେଲ ଗ୍ରାମରେ ମଙ୍ଗଳବାର ଦିନ ଆତଙ୍କବାଦୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ପ୍ରଶାନ୍ତ କୁମାର ଶତପଥିଙ୍କ ଅନ୍ତିମ ସତ୍କାର ଆଜି ତାଙ୍କ ନିଜଗ୍ରାମ ଇଶାଣୀ ଠାରେ ହୋଇଯାଇଛି । ପୂର୍ବାହ୍ନ ପ୍ରାୟ ୮.୩୦ ମିନିଟ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଠାରେ



### ୨୦ ଲକ୍ଷ ସହାୟତା, ପତ୍ନୀଙ୍କୁ ନିଯୁକ୍ତି ଘୋଷଣା

ଆସି ପହଞ୍ଚିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ, ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, (୯ ପୃଷ୍ଠାରେ)

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf Among Indian Universities Ranked by NIRF, Govt. of India
A++ Grade Accredited by NAAC
Tier 1 Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601–800 University Ranking World University Rankings 2024
IET ACCREDITED PROGRAMME The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in
KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.

## ବିଶ୍ୱ ମ୍ୟାଲେରିଆ ଦିବସ

ମ୍ୟାଲେରିଆକୁ ରୋକିବା ପାଇଁ ସାରା ବିଶ୍ୱରେ ବିଭିନ୍ନ ଚେଷ୍ଟା କରାଯାଉଛି । ବିଭିନ୍ନ ଦେଶରେ ଏଥିପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ତେବେ ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଲୋକଙ୍କ ସଚେତନତାର ଆବଶ୍ୟକତା ରହିଛି । ଏହି ସଚେତନତା ସୃଷ୍ଟି କରିବାପାଇଁ ଏପ୍ରିଲ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ରୂପେ ପାଳନ କରାଯାଉଛି । ସୂଚନା ଅନୁସାରେ ଏହି ରୋଗରେ ପ୍ରତିବର୍ଷ ବିଶ୍ୱରେ ୨୦୦ କୋଟି ଲୋକ ଆକ୍ରାନ୍ତ ହେଉଛନ୍ତି । ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନ କରାଯାଇଥାଏ । ମ୍ୟାଲେରିଆ କିଭଳି ହେବାସହ ଏହା କିଭଳି ବ୍ୟାପିଥାଏ ସେ ନେଇ ସୂଚନା ଦିଆଯାଇଥାଏ । ସେହିଭଳି ଲୋକଙ୍କୁ ବିଭିନ୍ନ ପ୍ରକାରର ଟିପ୍ସ ମଧ୍ୟ ପ୍ରଦାନ କରାଯାଇଥାଏ, ଯାହାକୁ ବ୍ୟବହାର କରି ସେମାନେ ମ୍ୟାଲେରିଆ ଜ୍ୱର ହେବାକୁ ରୋକି ପାରିବେ । ଘର ପାଖ ସଫା ରଖିବା, ଜ୍ୱର ହେଲେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବା, ଘରେ ମଶାରୀ ଟାଙ୍ଗି ଶୋଇବା ଆଦି ସମ୍ପର୍କରେ ଏଥିରେ ଶିକ୍ଷା ଦିଆଯାଇଥାଏ ।



## ସୋସିଆଲ କୋଟ୍ସ



"ମୁଁ ଚାହୁଁ ନଥିଲି ମୁଁ ଯେଉଁ ଭୁଲ କରିଛି ସେହି ଭୁଲ ମୋ ଝିଅ ଆଉ ଥରେ କରୁ । ତେଣୁ ମୁଁ ମଶାବାକୁ ଲିଭ୍‌ଇନ୍ ରହିବା ପାଇଁ ମନା କରିଥିଲି । ଏହା ତାପାଇଁ ଭଲ ଥିଲା ।

ନୀନା ଗୁପ୍ତା, ଅଭିନେତ୍ରୀ



"କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଗଦର-୨କୁ ପ୍ରଶଂସା ମିଳିଛି । ସମସ୍ତେ କହୁଛନ୍ତି ଅନେକ ସମୟ ପରେ ଏଭଳି ଏକ ଫିଲ୍ମ ରିଲିଜ୍ ହୋଇଛି ଯାହାକୁ ପୁରା ପରିବାର ବସିକି ଦେଖିପାରିବେ ।

ଅନିଲ୍ ଶର୍ମା, ନିର୍ଦ୍ଦେଶକ



"ଆକ୍ଟିଂ ସବୁବେଳେ ମୋର ଫାଷ୍ଟ ଲଭ ଥିଲା ଆଗକୁ ରହିବ ମଧ୍ୟ । ଏହି ଜର୍ଣ୍ଣି ବେଶ୍ ରୋମାଞ୍ଚକର ଓ ସ୍ମରଣୀୟ, ଯାହା ଆଗକୁ ମଧ୍ୟ ଜାରି ରହିବ ।

ତମନ୍ନା ଭାଟିଆ, ଅଭିନେତ୍ରୀ



## ୨୦ ଟଙ୍କାରେ ରୋଗୀ ଦେଖା

ଆଜିକାଲି ଡାକ୍ତରଙ୍କ ଫିସ୍ ଧୀରେଧୀରେ ଖୁବ ବଢୁଛି । ଯାହାଫଳରେ ଗରିବ ଲୋକ ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି । ତେବେ କୋଲକାତାର ଏକ ଅନୁଷ୍ଠାନ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ଏହି ଅନୁଷ୍ଠାନ ମାତ୍ର ୨୦ ଟଙ୍କାରେ ଲୋକଙ୍କୁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଲୋକଙ୍କୁ ଯୋଗାଉଛନ୍ତି । ଜଣେ ଅଭିଜ୍ଞ ବା ସେସ୍ପାଲିଷ୍ଟ ଡାକ୍ତରଙ୍କୁ କ୍ଲିନିକ୍‌ରେ ଦେଖାଇବାକୁ ହେଲେ ୪୦୦ରୁ ୧୦୦୦ ପର୍ଯ୍ୟନ୍ତ ଫିସ୍ ଲାଗିଥାଏ । ହେଲେ ଏହି ଅନୁଷ୍ଠାନରେ ମାତ୍ର ୨୦ ଟଙ୍କା ଦେଇ ଆପଣ ଏହି ସୁବିଧା ପାଇ ପାରିବେ । ତେଣୁ ବର୍ତ୍ତମାନ ସେଠିକାର ସ୍ଥାନୀୟ ଲୋକ ଏହି ସୁବିଧା କାରଣରୁ ଖୁବ ଉପକୃତ ହେବାରେ ଲାଗିଛନ୍ତି । ଏହି ସଂସ୍ଥାର ନାଁ ରହିଛି ପଞ୍ଚଲା ଗଙ୍ଗାଧରପୁର ଗୋଲାବରି ଭାରତ ସେବିଶ୍ରମ ସଙ୍ଘ । ଏହି ସଂସ୍ଥା ଗତ ତିନି ବର୍ଷ ଧରି ଏହି ସେବା ଯୋଗାଇ ଆସୁଛିଓ। ସଂସ୍ଥାର ଏଭଳି ପଦକ୍ଷେପକୁ ସୋସିଆଲ ମିଡିଆରେ ଖୁବ ପ୍ରଶଂସା କରାଯାଉଛି । ଏଭଳି ଦରଦାମ ବୃଦ୍ଧି ସମୟରେ ଏହି ପଦକ୍ଷେପ ଗରିବଙ୍କ ପାଇଁ ଖୁବ ଆସ୍ୱସ୍ତି ଆଣିଛି ବୋଲି ୟୁଜର୍ସ ମତ ଦେଇଛନ୍ତି ।

## ତିନି ହଜାରର କାଙ୍କଡା ଅମଲେଟ୍

ଜଣେ ଭାରତୀୟ ୟୁଟ୍ୟୁବରଙ୍କର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ୟୁଟ୍ୟୁବର ଜଣଙ୍କ ବ୍ୟାଙ୍ଗକକ୍‌ର ଏକ ହୋଟେଲରେ ଖାଉଥିବା ସମୟରେ ଏହି ଭିଡିଓଟି ନିର୍ମାଣ କରିଛନ୍ତି । ସେ ଏଥିରେ ସେଠିକାର ପ୍ରସିଦ୍ଧ କଙ୍କଡା ଅମଲେଟ୍ ଖାଉଥିବାର ଦେଖିବାକୁ ମିଳୁଛି । ତେବେ ଏହି ରେସ୍ତୋରାଁର ଖାଦ୍ୟ ଖୁବ ସ୍ୱାଦିଷ୍ଟ ତେବେ ଏହା ପଛରେ କୌଣସି ବଡ ସେଫ୍ ନୁହେଁ ବରଂ ୮୧ ବର୍ଷୀୟ ଜଣେ ବୃଦ୍ଧା ରହିଛନ୍ତି । ସେ ଏକାକୀ ଏହି ରେସ୍ତୋରାଁର ସମସ୍ତ କାମ ବୁଝୁଥିବା ଭିଡିଓରେ ଦେଖିବାକୁ ମିଳୁଛି । ଏଠାରେ ପ୍ରସ୍ତୁତ ସମସ୍ତ ଖାଦ୍ୟକୁ ସେ ଏକାକୀ ପ୍ରସ୍ତୁତ କରୁଛନ୍ତି, ଯାହା ୟୁଟ୍ୟୁବରଙ୍କୁ ଖୁବ ପ୍ରେରଣା ଦେଇଥିଲା ବୋଲି ସେ ନିଜ ଭିଡିଓରେ ପ୍ରକାଶ କରିଛନ୍ତି । ପରିଣତ ବୟସରେ ମଧ୍ୟ ସେ ପରିଶ୍ରମ କରି ନିଜ ଗୁଜୁରାଣ ମେଣ୍ଟାଉଛନ୍ତି । ତାଙ୍କ ରେସ୍ତୋରାଁର ଖୁବ ଡିମାଣ୍ଡ ସେଠାରେ ରହିଛି । ସେଠିକାର ଲୋକଙ୍କ ସହିତ ପର୍ଯ୍ୟଟକଙ୍କ ଭିଡ ପ୍ରତିଦିନ ଏଠାରେ ଦେଖିବାକୁ ମିଳିଥାଏ । ବୃଦ୍ଧଙ୍କ ହାତରେ ଯାଦୁ ରହିଛି ଯାହା ଏହି ରେସ୍ତୋରାଁର ଖାଦ୍ୟକୁ ଏତେ ସ୍ୱାଦିଷ୍ଟ କରୁଛି ବୋଲି ୟୁଟ୍ୟୁବର ଜଣଙ୍କ ପ୍ରକାଶ କରିଛନ୍ତି । ଭିଡିଓଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଲୋକମାନେ ବୃଦ୍ଧାଙ୍କୁ ଖୁବ ପ୍ରଶଂସା କରୁଥିବାର କମେଣ୍ଟରେ ଦେଖିବାକୁ ମିଳୁଛି ।







## ଅସୀମ ସାହସର ଉଦାହରଣ

ସୋସିଆଲ ମିଡିଆରେ ଜଣେ ଖବର ପଢୁଥିବା ଆଙ୍କରଙ୍କର ଭିଡିଓ ଖୁବ ଭାଇରଲ ହେଉଛି । ସମସ୍ତେ ତାଙ୍କ ସାହସର ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଗତ ବୁଧବାର ତୁର୍କୀରେ ୬.୦୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ତେବେ ଏହି ଭୂକମ୍ପ ଆସିଥିବା ସମୟରେ ସେଠିକାର ଜଣେ ଆଙ୍କର ଲାଇଭ୍ ଖବର ପ୍ରସାରଣ କରୁଥିଲେ । ହେଲେ ସେ ଏହି ସମୟରେ ସାହସର ସହିତ ପରିସ୍ଥିତିକୁ ସାମନା କରୁଥିବାର ଦେଖିବାକୁ ମିଳିଥିଲା । ସେ ଏହି କିଛି ସେକେଣ୍ଡର ମୂହୁର୍ତ୍ତକୁ ଖୁବ ଚତୁରତାର ସହିତ ସାମନା କରିଥିଲେ । ସେ ଏହି ସମୟରେ ନିଜ ଟେବୁଲ୍‌କୁ ଜୋରରେ ଧରି ରଖି ସେହିଭଳି ଭାବେ ଖବର ପଢିବା ଜାରି ରଖିଥିଲେ । ତାଙ୍କ ମୁହଁରେ ଭୟ ଦେଖିବାକୁ ମିଳିଥିଲେ ମଧ୍ୟ ସେ ଷ୍ଟୁଡିଓ ଛାଡି ଯାଇ ନଥିଲେ, ସେଠାରେ ରହି ନିଜର କର୍ତ୍ତବ୍ୟକୁ ପରିଚାଳନା କରିଥିଲେ । ସୋସିଆଲ ମିଡିଆରେ ଲୋକମାନେ ଏହାକ ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।

୧୮୦୯ – ଇଷ୍ଟ ଇଣ୍ଡିଆ କମ୍ପାନୀ ଏବଂ ପଞ୍ଜାବରେ ଶିଖ୍ ଶାସକ ରଣଜିତ ସିଂଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ।
୧୮୬୭ – ଟୋକିଓରେ ବିଦେଶୀ ବ୍ୟାପାର ପାଇଁ ଅନୁମତି ପ୍ରଦାନ ।
୧୯୦୪ – ସାହିତ୍ୟିକ ଚନ୍ଦ୍ରବଳି ପାଣ୍ଡେଙ୍କ ଜନ୍ମ ।
୧୯୦୫ – ଦକ୍ଷିଣ ଆଫ୍ରିକାରେ ଅଶ୍ୱେତଙ୍କୁ ଭୋଟ ଦେବାର ଅଧିକାର ପ୍ରାପ୍ତ ।
୧୯୫୭ – ସୋଡିଅମ ପରମାଣୁ ରିଆକ୍ଟର ପ୍ରଥମଥର ସଞ୍ଚାଳିତ ହେଲା ।
୧୯୬୮ – ବିଂଶ ଶତାବ୍ଦୀର ତାନସେନ ଗୁଲାମ ଅଲ୍ଲୀଙ୍କ ନିଧନ ।
୧୯୬୯ – ଭାରତର ପ୍ରସିଦ୍ଧ ଫୁଟବଲ ଖେଳାଳି ଆଇ ଏମ୍ ବିଜୟନଙ୍କ ଜନ୍ମ ।
୨୦୧୩ – ସୋମାଲିଆରେ ବ୍ରିଟେନ୍ ନିଜ ଦୂତାବାସକୁ ୨୭ ବର୍ଷ ପରେ ପୁଣିଥରେ ଖୋଲିଲା ।




## ଗୀତରେ ଟ୍ରାଫିକ୍ କଟକଣା ଶିକ୍ଷା

ଇନ୍ଦୋରର ଜଣେ ମହିଳା ଟ୍ରାଫିକ୍ ପୋଲିସଙ୍କର ଭିଡିଓ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ମହିଳା ଅଫିସର ସୋନାଲି ସୋନି ଖୁବ ସ୍ୱତନ୍ତ୍ର ଉପାୟରେ ଲୋକଙ୍କୁ ଟ୍ରାଫିକ୍ କଟକଣା ବିଷୟରେ ବୁଝାଉଛନ୍ତି । ସେ ଏହି ସଚେତନତା କଥା ନୁହେଁ ବରଂ ଗୀତ ମାଧ୍ୟରେ କରୁଛନ୍ତି । ପୂରା ଟ୍ରାଫିକ୍ କଟକଣା ସମ୍ପର୍କରେ ସେ ଗୀତ ମାଧ୍ୟମରେ ଲୋକଙ୍କୁ ନିଜେ ଗାଇ ଶୁଣାଉଛନ୍ତି । ସୋସିଆଲ ମିଡିଆରେ ଏହାର ଭିଡିଓ ବର୍ତ୍ତମାନ ଖୁବ ଭାଇରାଲ ହେଉଛି । ଲୋକମାନେ ତାଙ୍କର ଉପାୟର ପ୍ରଶଂସା କରିବା ସହିତ ଏହା ଏକ ଶିକ୍ଷଣୀୟ ପଦକ୍ଷେପ ବୋଲି ମତ ଦେଇଛନ୍ତି । ସେହିଭଳି ସ୍ଥାନୀୟ ଲୋକମାନେ ମଧ୍ୟ ତାଙ୍କର ଏହି ପଦକ୍ଷେପକୁ ଗ୍ରହଣ କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି ।

## ପହଲଗାମ୍ ଘଟଣାକୁ ନିନ୍ଦା

ଜମ୍ମୁ କଶ୍ମୀରର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାରା ବିଶ୍ୱ ବର୍ତ୍ତମାନ ନିନ୍ଦା କରିବାରେ ଲାଗିଛି । ଏଥିରେ ସାମିଲ ହୋଇଛି ବଲିଉଡ । ବିଟାଉନ୍‌ର ଅନେକ ସେଲିବ୍ରିଟି ଘଟଣାକୁ ନିନ୍ଦା କରିବାରେ ଲାଗିଛନ୍ତି । ସଲମାନ, ଶାହରୁଖ, ଅମିରଙ୍କ ଭଳି ବଡବଡ ଅଭିନେତା ଆଗକୁ ଆସି ଘଟଣାର ନିନ୍ଦା କରିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ସଲମାନ ପୃଥିବାର ସ୍ୱର୍ଗ କାଶ୍ମୀର ବର୍ତ୍ତମାନ ନର୍କରେ ପରିଣତ ହୋଇଛି ବୋଲି ମତ ଦେଇଛନ୍ତି । ବର୍ତ୍ତମାନ ନିର୍ଦ୍ଦୋଷ ଲୋକଙ୍କୁ ଟାର୍ଗେଟ କରାଯାଉଛି, ଯାହା ଅମାନବୀୟ । ସେହିଭଳି ଆମିରଙ୍କ ଟିମ୍ ପକ୍ଷରୁ ମଧ୍ୟ ଘଟଣାର ନିନ୍ଦା କରାଯାଇଛି । ଏହି ଘଟଣା ପୁରା ଦେଶକୁ ସ୍ତବ୍ଧ କରିଛି । ଟିମ୍ ପକ୍ଷରୁ ପୀଡିତଙ୍କ ପରିବାରକୁ ସମବେଦନା ଜଣା ଯାଇଛି । ସେହିଭଳି ଶାହରୁଖ ନିଜର ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଘଟଣାର ଦୃଢ ନିନ୍ଦା କରୁଥିବା ଦେଖିବାକୁ ମିଳିଛି । ପହଲଗାମରେ ଆତଙ୍କବାଦୀମାନେ କ୍ରୁରତାର ସବୁ ସୀମା ଟପି ଯାଇଥିବା ପ୍ରକାଶ କରିଛନ୍ତି । ମନରେ ଥିବା ରାଗ ଓ ଦୁଃଖକୁ ବ୍ୟକ୍ତ କରିବାକୁ ତାଙ୍କ ପାଖରେ ଶବ୍ଦ ନାହିଁବି ବୋଲି ସେ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ସୂଚନା ଅନୁସାରେ ଗତ ଏପ୍ରିଲ ୨୨ ତାରିଖରେ ଆତଙ୍କବାଦୀମାନେ ଜାମ୍ମୁର ପହଲଗାମରେ ୨୭ ଜଣ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଛନ୍ତି ।







### ହାଃହାଃ..ହାଃହାଃ



ବାବା – ହାତ କୁଣ୍ଡାଇ ହେଲେ ଅର୍ଥ ମିଳିବାର ସମ୍ଭାବନା ରହିଛି ।
ଭକ୍ତ – ବାବା ମୋର ଡାହାଣ ହାତ କୁଣ୍ଡାଇ ହେଉଛି ।
ବାବା – ଅର୍ଥ ପ୍ରାପ୍ତିର ଯୋଗ ରହିଛି ।
କିଛି ସମୟ ପରେ
ଭକ୍ତ – ବାବା ମୋର ବାମ ହାତ ସହ ଗୋଡ ବି କୁଣ୍ଡାଇ ହେଉଛି ।
ବାବା – ତୁରନ୍ତ ଯାଇ ଡାକ୍ତର ଦେଖାଇ ଔଷଧ ଖାଅ ।







ପୁରୀରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ପୋଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦୁଇଗୁଣ

# ଓଡ଼ିଶାକୁ ଶାନ୍ତିଶୃଙ୍ଖଳା ରାଜ୍ୟ ଭାବେ ଗଢ଼ିବା ଆମର ଲକ୍ଷ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି । ଏହି ନିଷ୍ପତ୍ତି ଅନୁଯାୟୀ କନଷ୍ଟେବଳ ଠାରୁ ଇନ୍ସପେକ୍ଟର ପର୍ଯ୍ୟନ୍ତ ପୋଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି । ଇନ୍ସପେକ୍ଟର ମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୩୦୦ ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୨୦୦ ଟଙ୍କାରୁ ୮୪୦୦ ଟଙ୍କା, ହାବିଲଦାର, କନେଷ୍ଟବଳ ଓ ସିପାହୀ ମାନଙ୍କ ପାଇଁ ୫୦୦୦ ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀ ମାନଙ୍କ ପାଇଁ ପୋଷାକ ଭତ୍ତାର ପରିମାଣ ବାର୍ଷିକ ୫୯୦୦ ଟଙ୍କାରୁ ୧୧,୮୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ପଦବୀର ସମାନ ର୍ୟାଙ୍କର କର୍ମଚାରୀ ଓ ଅଧିକାରୀ ମାନଙ୍କୁ ମଧ ଏହି ପରିମାଣରେ ଭତ୍ତା ମିଳିବ । ସେହିପରି କନେଷ୍ଟବଳ, ସିପାହୀ ଓ ସମାନ ର୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହାସହିତ ହାବିଲଦାର ଓ ସମାନ ର୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ ଆଜି କନେଷ୍ଟବଳ, ହବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତା ମାନେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର କର୍ମକର୍ତ୍ତାମାନଙ୍କୁ ଦକ୍ଷତାର ସହ ଆଗାମୀ ଦିନ ଗୁଡିକରେ କାର୍ଯ୍ୟ କରିବାକୁ ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏକ ବୈଠକରେ ଉପସ୍ଥିତ ସମସ୍ତ ପୋଲିସ ସେବା କର୍ମଚାରୀ ମାନଙ୍କୁ ରାଜ୍ୟବାସୀଙ୍କ ଆଶା ଓ



ଭରସାର ମାନ ରଖି ଓଡିଶାକୁ ଶାନ୍ତି ଶୃଙ୍ଖଳା କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ । ବିଶେଷକରି, ଅସହାୟ ମାନେ କିଭଳି ଯଥା ଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନ ଦେବା ଓ ସମସ୍ତ ପୋଲିସ ଷ୍ଟେସନରେ ତୁରନ୍ତ ଗ୍ରହଣ ଏବଂ ସେହି ଏଫ୍‌ଆଇଆର ଉପରେ କିଭଳି ଠିକ୍ ସମୟରେ ତଦନ୍ତ କରାଯିବ, ସେଥିପ୍ରତି ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ପୋଲିସ ବାହିନୀକୁ ଦକ୍ଷ ଓ ଶୃଙ୍ଖଳିତ କରି ଗଢିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ବର୍ତ୍ତମାନ ରାଜ୍ୟ ପୋଲିସ ବାହିନୀରେ ପ୍ରାୟ ୧୬ ହଜାର ପଦବୀ ଖାଲି ଥିବାବେଳେ, ଆହୁରି ୧୬, ୦୫୯ଟି ନୂଆ ପଦବୀ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏସବୁ ପଦବୀ ପୂରଣ ହେବା ପରେ ରାଜ୍ୟର ଜନସଂଖ୍ୟା ଅନୁପାତରେ ପୋଲିସର ନିୟୋଜନ ଯଥେଷ୍ଟ ବୃଦ୍ଧି ପାଇବ । ଏହାସହିତ ପୋଲିସ ବାହିନୀକୁ ଅଧିକ ଦକ୍ଷ କରିବା ପାଇଁ ଅଧିକାରୀ ମାନେ ଅନ୍ୟ ରାଜ୍ୟକୁ ଯାଇ, ସେଠାକାର ପରିଚାଳନା ପଦ୍ଧତିକୁ ଅନୁସରଣ କରିବା ଉପରେ ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବୈଠକ ଆରମ୍ଭରେ ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତଭାଷଣ ଦେବା ସହିତ ନିକଟରେ ପୋଲିସ ବାହିନୀର ବିଭିନ୍ନ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । କନେଷ୍ଟବଳ, ହାବିଲଦାର ଓ ସିପାହୀ ମହାସଂଘର ସଭାପତି ଅନିଲ କୁମାର ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ସଂପାଦକ କିଶୋର କୁମାର ମହାନ୍ତି ଓ ଅନ୍ୟ ସଦସ୍ୟ ମାନେ ମଧ ଉପସ୍ଥିତ ଥିଲେ ।

### ଲିଫ୍ଟରେ ଚାପି ହୋଇ ମହିଳା ରୋଗୀଙ୍କ ମୃତ୍ୟୁ

# ମେଡିକାଲ ପରିସରରେ ଉତ୍ତେଜନା

ଭଦ୍ରକ, (ସବ୍ୟୁ): ଜଣେ ଅସୁସ୍ଥ ମହିଳା ରୋଗୀଙ୍କୁ ମେଡିକାଲରେ ଲାଗିଥିବା ଲିଫ୍ଟରେ ୱାର୍ଡକୁ ନିଆ ଯାଉଥିଲାବେଳେ ଲିଫ୍ଟରେ ଚାପି ହୋଇ ମହିଳା ରୋଗୀଙ୍କ ମୃତ୍ୟୁହୋଇଛି ।ଏଭଳି ଏକ ଦୁଃଖଦ ତଥା ଅଭାବନୀୟ ଘଟଣା ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଘଟିଛି। ଏହି ଘଟଣାକୁ ନେଇ ମେଡିକାଲ ପରିସରରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ମେଡିକାଲ ପରିସରରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କ୍ଷତି ପୂରଣ ଦାବିରେ ମୃତକଙ୍କ ପରିବାର ସହିତ ସ୍ଥାନୀୟ ଲୋକେ ଲିଫ୍ଟରୁ ମୃତ ମହିଳାଙ୍କୁ ବାହାର କରି ଦେବାକୁ ଦେଇ ନଥିଲେ। ଶେଷରେ କ୍ଷତିପୂରଣ ରାଶି ଘୋଷଣା ସହିତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ପ୍ରତିଶୃତି ପରେ କିପରି ଉତ୍ତେଜନା ହ୍ରାସ ପାଇଥିଲା।ସୂଚନା ଅନୁଯାଇ, ଗୁରୁବାର ସକାଳ ପ୍ରାୟ ୮ଟା ବେଳେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ରାନ୍ଦିଆ ପଞ୍ଚାୟତ ନରସିଂହପୁର ଗ୍ରାମର ଅଭୟ ପରିଡ଼ାଙ୍କ ସ୍ତ୍ରୀ ମିନତୀ (୪୫)ଙ୍କର ଥଣ୍ଡା, ଜ୍ୱର ହୋଇଥିବାରୁ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିବାର ଲୋକେ ଆଣିଥିଲେ। ଡାକ୍ତର ଦେଖାଇବା ପରେ ସାଲାଇନ ଦେବା ପାଇଁ ମେଡିସିନ୍ ବିଭାଗର ଦୁଇ ତାଲାରେ ଥିବା ମହିଳା ୱାର୍ଡ଼କୁ ଲିଫ୍ଟରେ ନେଉଥିଲେ। ଲିଫ୍ଟ ଭିତରକୁ ଷ୍ଟେଚର୍ ଅଧା ଯାଇଥିବା ବେଳେ ହଠାତ୍ ଲିଫ୍ଟ ଉପରକୁ ଉଠି ଯାଇଥିଲା। ଯାହା ଫଳରେ ତାଙ୍କ ଛାତି ସିଧାରେ ଲିଫ୍ଟରେ ଚାପି ହୋଇ ଦୀର୍ଘ ସମୟ ରହିବାରୁ ମୃତ୍ୟୁ ଘଟିଥିଲା। ଲିଫ୍ଟରେ ତାଙ୍କ ମା ଚାପି ହୋଇଥିବା ବେଳେ ସିକ୍ୟୁରିଟି ଗାର୍ଡ଼ ଓ ଫାଣ୍ଡି କର୍ମଚାରୀ ତାଙ୍କୁ ଛାଡ଼ି ଦେଇ ଦୌଡ଼ି ପଳାଇ ଯାଇଥିବା କହିଛନ୍ତି। ଏହି ଦୁଃଖଦ ଘଟଣା ପରେ ମେଡିକାଲ ପରିସରରେ ମିନତୀଙ୍କ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକମାନେ ହୋହାଲ୍ଲା କରିଥିଲେ। ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ



ନେତୃତ୍ୱରେ ପୋଲିସ ମୁତୟନ କରାଯାଇ ସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ଘଟଣାସ୍ଥଳରେ ଜିଲାପାଳ ଦିଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପହଞ୍ଚି ସେମାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ବୁଝାଶୁଝା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଏହି ଘଟଣାକୁ ନେଇ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୃତ ମହିଳାଙ୍କ ପରିବାର ଲୋକମାନେ ଏଥିପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ଖବରପାଇ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତୁରନ୍ତ ମେଡିକାଲରେ ପହଞ୍ଚି ମୃତ ମହିଳାଙ୍କ ଅବସ୍ଥା ଦେଖିବା ସହିତ ୨୦ଲକ୍ଷ ଟଙ୍କା କ୍ଷତି ପୂରଣ ସହିତ ଘଟଣାର ତଦନ୍ତ ଓ ନୂଆ ଜିଲ୍ଲା ହସ୍ପିଟାଲକୁ ଏହି ଡାକ୍ତରଖାନା ଉଠାଇବାକୁ ଦାବି କରିଥିଲେ।ଗେଲପୁର ଠାରେ ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ବର୍ଷେ ତଳୁ ନିର୍ମାଣ ସରି ସମସ୍ତ କାର୍ଯ୍ୟ ସରିଥିବା ବେଳେ ନୂତନ କୋଠାକୁ ଚିକିତ୍ସାଳୟ କାହିଁକି ସ୍ଥାନାନ୍ତର କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ। ଏନେଇ ବିଧାନସଭାରେ ମଧ ସେ ପ୍ରଶ୍ନ କରିଥିବା କହିଛନ୍ତି । ନୂତନ କୋଠାରେ ସମସ୍ତ ବ୍ୟବସ୍ଥା ଥିବା ବେଳେ ଏହି ପୁରୁଣା କୋଠାରେ ଚିକିତ୍ସା ସେବା ଚାଲିଥିବା ଯୋଗୁଁ ବିଭିନ୍ନ ସମୟରେ ଏପରି ଦୁର୍ଘଟଣା ଘଟୁଛି।

### ପୁରୀ ଅଦାଲତ କୋଠା ସ୍ଥାନାନ୍ତର ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଓକିଲ ସଂଘର ଫେରାଦ



ପୁରୀ, (ସବ୍ୟୁ): ୧୬୦ ବର୍ଷର ପୁରୁଣା କୋର୍ଟ କୋଠା ସ୍ଥାନାନ୍ତର କାହାର ଯୋଜନା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରଶ୍ନ କରିଛନ୍ତି । ପୁରୀ ଅଦାଲତ କୋଠା ସ୍ଥାନୀୟ ତାଳବଣିଆ ସ୍ଥିତ ଆଇ ଟି ଆଇ ନିକଟକୁ ସ୍ଥାନାନ୍ତର ବିରୋଧରେ ପୁରୀ ଓକିଲ ସଂଘ ବିରୋଧ କରି ଆସୁଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ପୁରୀ ଗସ୍ତ କାଳରେ ପୁରୀ ଓକିଲ ସଂଘ କର୍ମକର୍ତ୍ତା ମାନେ ଏ ନେଇ ଦାବୀପତ୍ର ପ୍ରଦାନ କରିଥିଲେ । ଏହି ଆଲୋଚନା କାଳରେ, ଶ୍ରୀ ମାଝି ଏଭଳି ଏକ ଐତିହ୍ୟ କୋଠାକୁ ଉକ୍ତ ସ୍ଥାନରୁ ସ୍ଥାନାନ୍ତର କାହାର ଯୋଜନା ବୋଲି ପଚାରି ଥିଲେ । ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି ପ୍ରସ୍ତାବିତ ଅଞ୍ଚଳରେ ନିର୍ମାଣ ସଂପୂର୍ଣ୍ଣ ବେଆଇନ ଓ ସମ୍ପାଦକ ଶରତ କୁମାର ରାୟଗୁରୁ ଏହା ମେଧା ଶକ୍ତି ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିଥିଲେ ।

ସାସଂଦ ସମ୍ବିତ ପାତ୍ର ଏଭଳି ଐତିହ୍ୟ ନ୍ୟାୟପାଳିକା ସ୍ଥାନାନ୍ତରକୁ କେବଳ ଆଇନଜୀମାନଙ୍କ ବିରୋଧ ନୁହେଁ ସମଗ୍ର ପୁରୀବାସୀଙ୍କ ଅସନ୍ତୋଷ ରହିଛି ବୋଲି କହିଥିଲେ । ପୁରୀ ବିଧାୟକ ସୁନୀଲ ମହାନ୍ତି ଆଇନଜୀମାନଙ୍କ ବିରୋଧ ସମିଚନ ବୋଲି କହିଥିଲେ । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉକ୍ତ ବିଷୟ ଅତି ସମ୍ବେଦନଶୀଳ ବୋଲି କହିବା ସହ ସରକାର ସମସ୍ତ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରତଶ୍ରୁତିକୁ ସେ ଜାହିର କରିଥିଲେ ଏଥିରେ ସଂଘର ସହ ସମ୍ପାଦକ ଅନିଲ କୁମାର ସାହୁ ସମୀର ଘୋଷ, କର୍ଣ୍ଣବୀର ମହାପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତି, ତାପସ ବଳିଆରସିଂହ ସମେତ ବରିଷ୍ଠ ଆଇନଜୀବୀ ସୋମନାଥ ଦାସ, ଦିଗଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ନିର୍ମାଣକୁ ନେଇ ଗଣ୍ଡଗୋଳ : ୨ଗିରଫ

କାକଟପୁର ,(ସବ୍ୟୁ) :କାକଟପୁର ବ୍ଲକ ଅନ୍ତର୍ଗତ ବୋଇତି କୁଦ ଗ୍ରାମ ର ଅନାବାଦୀ ରାସ୍ତା କୁ ନେଇ ଗଣ୍ଡଗୋଳ ଘଟଣାରେ ଗୁରବାର ଦିନ କାକଟପୁର ପୋଲିସ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି।ସେମାନେ ହେଲେ ଭଗବାନ ଦାସ ଙ୍କ ପୁଅ ଲିଟୁ ଦାସ ଏବଂ ଅଜୟ ଦାସ ଙ୍କ ପୁଅ ଦିପୁ ଦାସ ଙ୍କୁ ପୋଲିସ କାଲି ବିଳମ୍ବିତ ରାତ୍ର ରେ ଗିରଫ କରି କୋର୍ଟ ଚାଲାଣ କରିଛ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠେଇଦିଆଯାଇଛି ।ଏହି ଘଟଣାରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବାବେଳେ ଗିରଫ ଭୟରେ ଫେରାର ଅଛନ୍ତି।

### ମହାନଦୀରେ ଗାଧୋଇବା ବେଳେ ଅଘଟଣ

# ଦୁଇ ମୃତ, ଜଣେ ଉଦ୍ଧାର

କଟକ, (ସ୍ୱପ୍ର): ମହାନଦୀରେ ପୁଣି ଘଟିଛି ଅଘଟଣ। ଯୋବ୍ରା ଆନିକଟ ନିକଟରେ ଗୁରୁବାର ଅପରାହ୍ନରେ ୨ ଜଣ ବୁଡ଼ିଯାଇଛନ୍ତି । ଅନ୍ୟଜଣକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛ। ମୃତକମାନେ ହେଲେ ସାଇ ବେହେରା ଓ ପିଙ୍କୁନ୍ ଜେନା। ମହାନଦୀର ଯୋବ୍ରା ଆନିକଟ ନିକଟକୁ ନଦୀକୂଳସାହିର ସାଇ ଓ ପିଙ୍କୁନ୍‌ଙ୍କ ସମେତ ଅନ୍ୟ କିଛି ପିଲା ଗାଧୋଇବାକୁ ଯାଇଥିଲେ। ଅସାବଧାନତା ଯୋଗୁଁ ଏଥିରୁ ସାଇ ଓ ପିଙ୍କୁନଙ୍କ ସମେତ ୩ ଜଣ ପିଲା ଭାସିଯାଇଥିଲେ। କୂଳକୁ ଆସିବା ପାଇଁ ବହୁ ଚେଷ୍ଟା କରି ମଧ ବିଫଳ ହୋଇଥିଲେ। ପିଲମାନେ ବୁଡ଼ି ଯାଉଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଯାଇ ତିନି ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ସେଠାରେ ସାଇ ବେହେରା ଓ ପିଙ୍କୁନ୍ ଜେନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉଦ୍ଧାର ବିଳମ୍ବ ହେବାରୁ ଅକାଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଲା ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି ।



ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦେବ ପ୍ରସାଦ ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଅଧିକାରୀ ଓ କର୍ମଚାରୀମାନଙ୍କ ପକ୍ଷରୁ ତାଙ୍କୁ ଉତ୍ସସ୍ୱିତ ସ୍ୱାଗତ କରାଯାଇଛି ।

## ରମାଦେବୀ ବିଶ୍ୱବିଦ୍ୟାଳୟରେ ଜଳପରିମଳ, ସ୍ୱଚ୍ଛତା କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନୂତନ ପ୍ରେକ୍ଷାଳୟରେ ଜଳ ପରିମଳ ,ସ୍ୱଚ୍ଛତା ଏବଂ ଜଳବାୟୁ ସ୍ଥିରତା ଅଭିନବ ମାଧ୍ୟମରେ ସ୍ଥାୟୀତ୍ୱ ନିର୍ମାଣ ବିଷୟରେ ଏକ ଦୁଇ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ଚଣ୍ଡିଚରଣ ରଥଙ୍କ ଅଧ୍ୟକ୍ଷତାରେ ଯୁବପିଢି ଓ ଲିଙ୍ଗଗତ କୁ ପ୍ରଧାନ୍ୟ ଦେଇ ପ୍ରଯୁକ୍ତି ବିଦ୍ୟା ଓ ସମ୍ପ୍ରଦାୟ ପଦ୍ଧତିକୁ ମାଧ୍ୟମ କରି ସ୍ଥାୟୀତ୍ୱ ନିର୍ମାଣ କରିବା ଆଲୋଚନା ଚକ୍ର ର କେନ୍ଦ୍ରବିନ୍ଦୁ ସାଜିଥିଲା ।

ମୁଖ୍ୟ ଅତିଥି ଭାବେ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଶାସନିକ ଅଧିକାରୀ ଅନୁ ଗର୍ଗ ତାଙ୍କର ବକ୍ତବ୍ୟ ରେ ସୁସ୍ଥ ପରିବେଶ ଗଢିବାରେ ବ୍ୟକ୍ତିମାନଙ୍କର ନିଜସ୍ ସଚେତନା ଓ ସୁରକ୍ଷିତ ଜଳ ଉପରେ ଗୁରୁତ୍ୱ ଆରୋପ କରି ଷ୍ଟଲ ଗୁଡିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଏକ ସକାରାତ୍ମକ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ଜେଣ୍ଡର ଅଧ୍ୟୟନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ପରିଚାଳନା କରିଥିଲେ । ଡ଼ଃ. ଦେବଜାନୀ ଖାଁ ସ୍ୱାଗତ ଭାଷଣ ଓ ଡ଼ଃ. ମଲ୍ଲିକ ବାସୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

## ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟା ରେ ବଡଧରଣର ସ୍କାମ : ୫ ଅଧିକାରୀ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଭାରତୀୟ ନୌ ସେନାରେ ଅଗ୍ନିବୀର ପଦବୀ ପାଇଁ ଚାଲିଥିବା ନିଯୁକ୍ତି ପ୍ରକ୍ରିୟାରେ ବଡ ଧରଣର ସ୍କାମ ଧରା ପଡ଼ିଛି। ଓଡ଼ିଶା , ଉତ୍ତରପ୍ରଦେଶ, ଆଣ୍ଡାମାନ ନିକୋବର ରେ ଥିବା ନୌସେନା ବିଭାଗ ର ଅଧିକାରୀ ମାନେ ଏଥିରେ ସଂପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତ ରୁ ସୂଚନା ପାଇଛି। ବର୍ତ୍ତମାନ ସୁଦ୍ଧା ଜଣେ ଅବସରପ୍ରାପ୍ତ ନୌ ସେନା ଅଧିକାରୀଙ୍କ ସମେତ ମୋଟ ୫ଜଣ ଅଧିକାରୀଙ୍କୁ ଗିରଫ କରିଛି ପୁଲିସ ।

ଆଇଏନ୍‌ଏସ ଚିଲିକା , ଆଣ୍ଡାମାନ ନିକୋବର ଆଇଏନ୍‌ଏସ କେଶରୀ ଏବଂ ଉତ୍ତରପ୍ରଦେଶରୁ ଏହି ଅଧିକାରୀ ମାନଙ୍କୁ ଗିରଫ କରାଯାଇଛି । ଗତ ୨୦୨୪ ମସିହା ନଭେମ୍ବର ମାସ ରେ ୨୦୦ରୁ ଉର୍ଦ୍ଧ୍ୱ ଅଗ୍ନିବିର ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟାରେ ଚାଲିଥିଲା ସ୍କାମ୍। ପରୀକ୍ଷାର୍ଥୀ ମାନଙ୍କୁ ପୋଲିସ ଯାଞ୍ଚ ପ୍ରକ୍ରିୟା , ଡାକ୍ତରୀ ପରୀକ୍ଷା ସହ ଅଗ୍ନିବିର ପଦବୀ ରେ ପାସ କରାଇବା ପାଇଁ ବଡ ଧରଣ ମୋଟା ଅଙ୍କର ଅର୍ଥ କାରବାର ହେଉଥିଲା। ଏହି ରାକେଟ ରେ ନୌ ସେନା ରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ରେ ଅବସ୍ଥାପିତ କିଛି ବରିଷ୍ଠ ଅଧିକାରୀ ସମ୍ପୃକ୍ତ ଥିବା କୁହାଯାଉଛି । ନୌ ସେନାରୁ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ ଫାଇଲ୍ ମଧ ଲିକ୍ ହୋଇଛି। ବର୍ତ୍ତମାନ ସୁଦ୍ଧା ଯେଉଁ ଅଧିକାରୀ ମାନଙ୍କୁ ଗିରଫ କରାଯାଇଛି ସେମାନେ ହେଲେ ପୂର୍ବତନ ନୌସେନା ଅଧିକାରୀ ଭୂଷଣ, ଉତରପ୍ରଦେଶର ସତ୍ୟମ୍ ଚାହାର, ଆଇ ଏନ୍ ଏସ ଚିଲିକାରେ କାର୍ଯ୍ୟରତ ଏମ ସି ଆର୍ଟ -୨ ଅଧିକାରୀ ବିନୟ କୁମାର ରାୟ। ଏତଦ୍ ବ୍ୟତୀତ ଅନ୍ୟ ଦୁଇ ଜଣ ଅଧିକାରୀ ଙ୍କୁ ଗିରଫ କରିବା ଲାଗି ଜିଲ୍ଲା ଏସ ପି ଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଆଣ୍ଡମାନ ନିକୋବର ଯାଇଛନ୍ତି। ସେମାନଙ୍କ ଠାରୁ ୧୨ଟି ବ୍ୟାଙ୍କ୍ ପାସ୍ ବୁକ୍ ସହ ଚାରିଗୋଟି ମୋବାଇଲ ଫୋନ ଜବତ କରାଯାଇଛି । ପ୍ରାୟ କୋଟିଏ ଟଙ୍କା ପାସ ବୁକ୍ ରେ ରହିଛି । ପୋଲିସ ର ଏକ ସ୍ୱତନ୍ତ୍ର ଟିମ୍ ତାହା ଯାଞ୍ଚ କରୁଛି। ଏହି ରାକେଟ ପୂର୍ବରୁ ମଧ ଏହି କାରବାର ରେ ସମ୍ପର୍କିତ ରହି ଆସୁଥିଲେ । ଅଗ୍ନିବିର୍ ପଦବୀ ପାଇଁ ଚାଲିଥିବା ପରୀକ୍ଷା ଏବଂ ଯାଞ୍ଚ ସମୟ ରେ ଆଇ ଏନ୍ ଏସ ଚିଲିକାର ଲେଫ୍ଟ ନାଣ୍ଟ କମାଣ୍ଡର ଆଦିତ୍ୟ ସିଂହଙ୍କ ଠାରୁ ଅଭିଯୋଗ ପାଇ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶ ରେ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନ ରେ ରେଡ କରି ଏହି ଆନ୍ତର୍ଜାତୀୟ ରାକେଟକୁ ଧରିବାରେ ସଫଳ ହୋଇଛି।



## ପ୍ରଦେଶ ଯୁବ କଂଗ୍ରେସ ସଭାପତି ହେଲେ ରଣଜିତ ପାତ୍ର

ଭୁବନେଶ୍ୱର (ସବ୍ୟୁ): ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟ ଭାନୁଚିବ ରଣଜିତ ପାତ୍ରଙ୍କୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ନୂତନ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି । ସେହିଭଳି କାର୍ଯ୍ୟକାରୀ ସଭାପତି ଭାବେ କୃଷ୍ଣ ଚନ୍ଦ୍ର ମହାନ୍ତି ଏବଂ ଗଣେଶ କୁମାର ସାହୁ ନିଯୁକ୍ତି ପାଇଛନ୍ତି। ଉପସଭାପତି ଭାବରେ ରୁକ୍ମଣୀ ମଙ୍ଗରାଜ ଏବଂ ନାରାୟଣ ବାରିକ ନିଯୁକ୍ତି ପାଇଛନ୍ତି। ସେହିଭଳି ସାଧାରଣ ସମ୍ପାଦକ ଭାବେ ନିହାର ରଞ୍ଜନ ବେହେରା, ଅଙ୍କିତ ସଂଘାଇ, ନଳିନୀକାନ୍ତ ନାୟକ, ଗୋପନ ମାର୍ଥା, ଅଭିଜିତ ଜେନା, ଚିନ୍ମୟ କୁମାର ହୋତା, ରାକେଶ କୁମାର ସାହୁ, ମନ୍ଦାକିନୀ ବଣୁଆ, ଶିବ କୁମାର ଅଗ୍ରୱାଲ, ଜ୍ଞାନ ରଞ୍ଜନ ରାଉତ, ସୁଦୀପ ସାମଲ, ସୁରଜ କୁମାର ବେହେରା, ସ୍ମୃତି ରଞ୍ଜନ ମହାନ୍ତି, ବେଣୁପାଣି ଦୁର୍ଗା,



ଜୟପ୍ରକାଶ ବାଦୀ, ସତ୍ୟବ୍ରତ ଜେନା, କେଦାର ଦଳାଇ, କାର୍ତ୍ତିକ ଘଡ଼ାଇ, ସୁବ୍ରତ କୁମାର ବେହେରା, ଅମିତ କୁମାର କୁଅଁର, ସୃଜନିକା ରାଉତ, ରିନା ରାୟ, ରୋଶ୍ନି ଦୀପକ, ବନିତା ଦାସ, ଝିଲ୍ଲି ପ୍ରଧାନ, ସୋନୁ ଶ୍ରୀବାସ୍ତବ, ସେକ ଜାଭେଦ ଅକ୍ତର, ଇମତାଜ ଖାନ ନିଯୁକ୍ତି ପାଇଛନ୍ତି। ସେହିପରି ସମ୍ପାଦକ ଭାବେ ପ୍ରେମଜିତ ମହାନ୍ତି, ନିଳକିଶୋର ଲେଙ୍କା, ହିଂମାଶୁ ଭୂଷଣ ନାୟକ, ସାହାରୁଖ ଖାନ, ପିନାକୀ ନାରାୟଣ ଦାସ, ନିଳାଚଳ ମହାନନ୍ଦ, ବିଶ୍ୱଜିତ ଲେଙ୍କା, ଅଲେଖ କୁମାର ବେଉରା, ପ୍ରତିକ ମହାପାତ୍ର ନିଯୁକ୍ତ ପାଇଛନ୍ତି। ରାଜ୍ୟ ଲିଗାଲ ସେଲର ଅଧକ୍ଷ ଭାବରେ ପ୍ରଦୀପ କୁମାର ସାହୁ ନିଯୁକ୍ତି ପାଇଛନ୍ତି।







ପହଲଗାମ୍‌ରେ ଆତଙ୍କୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ପ୍ରଶାନ୍ତ ଶତପଥୀଙ୍କ ମରଶରୀରକୁ ଭୁବନେଶ୍ୱର ବିମାନବନ୍ଦରରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

### ପୋଲିସ ମୁଖ୍ୟାଳୟ ନିକଟରୁ ଲୁଟ୍ ଘଟଣା

## ତିନି କୁଖ୍ୟାତ ଲୁଟେରା କମିଶନରେଟ୍ ପୋଲିସ୍ ହାତରେ

କଟକ,(ସବ୍ୟୁ): ସହରରେ ଆତଙ୍କ ସୃଷ୍ଟି କରିଥିବା ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି କମିଶନରେଟ ପୋଲିସ । ଗ୍ୟାଙ୍ଗର ତିନି ସଦସ୍ୟଙ୍କୁ ଗିରଫ କରାଯାଇଛି । ବିଡାନାସୀ ବଉଳଛକରେ ରହୁଥିବା ନୟାଗଡ ଫତେଗଡର ବିଚିତ୍ରାନନ୍ଦ ମହାପାତ୍ର(୨୮), ମର୍କତନଗର ସେକ୍ଟର ୬ର ସାଇଶିବ ଜେନା(୧୯) ଓ ହଇରାଣପୁରର ସୁମନ୍ତ ଦାସ(୧୯) । ପୋଲିସ ସେମାନଙ୍କ ନିକଟରୁ ୧୪ ହଜାର ଟଙ୍କା, ବାଇକ ଓ ଗୋଟିଏ ମୋବାଇଲ ଜବତ କରିଛି । ଏହି ଲୁଟେରା ଗ୍ୟାଙ୍ଗ ପୋଲିସ ମୁଖ୍ୟାଳୟ ପଛପଟ, ଦରଘାବଜାର ଓ ମର୍କତନଗରରୁ ସୁନା ଅଳଙ୍କାର ଛିନତାଇ କରିଥିଲା ।

ଏପ୍ରିଲ ୧୭ରେ ଦରଘାବଜାର ଥାନା ଗଙ୍ଗାମନ୍ଦିର ଅଞ୍ଚଳର ସୁନିଲ କୁମାର ମହାନ୍ତି ଝିଅ ଓ ପତ୍ନୀଙ୍କ ସହିତ ରାତିରେ ନେତାଜୀ ଆର୍କେଡ ସାମ୍ନାରେ ଆସୁଥିଲେ । ଦୁଇ ଦୁର୍ବୃତ୍ତ ଏକ ୟାମାହା ଏଫଜେଡ ବାଇକରେ ଆସି ପତ୍ନୀଙ୍କ ସୁନା ହାର ଝାମ୍ପିନେଇଥିଲେ । ଏପ୍ରିଲ ୧୯ ସନ୍ଧ୍ୟାରେ ରାଣୀହାଟ ଅଞ୍ଚଳର ଚନ୍ଦନ କୁମାର ଦାସ ପତ୍ନୀ ରାଧାମଣୀ ସାହୁଙ୍କ ସହିତ କ୍ୟାଣ୍ଟନମେଣ୍ଟ ରୋଡ ଦେଇ ଯାଉଥିଲେ । ପୋଲିସ ମୁଖ୍ୟାଳୟ ପଛପଟ ଗେଟ ସାମ୍ନାରେ ଏକ ବାଇକରେ ତିନି ଦୁର୍ବୃତ୍ତ ଆସି ରାଧାମଣୀଙ୍କ ବେକରୁ ସୁନା ଚେନ ଝାମ୍ପିନେଇଥିଲେ । ୧୯ରେ ମର୍କତନଗର ଫେଜ ୨ ଥାନା ଅଞ୍ଚଳରେ ମଧ୍ୟ ଲୁଟ ହୋଇଥିଲା । ଏହି ତିନିଟି ଘଟଣାରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ପ୍ରମାଣ ପାଇଥିଲା । କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳରେ ପୋଲିସ ମୁଖ୍ୟାଳୟ ପଛପଟ ଗେଟକୁ ମିଶାଇ ଲଗାତର ଦୁଇଟି ଘଟଣା ଘଟିଥିଲା । ତେବେ ପୋଲିସ ତଦନ୍ତ ସମୟରେ ଉପରୋକ୍ତ ତିନି ଜଣ ଲୁଟେରାଙ୍କୁ ଠାବ କରିଥିଲା । ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଗଠନ କରାଯାଇଥିଲା । ଏହି ଟିମ ସିସିଟିଭି ଫୁଟେଜ ଆଧାରରେ ଉପରୋକ୍ତ ତିନି ଲୁଟେରାଙ୍କୁ ଠାବ କରିଥିଲା । ପୋଲିସ ଏହି ଗ୍ୟାଙ୍ଗକୁ ବାନ୍ଧିବା ପରେ ସେମାନଙ୍କ ସିରିଜ ଅପରାଧିକ ରେକର୍ଡ ପାଇଛି । ବିଚିତ୍ରାନନ୍ଦ, ଶୈଶିଭୁ, ସୁମନ୍ତ ବିରୋଧରେ ଦରଘାବଜାର, କ୍ୟାଣ୍ଟନମେଣ୍ଟ, ଫେଜ-୨ ଥାନାରେ ତିନିଟି ଲେଖାଏ ଅପରାଧିକ ମାମଲା ରହିଛି । ଏମାନେ ଏକାଠି ଗୋଟିଏ ବାଇକରେ ସହରରେ ବିଭିନ୍ନ ସମୟରେ ଛିନତାଇ କରୁଥିଲେ । ପୁଲିସ ଘଟଣାର ତଦନ୍ତ ଚଳାଇ ତିନିଜଣଙ୍କୁ ଗିରଫ କରିଥିଲେ ହେଁ,ସେମାନେ ରାଧାରାଣୀଙ୍କଠାରୁ ଲୁଟିଥିବା ହାରକୁ ଠାବ କରାଯାଇପାରିନାହିଁ ।

## ମେ ୧୦ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ (ସବ୍ୟୁ) ଆସନ୍ତା ମେ ୧୦ ତାରିଖ ପୂର୍ବାହ୍ନ ୦୯ ଘଟିକା ସମୟରେ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକା ଆଇନ ସେବା କମିଟି ପରିସରରେ ୨୦୨୫ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ବହୁ ସଂଖ୍ୟାରେ ଜନସାଧାରଣ ଏହି ଲୋକ ଅଦାଲତର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି ।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ ବିଚାରଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି(ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରଧୀନ ମାମଲା ନୁହେଁ ପ୍ରାକ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ ବାଉନ୍ସ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଯଦି କୌଣସି ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବଛ ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ଛ ଏହି ଲୋକ ଅଦାଲତରେ ମକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଏବଂ ଅମଳଯୋଗ୍ୟ ଅଟେ । ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲ୍ଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ କିମ୍ବା ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ରେ ମଧ୍ୟ ଯୋଗାଯୋଗ କରିବାକୁ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି ।

## ତାତି ଆଉ ୨୪ ଘଣ୍ଟା, ୨୭ ରୁ ବଦଳିବ ପାଗ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ କଲବଲ କରୁଛି ଗ୍ରୀଷ୍ମ ପ୍ରବାହ। ୩ରୁ ୪ ଦିନ ହେବ ପଶ୍ଚିମ ଓଡିଶାରେ ପାରଦ ୪୩° ସେଲ୍‌ସିୟସ୍ ତଳକୁ ଖସୁନଥିବା ବେଳେ ଉପକୂଳ ଓଡିଶାରେ ଗୁଳୁଗୁଳି ନାକେଦମ୍ କରୁଛି। ତେବେ ତାତିରେ ଲାଗିବ ବ୍ରେକ୍। ୨୭ ତାରିଖରୁ ବଦଳିବ ପାଗ। କାଳବୈଶାଖୀ ପ୍ରଭାବରେ ତାତି ହ୍ରାସ ପାଇବ। ଏଭଳି ଆକଳନ କରିଛି ପାଣିପାଗ ବିଭାଗ।

ପାଣିପାଗ ବିଭାଗ କହିବା ଅନୁସାରେ ଗୁରୁବାର ମଧ୍ୟ ଝାରସୁଗୁଡାର ତାପମାତ୍ରା ୪୫° ସେଲ୍‌ସିୟସ୍ ତଳକୁ ଖସିନି। ୩ ଦିନ ଧରି ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫° ଉପରେ ରହୁଛି। ଗୁରୁବାର ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର ପାଲଟିବା ସହ ତାପମାତ୍ରା ୪୫.୨° ରେକର୍ଡ କରାଯାଇଛି। ସେହିପରି ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୪.୬°, ଟିଟ୍ଲାଗଡରେ ୪୩°, ସମ୍ବଲପୁର ଓ ସୁନ୍ଦରଗଡରେ ୪୩.୬°, ଅନୁଗୁଳରେ ୪୩.୫° ଏବଂ ଭୁବନେଶ୍ୱରରେ ୩୬.୮° ତାପମାତ୍ରା ରେକର୍ଡ କରାଯାଇଛି।

ଆସନ୍ତାକାଲି (ଶୁକ୍ରବାର) ବଲାଙ୍ଗିର ଓ ସମ୍ବଲପୁର ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ଲାଗି ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ଏହି ଦୁଇ ଜିଲ୍ଲାକୁ ରାତି ସମୟରେ ମଧ୍ୟ ଗରମ ପବନ ମଧ୍ୟ ବୋହିବାର ସମ୍ଭାବନା ଅଛି। ସେହିପରି ସୋନପୁର, ଝାରସୁଗୁଡା, ସୁନ୍ଦରଗଡ, ନୂଆପଡା, ବୌଦ୍ଧ ଓ ବରଗଡ ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଆର୍ଦ୍ର ଓ ଉଷ୍ମ ଲାଗି ସତର୍କତା ଜାରି କରାଯାଇଛି।

୨୬ ତାରିଖରେ ଝାରସୁଗୁଡା, ସମ୍ବଲପୁର, ବୌଦ୍ଧ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବା ବେଳେ ଦକ୍ଷିଣ ଓଡିଶା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହୋଇପାରେ। ୨୭ ତାରିଖରୁ ପାଗ ବଦଳିବ। ଗ୍ରୀଷ୍ମ ପ୍ରବାହ କମିବା ସହ କାଳବୈଶାଖୀ ପ୍ରଭାବ ବଢିବ। ମୟୁରଭଞ୍ଜ, ବାଲେଶ୍ୱର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବାକୁ ଥିବା ବେଳେ ଏଠାରେ ପବନର ବେଗ ୪୦ ରୁ ୫୦ କିମି ରହିପାରେ। ଏହା ସହ କେନ୍ଦୁଝର, ଭଦ୍ରକ, ଦେବଗଡ, ସୁନ୍ଦରଗଡ, ଅନୁଗୁଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡା ସ୍ଥାନେ ଦୁଇ ସ୍ଥାନେ ଝଡ ତୋଫାନ ବର୍ଷା ହୋଇପାରେ ।

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ଭୁବନେଶ୍ୱର, (ସବ୍ୟୁ): କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (ଆଇଏଫ୍‌ପିଆରଆଇ) ର ମିଳିତ ଆନୁକୂଲ୍ୟରେ ଅପ୍ରେଲ ୨୨-୨୩ ତାରିଖରେ ସରକାରୀ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଥିଲେ ଯେ, କୃଷି ନୀତି ନିର୍ଦ୍ଧାରଣରେ ପରିବର୍ତ୍ତନର ଆବଶ୍ୟକ ରହିଛି । ଆଜିର ସମୟରେ ଡାଟା ହେଉଛି ନୂତନ ମୁଦ୍ରା ଭଳି । ଏହାର ସଦୁପଯୋଗ କରି ନୂତନ କୃଷିନୀତି ନିର୍ଦ୍ଧାରଣ କରିପାରିଲେ ଏହା ଆମ କାର୍ଯ୍ୟ କରିବାର କ୍ଷମତା ବୃଦ୍ଧିରେ ସହାୟକ ହେବ । ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ପରିଚାଳନାରେ ତଥ୍ୟର ମୂଲ୍ୟ ଉପରେ ଆଲୋକପାତ କରି କହିଲେ, ସଠିକ ସୂଚନା ସଂଗ୍ରହ କରିବା ହେଉଛି ସମସ୍ୟା ସମାଧାନ କରିବାର ଚାବିକାଠି । ଦକ୍ଷତା ବୃଦ୍ଧି କରିବା ପାଇଁ ଡାଟା ଅତ୍ୟାବଶ୍ୟକ ଏବଂ ଏହି ପ୍ରଶିକ୍ଷଣ ଅଧିକ ପ୍ରଭାବଶାଳୀ, ପ୍ରମାଣ ଭିତ୍ତିକ ନିଷ୍ପତ୍ତି ନେବାରେ ସହାୟକ ହେବ । କୃଷି ଏବଂ ଭୂସ୍ଥାନିକ ଡାଟାସେଟ୍‌ଗୁଡ଼ିକୁ ବୁଝିବା, ବିଭିନ୍ନ କୃଷିଭିତ୍ତିକ ଯୋଜନାର ମନିଟରିଂ ଫ୍ରେମଓ୍ୱାର୍କ ଡିଜାଇନ୍ କରିବା, ପରୀକ୍ଷାମୂଳକ ଏବଂ ଅର୍ଦ୍ଧ-ପରୀକ୍ଷାମୂଳକ ପଦ୍ଧତି ବ୍ୟବହାର କରି କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାଙ୍କନ କରିବା ଏବଂ ସାଟେଲାଇଟ୍ ତଥ୍ୟର ଯୋଜନାରେ ଉପଯୋଗ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କର୍ମଶାଳା ଓଡ଼ିଶା ସରକାର ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଦୃଢ଼ ଏବଂ ନିରନ୍ତର ସହଯୋଗ ଉପରେ ପରିବେଷ୍ଟିତ, ଯାହା ୨୦୨୨ ମସିହାରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ସହିତ ଆରମ୍ଭ ହୋଇଥିଲା ।ଏହି ସହଭାଗୀତା ସୂଚକଗୁଡ଼ିକର ବିକାଶ, ନୀତି ପ୍ରସାର ଏବଂ ଆନୁଷ୍ଠାନିକ ସୁଦୃଢ଼ୀକରଣ ଉପରେ ପର୍ଯ୍ୟବସିତ, ଯାହା ଓଡ଼ିଶାର କୃଷି କ୍ଷେତ୍ରରେ ବୈପ୍ଲବୀକ ପରିବର୍ତ୍ତନ ଆଣିବାରେ ସହାୟକ ହେବ ।



### ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ପଞ୍ଚାୟତିରାଜ ଦିବସ

## ପଞ୍ଚାୟତ ବ୍ୟବସ୍ଥାକୁ ଅମଲାତନ୍ତ୍ର କବଳରୁ ମୁକ୍ତ କରିବା ଜରୁରୀ

ଭୁବନେଶ୍ୱର (ସବ୍ୟୁ): ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ପକ୍ଷରୁ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଛି । ଏହି ସମାରୋହକୁ ଅମିୟ ଭୂଷଣ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧି ମାନଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟ ମହାସଂଘର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।




ଏହି ଅବସରରେ ଦୁଇଟି ପ୍ରସଙ୍ଗକୁ ନେଇ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଗାନ୍ଧିଜୀ ଙ୍କ ଗ୍ରାମ ସ୍ୱରାଜ ଓ ପଞ୍ଚାୟତିରାଜ ବିଷୟ ବସ୍ତୁ ଉପରେ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇ ବିଶିଷ୍ଟ ଲେଖକ ଶ୍ରୀ ଦାଶ ବେନହୁର କହିଲେ ଯେ ପଞ୍ଚାୟତ ବ୍ୟବସ୍ଥା ଭାରତୀୟ ସାମାଜିକ ଓ ରାଜନୈତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହି ଆସିଛି । ଗାନ୍ଧିଜୀ ଙ୍କ ଗ୍ରାମ ସ୍ୱରାଜ ତାକୁ ଏକ ଦିଶା ଦେଖାଇଥିବା ବେଳେ ରାଜୀବ ଗାନ୍ଧୀ ତାକୁ ଅଧିକ ବ୍ୟବସ୍ଥିତ କରିଥିଲେ । ସମ୍ବିଧାନ ର ୭୩ ତମ ସଂଶୋଧନ ଆଇନ ଥିଲା ଦେଶରେ କ୍ଷମତା ବିକେନ୍ଦ୍ରୀକରଣ ର ଏକ ବୈପ୍ଳବିକ ପଦକ୍ଷେପ । ମାତ୍ର ତାହା ଆଜି ଅମଲାତନ୍ତ୍ରର କବଳରେ କବଳିତ । ସେଥିରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ ନକଲେ ଗାଁର ବିକାଶ ସମ୍ଭବ ନୁହଁ । ଅନ୍ୟତମ ବକ୍ତା ଭାବରେ ଯୋଗ ଦେଇ ସଞ୍ଜୀବ ହୋତା କହିଲେ ଯେ ଗ୍ରାମ ସଭା ଓ ପଲ୍ଲୀ ସଭାକୁ ସମ୍ବିଧାନ ଯେଉଁ ଅଧିକାର ଦେଇଛି ତାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାପକ ଜନ ଅନଦୋଳନ ର ଆବଶ୍ୟକତା ରହିଛି । ଡକ୍ଟର ଅରବିନ୍ଦ ବେହେରା ୭୪ ତମ ସମ୍ବିଧାନ ସଂଶୋଧନ ଆଇନ ପ୍ରଣୟନ ସମୟରେ ରାଜୀବ ଗାନ୍ଧୀଙ୍କ ସହିତ ତାଙ୍କର ଆଳାପ ଆଲୋଚନା କୁ ସ୍ମୃତି ଚାରଣ କରିବା ସହିତ ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ରାମଚନ୍ଦ୍ର ଖୁଣ୍ଟିଆ, ପ୍ରସାଦ ହରିଚନ୍ଦନ, କୁନାଲ ବାନାର୍ଜୀ, ବିଶିଷ୍ଟ ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଏହି ଅଧିବେଶନରେ ବକ୍ତବ୍ୟ ରଖିଥିଲେ । ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ର ରାଜ୍ୟ ଅଧକ୍ଷ ଶ୍ରୀ ସୁଦର୍ଶନ ଦାସ ଏହି ଅଧିବେଶନ ରେ ସଭାପତିତ୍ୱ କରିଥିଲେ ।

ପଞ୍ଚାୟତିରାଜ ବନାମ ବାବୁରଝଜ ଶୀର୍ଷକ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନା ରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଆଲୋଚକ ଭାବରେ ରମାଦେବୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ ମାନସ ବେହେରା ଯୋଗ ଦେଇ ରଜ୍ୟଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର ସ୍ୱାୟତ୍ତ ଶାସନ ବ୍ୟବସ୍ଥା କିପରି ଅମଲାତନ୍ତ୍ରର କବଳିତ ହୋଇଛି ତାର ଅବତାରଣା କରିଥିଲେ ଏବଂ ଏଥିରୁ ମୁକ୍ତ ନହେଲେ ବାସ୍ତବ ବିକାଶ ସମ୍ଭବ ହେବ ନାହିଁ ବୋଲି ସତର୍କ କରାଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦେଶ କଂଗ୍ରେସ କମିଟି ର ସଭାପତି ଭକ୍ତ ଚରଣ ଦାସ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଧାର ପାଇଁ ଏକ ବ୍ୟାପକ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ । ଏହି ଅଧିବେଶନରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ର ପୂର୍ବତନ କୁଳପତି ଡ ବିନାୟକ ରଥ ଅତିଥି ଭାବରେ ଯୋଗ ଦେଇଥିଲେ ।


### ଜୁନ ମାସରେ ହେବ ପଞ୍ଚାୟତ ପ୍ରତିନିଧି ମାନଙ୍କ ମହାସମାବେଶ

ସର୍ବସମ୍ମତି କ୍ରମେ ରାଜ୍ୟର ପଞ୍ଚାୟତ ବ୍ୟବସ୍ଥାର ସୁଧାର ଆଣିବା, ଅମଲାତନ୍ତ୍ର କବଳରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ କରିବା ଓ ପଞ୍ଚାୟତ ପ୍ରତିନିଧି ମାନଙ୍କ ଅଧିକାରକୁ ଶବ୍ୟସ୍ଥ କରିବା ପାଇଁ ମେ ୧୧ ତାରିଖରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରିବା ସହିତ ଆସନ୍ତା ଜୁନ ମାସରେ ରେ ଏକ ପଞ୍ଚାୟତ ପ୍ରତିନିଧି ସମାବେଶ କରିବା ପାଇଁ ଆହ୍ୱାନ ଦିଆଯାଇଛି ।

### ଟାଇମ୍ସ ହାଇଅର ଏଜୁକେସନ୍ ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗ ପ୍ରକାଶ

## ଏସିଆର ଶ୍ରେଷ୍ଠ ୧୮୪ତମ ସ୍ଥାନରେ କିଟ୍

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍ସ ହାଇଅର ଏଜୁକେସନ୍' ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗ ପ୍ରକାଶ ପାଇଛି । ବୁଧବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗରେ ପୂର୍ବବର୍ଷଗୁଡ଼ିକ ଭଳି ଏବର୍ଷ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅତି ଉନ୍ନତ ପ୍ରଦର୍ଶନ କରିଛି । ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୮୪ ତମ ସ୍ଥାନରେ ରହିଛି । ଏହା ସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୮ମ ସ୍ଥାନରେ ରହିଥିବା ବେଳେ ସମଗ୍ର ଉତ୍ତର ଓ ପୂର୍ବ ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି । ଗତବର୍ଷ ଏହି ରାଙ୍କିଙ୍ଗରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୯୬ତମ ସ୍ଥାନରେ ରହିଥିଲା । ଏହା ସହିତ ଟାଇମ୍ସ ହାଇଅର ଏଜୁକେସନ୍ ଦ୍ୱାରା କରାଯାଇଥିବା ସ୍ପୋର୍ଟସ ସାଇନ୍ସ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି । ଚଳିତବର୍ଷ କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ବିଭିନ୍ନ ଆଇଆଇଟି, ଏନଆଇଟି ଓ ଆଇଆଇଆଇଟି ଭଳି ଦେଶର ଲବ୍ଧ ପ୍ରତିଷ୍ଠିତ ଉଚ୍ଚତର ଶିକ୍ଷାନୁଷ୍ଠାନକୁ ପଛରେ ପକାଇ କରି ଉନ୍ନତ ପ୍ରଦର୍ଶନ କରିପାରିଛି । ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ରାଙ୍କିଙ୍ଗ କରାଯାଇଥିଲା । ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍ସ ହାଇଅର୍ ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି । କିଟ୍ ମାତ୍ର ୨୭ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୧ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୮ମ ଓ ଏସିଆରେ ୧୮୪ତମ ସ୍ଥାନରେ ରହି ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିପାରିଛିଛ ଏହି ସଫଳତା ପାଇଁ କିଟ୍ ଓ କିସ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହ ଆଗାମୀ ଦିନରେ କିଟ୍ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା ପୋଷଣ କରିଛନ୍ତି । ଟାଇମ୍ସ ହାଇଅର ଏଜୁକେସନ ଦ୍ୱାରା କରାଯାଉଥିବା ବିଭିନ୍ନ ରାଙ୍କିଙ୍ଗ ସମେତ କ୍ୟୁଏସ୍ ରାଙ୍କିଙ୍ଗ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ବିଶ୍ୱ ରାଙ୍କିଙ୍ଗରେ ନିରନ୍ତର ଭାବରେ ସ୍ଥାନ ପାଇବା ସହ ପ୍ରମୁଖ ଅନ୍ତର୍ଜାତୀୟ ମାନ୍ୟତା ହାସଲ କରି କିଟ୍ ବିଶ୍ୱବିଦ୍ୟାଳୟ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛି ଛ ଏହି ମାନ୍ୟତା କିଟ୍‌କୁ ଉଚ୍ଚଶିକ୍ଷାରେ ଉତ୍କର୍ଷତା ଭାବେ ପ୍ରମାଣିତ କରୁଛି ।



## ରାସ୍ତା କଡକୁ ଓଲଟିଲା କାର : ୮ ଆହତ

ବାରଙ୍ଗ,(ସବ୍ୟୁ) :ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ବାଙ୍କ ନିକଟରେ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା କଡକୁ ଏକ ସ୍କର୍ପିଓ ଗୁରୁବାର ସକାଳ ୮ଟା ସୁଦ୍ଧା ଓଲଟି ପଡ଼ିଛି। ପ୍ରକାଶଯେ, ଅନୁଗୋଳ ଛେଳିଆପଡା ଗ୍ରାମର କୁମର ମୁଦୁଲି ନାମକ ବ୍ୟକ୍ତି ପରିବାର ସହ ଓଆର ୦୪ଡି ୭୭୨୭ ନମ୍ବର ସ୍କର୍ପିଓ କୁ ନିଜେ ଚଳାଇ ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଉଥିଲେ। ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ଷଣ୍ଢପୁର ବାଙ୍କ ନିକଟ ହମ୍ପସରେ କାରଟି ପଡିଯିବାରୁ ଗାଡି ଆଗରେ ଥୁଆ ହୋଇଥିବା ପାଣି ବୋତଲଟି କୁମରଙ୍କ ଗୋଡ଼ ପାଖକୁ ପଳାଇ ଆସିଥିଲା।ପାଣି ବୋତଲକୁ ଗୋଡ଼ ପାଖରୁ ଆଣିବା ବେଳେ ସ୍କର୍ପିଓଟି ଭାରସାମ୍ୟ ହରାଇ ମୁଖ୍ୟରାସ୍ତା କଡ଼କୁ ଓଲଟି ପଡ଼ିଥିଲା।ସ୍କର୍ପିଓରେ ଥିବା ୮ଜଣ ଆହତ ହୋଇଥିବା ବେଳେ ସମସ୍ତେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଗାଡ଼ିରୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ।ପରେ ପ୍ରାଥମିକ ଚିକିତ୍ସା ହୋଇ କୁମରଙ୍କ ପରିବାର ଲୋକେ ଅନ୍ୟଏକ ଗାଡ଼ିରେ ପୁରୀ ନଯାଇ ନିଜ ଘର ଅନୁଗୋଳ ଛେଳିଆପଡା ଗ୍ରାମକୁ ଫେରି ଯାଇଥିଲେ। ଗୋଡିସାହି ଫାଣ୍ଡି ପୁଲିସ ଦୁଘଟଣାଗ୍ରସ୍ତ ଗାଡ଼ିଟିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।

### ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଆଇଏମସି

## ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାରରେ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ଯାଜପୁର ୟୁନିଟ୍ ଉତ୍ପାଦନ ବର୍ଗରେ ପ୍ରତିଷ୍ଠିତ ଆଇଏମସିରାମକୃଷ୍ଣ ବଜାଜ ଜାତୀୟ ଗୁଣବତା ପୁରସ୍କାର ୨୦୨୪ରେ ପ୍ରଦର୍ଶନ ଉତ୍କର୍ଷତା କ୍ଷେତ୍ରରେ ସମ୍ମାନିତ ହୋଇଛି । ୨୩ ଏପ୍ରିଲ, ୨୦୨୫ରେ ମୁମ୍ବାଇର ଆଇଏମସିଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଗୁଣବତା, ନବସୃଜନ, ଗ୍ରାହକ-କେନ୍ଦ୍ରିକତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ଜିନ୍ଦଲ ଷ୍ଟେନଲେସର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି । ବିଶ୍ୱସ୍ତରୀୟ ପ୍ରସିଦ୍ଧ ମାଲକମ୍ ବାଲଡ୍ରିଜ୍ ଜାତୀୟ ଗୁଣବତା ପୁରସ୍କାର ଢାଂଚା ଉପରେ ଆଧାରିତ, ଏହି ମାନ୍ୟତା ଭାରତୀୟ ଉତ୍ପାଦନରେ ଉତ୍କର୍ଷତା ପାଇଁ ଏକ ମାନଦଣ୍ଡ ଭାବରେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରୁଛି ।

୧୯୯୬ରେ ପ୍ରତିଷ୍ଠିତ, ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର ହେଉଛି ଭାରତର ପ୍ରମୁଖ ଗୁଣବତ୍ତା ପୁରସ୍କାର ମଧ୍ୟରୁ ଗୋଟିଏ, ଯାହା ନେତୃତ୍ୱ, ଗ୍ରାହକ ଧ୍ୟାନ ଏବଂ ବ୍ୟବସାୟିକ ଫଳାଫଳ ଉପରେ ସଂଗଠନଗୁଡ଼ିକର ମୂଲ୍ୟାଙ୍କନ କରେ। ଏହାର କଠୋର, ବିଶ୍ୱସ୍ତରୀୟ ସମନ୍ୱିତ ମୂଲ୍ୟାଙ୍କନ ପ୍ରକ୍ରିୟା ସହିତ, ପୁରସ୍କାର ଏକ ସମ୍ମାନଜନକ ଶିଳ୍ପ ମାନଦଣ୍ଡ ଭାବରେ କାର୍ଯ୍ୟ କରେ। ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ଏହାର ଦୃଢ଼ ସିଷ୍ଟମ, ଲୋକ-ଚାଳିତ ସଂସ୍କୃତି ଏବଂ ନିରନ୍ତର ଉନ୍ନତି ଉପରେ ସ୍ଥିର ଧ୍ୟାନ ପାଇଁ ସମ୍ମାନିତ ହୋଇଛି। ଏହି ସଫଳତା ଉପରେ ମତ ଦେଇ, ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, 'ଆମେ ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତା ପ୍ରଦର୍ଶନ ଉତ୍କର୍ଷତା ପୁରସ୍କାରପାଇଧନ୍ୟ ମନେ କରୁଛୁ । ଏହି ମାନ୍ୟତା ଆମ ଦଳର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଗ୍ରାହକ ମୂଲ୍ୟ ପାଇଁ ନିର'ର ପ୍ରୟାସର ଏକ ପ୍ରମାଣ। ଏହା ଷ୍ଟେନଲେସ ଷ୍ଟିଲ୍ ଶିଳ୍ପକ୍ଷେତ୍ରରେ ଉଦାହରଣ ଦେଇ ନେତୃତ୍ୱ ନେବା ଏବଂ ଗୁଣବତା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ ଆମର ଲକ୍ଷ୍ୟକୁ ସୁଦୃଢ଼ କରୁଛି । ଆମେ ଏହି ସଫଳତାକୁ ଆମର କର୍ମଚାରୀ, ଅଂଶୀଦାର ଏବଂ ଗ୍ରାହକମାନଙ୍କୁ ଉତ୍ସର୍ଗ କରୁଛୁ ଯେଉଁମାନେ ଆମର ଗୁଣବତା ଯାତ୍ରାର ଅବିଚ୍ଛେଦ୍ୟ ଅଂଶୀଦାର ।



# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବଙ୍କ ମୟୁରଭଞ୍ଜ ଗସ୍ତ

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା




ବାରିପଦା, (ସବ୍ୟୁ): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ମୟୁରଭଞ୍ଜ ଜିଲ୍ଲା ଦାୟିତ୍ୱରେ ଥିବା ଶାସନ ସଚିବ, ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁରେଶ କୁମାର ବଶିଷ୍ଠ ମୟୁରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଗୁରୁବାର ସକାଳେ କ୍ଷେତ୍ର ପରିଦର୍ଶନରେ ବିଭିନ୍ନ ସ୍ଥାନକୁ ଯାଇ ଜିଲ୍ଲାର ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରି ହେଉଥିବା ସରକାରୀ ଯୋଜନାର ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟ ଗୁଡିକର ଅଗ୍ରଗତିର ସମୀକ୍ଷା କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ କ୍ରମରେ ଶ୍ରୀ ବଶିଷ୍ଠ ପ୍ରଥମେ ମୋରଡା ବ୍ଲକ ଅଧିନସ୍ଥ କାନ୍ଦଣା ଠାରେ ଲୋକଙ୍କ ଜୀବନ ଜୀବିକା ଉନ୍ନତି ପାଇଁ ସମ୍ବନ୍ୱିତ ବହୁମୁଖୀ କୃଷି ଫାର୍ମିଙ୍ଗର କାର୍ଯ୍ୟ ଅନୁଧ୍ୟାନ କରିଥିଲେ ଏବଂ କାନ୍ଦଣା ଗ୍ରାମକୁ ଯାଇ ସେଠାକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ଭେଟିବା ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ପରେ ଚିକିଟାମାଟିଆ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରୀମାନଙ୍କ ସହିତ ଭାବବିନିମୟ କରିଥିଲେ। ସେଠାରୁ ନୁହାଝାଲିଆ ଜିପି ଅନ୍ତର୍ଗତ ବଡ଼ଶୋଳ ପଲଟ୍ରି ଫାର୍ମକୁ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ କୋଷ୍ଠା ସିଏଚସିକୁ ଯାଇ ଆୟୁଷ୍ମାନଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା /ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଅପରାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲାରେ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ମୂଳକ ସରକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ, ଅନ୍ତୋଦ୍ୟୋୟ ଗୃହ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା -ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ, ନୂତନ ରାସନ କାର୍ଡର ଇ-କେୱାଇସି ସ୍ଥିତି, ସୁଭଦ୍ରା ହିତାଧିକାରୀ, ଗ୍ରାମୀଣ ସ୍ୱଚ୍ଛତା, ସ୍ୱଚ୍ଛ ଭାରତ ମିଶନ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ଗ୍ରାମୀଣ ବିଦ୍ୟୁତ ଯୋଜନା, ପାନୀୟ ଜଳ ଯୋଗାଣ, ସେତୁ ବନ୍ଧନ ଯୋଜନା, ଗୋକୁଳ ମିଶନ, ପିଏମଶ୍ରୀ ବିଦ୍ୟାଳୟ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଶିଳ୍ପ ବିଭାଗର ବିଭିନ୍ନ ଯୋଜନା ବିଷୟରେ ସମୀକ୍ଷା କରି ସମସ୍ତ ଅଧିକାରୀମାନଙ୍କୁ ମିଶନ ମୋଡ଼ରେ ନିଜ ନିଜ ଦାୟିତ୍ୱ ତୁଲାଇ ନିଜନିଜ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡିକର ସୁଫଳ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମା ନନ୍ଦ ବେହେରା, ଏପିଡି ଶାନ୍ତନୁ କୁମାର ନାୟକ ଯୋଗ ଦେଇଥିବା ବେଳେ ଓ୍ୱାଡସିର ଟିମ ଲିଡର ନିହାର କାନ୍ତ ସାହୁ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତକୁ ଜାମିନ

ବ୍ରହ୍ମପୁର, (ସବ୍ୟୁ): ଜନୈକା ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ଜାମିନ ମିଳିଛି। ପୋକସ ଜଜ୍ ପ୍ରଣତି ପଟ୍ଟନାୟକ ଗୁରୁବାର ବେଗୁନିଅପଡା ଅଞ୍ଚଳର ରାକେଶ କୁମାର ସେଠୀଙ୍କୁ (୨୨) ଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରକାଶଯେ, ଉକ୍ତ ରାକେଶ ଜନୈକା ୧୪ ବର୍ଷର ନାବାଳିକାଙ୍କୁ ଗତ ଫେବୃଆରୀ ୩ ତାରିଖରେ ଅପହରଣ କରି ନେଇ ଯାଇଥିଲେ। ପିଡ଼ିତାଙ୍କ ବାପା ଏନେଇ ବେଗୁନୁଆପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫୭/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ୧୦ଦିନ ପରେ ପୋଲିସ ପିଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ମଧ୍ୟ କାବୁ କରିଥିଲା। ପିଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରାଯାଇଛି। ପିଡିତା ତାଙ୍କ ବୟାନ ଅନୁଯାୟୀ ପୋଲିସ ରାକେଶ ସେଠୀଙ୍କୁ ବଳାତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ରାକେଶ ଜେଲରେ ଥିଲେ। ପୋକୋସୋ କୋର୍ଟରେ ତାଙ୍କ ଜାମିନ ଆବେଦନ କରାଯାଇଥିଲା। ଗୁରୁବାର ଜଜ ଉକ୍ତ ଜାମିନ ମଞ୍ଜୁର କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ସୁରେନ୍ଦ୍ର ବେହେରା, ପବନ କୁମାର ଓ ଦମୟନ୍ତି ସେଠୀ ମକଦ୍ଦମା ପରିଚାଳନା କରିଥିଲେ।

## ବେଆଇନ ମଦ-ପୋଚ ନଷ୍ଟକଲା ଅବକାରୀ ପୋଲିସ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଅବକାରୀ ଥାନା ଅନ୍ତର୍ଗତ ନାହାଡୋଟା ସାହି ନିକଟ ନଦୀ ରାସ୍ତା ପାର୍ଶ୍ୱରେ ବେଆଇନ ମଦ ପ୍ରସ୍ତୁତ ହେଉଥିବା ବେଳେ ଚଢ଼ାଉ କରି, ଭଞ୍ଜନଗର ଅବକାରୀ ଥାନା ପୋଲିସ ୧୫୩୦ ଲିଟର ପୋଚ ନଷ୍ଟ କରି, ୮୦ଲିଟର ମଦ ଜବତ କରିଥିବା ଅବକାରୀ ଥାନା ଅଧିକାରୀ ଡମ୍ବୁରୁଧର ହରିଜନ ସୁଚନା ଦେଇଛନ୍ତି । ଏହି ଥାନା ଅଞ୍ଚଳରେ ବେଆଇନ ଭାବେ ମଦ ପ୍ରସ୍ତୁତ ହେଉଥିବା ସଂକ୍ରାନ୍ତରେ ଖବର ପାଇ ଭଞ୍ଜନଗର ଅବକାରୀ ଥାନା ପୁଲିସ ଆଜି ଚଢାଉ ଜାରି ରଖିଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେନ୍ଦ୍ର ଜେନାଙ୍କ ପରାମର୍ଶ କ୍ରମେ ଅବକାରୀ ଥାନା ଅଧିକାରୀ ଡମ୍ବୁରୁଧର ହରିଜନ ଅବକାରୀ ଉପ-ନିରୀକ୍ଷକ ଅଲ୍ଲିଭା ମାଝି, ଏଏସଆଇ ବହୁମୂଲ୍ୟ ପରିଛା, ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ଥିଲେ ।ଚଢାଉ ସମୟରେ ବିପୁଳ ପରିମାଣର ପୋଚ ଗୁଡିକୁ ନଷ୍ଟ କରାଯାଇଛି ।

## ନାଁ କୁ ଜଳଛତ୍ର, ହେଲେ ଜଳ ନାହିଁ

ଧରାକୋଟ, (ସବ୍ୟୁ): ସଂପ୍ରତି ଗ୍ରୀଷ୍ମର ପ୍ରଭାବ ଦିନକୁ ଦିନ ବଢୁଥିବା ବେଳେ ସାଧାରଣ ଜନତା ଏଥିରେ ଅତିଷ୍ଠ ହୋଇ ପଡିଲେଣି । ଧରାକୋଟ ଅଞ୍ଚଳରେ ଦିନର ତାପମାତ୍ରା ୪୨ ଡିଗ୍ରୀରେ ପହଞ୍ଚି ଲାଣି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ପଞ୍ଚାୟତ ତରଫରୁ ଛକ ଜାଗା ଗୁଡିକରେ ଜଳଛତ୍ର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜଗମୋହନ ପଞ୍ଚାୟତ ତରଫରୁ ପୁଟୁ, ନନ୍ଦିଗୋର ଓ ଜଗମୋହନରେ ଜଳଛତ୍ର ଖୋଲାଯାଇଛି । କିନ୍ତୁ କୌଣସି ସ୍ଥାନରେ ଜଳପୂର୍ଣ୍ଣ କଳସୀ ଦେଖିବାକୁ ମିଳୁନି। ପଞ୍ଚାୟତ ପକ୍ଷରୁ କେବଳ ଔପଚାରିକ ଭାବେ ଏହାକୁ ଖୋଲାଯାଇ ପଞ୍ଚାୟତ ପାଣ୍ଠିରୁ ଅର୍ଥ ଖର୍ଚ୍ଚ ହେଉଥିଲେ ମଧ୍ୟ ବାସ୍ତବଚିତ୍ର ଓ ଉଦ୍ଦେଶ୍ୟ କିନ୍ତୁ ଅଲଗା ବୋଲି ଅଭିଯୋଗ ହେଉଛି । ଏହି ଜଳଛତ୍ର ଗୁଡ଼ିକର ଦେଖାଶୁଣା କରିବାକୁ ପଞ୍ଚାୟତ ବୋଧେ ଭୁଲିଯାଇଛି । ଯାହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି ।

## ରେଳଷ୍ଟେସନରେ ଅଟୋ ଚାଳକଙ୍କୁ ହତ୍ୟା ମାମଲା

## ମଉଜ ମିଶ୍ରଙ୍କୁ ଆଜୀବନ ସଜା

ବ୍ରହ୍ମପୁର, (ସବ୍ୟୁ): ୨୦୦୬ରେ ବ୍ରହ୍ମପୁର ରେଳ ଷ୍ଟେସନ ସମ୍ମୁଖରେ ଗଣେଷ ସାହୁ ହତ୍ୟା ମାମଲାରେ ଗଞ୍ଜାମ ଜିଲା ଓ ଦୌରା ଜଜ୍ ରୂପଶ୍ରୀ ଚୌଧୁରୀ ତାଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୀର୍ଘ ବର୍ଷ ଧରି ପୋଲିସ ଆଖିରେ ଧୂଳି ଦେଇ ଫେରାର ରହିଥିବା ବ୍ରହ୍ମପୁର ନେହରୁନଗରର ପୁରୁଣା ଅପରାଧୀ ସତିଶ କୁମାର ମିଶ୍ର ଓରଫ ମଉଜ ମିଶ୍ର କାବୁ ହେବାର ମାତ୍ର କିଛି ଦିନ ଭିତରେ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଏହି ହତ୍ୟା ମାମଲାରେ ମୋଟ ୬ ଜଣ ଅଭିଯୁକ୍ତ ରହିଥିଲେ । କୋର୍ଟ ପୂର୍ବରୁ ୫ ଜଣ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମରେ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିସାରିଥିଲା। ୨୦୦୬ ମସିହା ବେଳକୁ ବ୍ରହ୍ମପୁର ରେଳଷ୍ଟେସନର ଅଟୋ ଷ୍ଟାଣ୍ଡକୁ ନେଇ ନେହୁରୁନଗର ୧୦ମ ଲାଇନର ଗଣେଷ ସାହୁ ଓ ତାଙ୍କ ଭାଇ ମୋହନ ସାହୁ ସହିତ ଅଭିଯୁକ୍ତ ମଉଜ ମିଶ୍ର ଓ ତାଙ୍କ ଗୋଷ୍ଠୀ ବିବାଦ ରହିଥିଲା । ସେହିବର୍ଷ ଅକ୍ଟୋବର ୬ ତାରିଖରେ ଗଣେଷ ସାହୁ ରେଳଷ୍ଟେସନ ସମ୍ମୁଖ ଅଟୋଷ୍ଟୋଣ୍ଡରେ ଥିବା ବେଳେ ୬ ଜଣ ଅଭିଯୁକ୍ତ ସେଠାରେ ପହଞ୍ଚି ତାଙ୍କ ଉପରକୁ ବୋମା ମାଡ କରିଥିଲେ । ସେ ଦୌଡି ପଳାଇବାରୁ ଅଭିଯୁକ୍ତମାନେ ତାଙ୍କୁ ଗୋଡାଇ ଖଣ୍ଡାରେ ଆକ୍ରମଣ କରିଥିଲେ । ଗୁରୁତର ଗଣେଷଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଘଟଣାକୁ ନେଇ ଗଣେଷଙ୍କ ଭାଇ ମୋହନ ସରକାରୀ ରେଳବାଇ ଥାନା(ଜିଆରପି)ରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୨୫/୦୬) ରୁଜୁ କରି ତଦନ୍ତ କରିଥିଲା । ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ୨୦୦୭ରେ ପ୍ରଥମେ ନହୁରୁନଗର ୪ର୍ଥ ଲାଇନର ସୀମାଞ୍ଚଳ ବେହେରାଙ୍କୁ ଗିରଫ କରିଥିଲା । ୨୦୧୧ ବେଳକୁ ମୁରଲୀ ବେହେରା, କାଳିଆ ବେହେରା, ପୂର୍ଣ୍ଣ ବେହେରାଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇବା ପରେ କୋର୍ଟ ସମସ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ୨୦୨୩ରେ ଅନ୍ୟତମ ଅଭିଯୁକ୍ତ ଶଙ୍କର ବେହେରାଙ୍କୁ ମଧ୍ୟ ଆଜୀବନ ଜେଲ ଦଣ୍ଡ ହୋଇଥିଲା । ହେଲେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ମଉଜ ମିଶ୍ର ୨୦୧୬ ପରଠାରୁ ପୁଲିସ ଆଖିରେ ଧୂଳି ଦେଇ ଖୋର୍ଦ୍ଧାର ଜଟଣୀରେ ଲୁଚି ରହିଥିଲେ । ତାଙ୍କ ନାମରେ ଗୋସାଇଁ ନୂଆଗାଁ ଶାନ୍ତି ମିଶ୍ର ହତ୍ୟା ମାମଲା ମଧ୍ୟ ରହିଥିଲା । ବ୍ରହ୍ମପୁର ପୁଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଥିବା ମଉଜ ମିଶ୍ରଙ୍କୁ କାବୁ କରିବାକୁ ବ୍ରହ୍ମପୁର ପୁଲିସ ଜିଲାର ଏକ ଟିମ ଜଟଣୀ ଯାଇ ନିଜ ବେଶ ବଦଳାଇ ରହିଥିଲେ । ବହୁ ବର୍ଷ ପରେ ସେଠାରୁ ତାଙ୍କୁ କାବୁ କରାଯିବା ପରେ ବ୍ରହ୍ମପୁର ଆଣି କୋର୍ଟ ଚାଲାଣ କରାଯାଇଥିଲା । ଏହାପରେ ଜିଲା ଅଦାଲତରେ ଗଣେଷ ସାହୁ ହତ୍ୟା ମାମଲାର ବିଚାରଣ ହୋଇ ଆଜି ଜିଲା ଜଜ୍ ଉଭୟ ମିଶ୍ରଙ୍କୁ ଆଜୀବନ ଜେଲ ଦଣ୍ଡ ଶୁଣାଇଥିଲେ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

## ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା

ଛତ୍ରପୁର, (ସବ୍ୟୁ): ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ପହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହିତ ଗୁରୁବାର ଅପରାହ୍ନରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ପ୍ରେସ କ୍ଲବର ନିଜସ୍ୱ କାର୍ଯ୍ୟାଳୟ ଠାରେ ସଭାପତି ରବିନ୍ଦ୍ର ନାଥ ପଣ୍ଡାଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି । ଜମ୍ମୁ-କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଅନେକ ପର୍ଯ୍ୟଟକ ଶହୀଦ ହୋଇଛନ୍ତି । ଏଥିସହ ଅନେକ ଆହତ ହୋଇ ଏବେ ବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଶହୀଦମାନଙ୍କ ସ୍ମୃତିରେ ପ୍ରେସ କ୍ଲବର କର୍ମକର୍ତ୍ତା ଓ ସଭ୍ୟ ମାନେ ଗଭୀର ଶୋକ ପ୍ରକଟ କରିବା ସହ ଆତଙ୍କୀଙ୍କ ବର୍ବରୋଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ।

## ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସହ ଅନ୍ୟାନ୍ୟ ଦାବି

## ତୃତୀୟ ଦିନରେ ଆନ୍ଦୋଳନ : ଦାବି ପୂରଣ ନହେଲେ ହେବ ରାଜରାସ୍ତା ଅବରୋଧ




ଛତ୍ରପୁର, (ସବ୍ୟୁ) : ଛତ୍ରପୁର ଉପକଣ୍ଠ ଆଇଆର୍ଇଏଲ୍ ଏବଂ ଗୋପାଳପୁର ବନ୍ଦରରେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ପ୍ରଦାନ କରିବା, ବାୟୁ ପ୍ରଦୂଷଣ ରୋକିବା, ଟ୍ରାଫିକ ସମସ୍ୟାର ସମାଧାନ କରିବା ଓ କୃଷି କ୍ଷତି ରୋକିବା ଦିଗରେ କାର୍ଯ୍ୟ କରିବା ସମେତ ବିଭିନ୍ନ ଦାବୀ ନେଇ ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ତୃତୀୟ ଦିନରେ ପହଞ୍ଚିଛି । ଏନେଇ ଗୋପାଳପୁର ପୋର୍ଟ ଛକ ( ଢୁଗୁଲୁ ) ନିକଟରେ କଣମଣା, ଆର୍ଯ୍ୟପଲ୍ଲୀ, ଶ୍ରୀରାମଚନ୍ଦ୍ରପୁର ପଂଚାୟତର ମହିଳାମାନେ ଧାରଣା ଦେଇଛନ୍ତି। ସେମାନଙ୍କ ଦାବୀ ଗୁଡିକ ଯଥାଶୀଘ୍ର ପୂରଣ ନହେଲେ ଆନ୍ଦୋଳନକୁ ଆହୁରି ତୀବ୍ରତର ସହ ରାଜରାସ୍ତା ଅବରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ କାର୍ଯ୍ୟକାରୀ କରାଯାଉ ଏବଂ ବାସିନ୍ଦାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା, ଭିଡ଼ ଏବଂ ଦୁର୍ଘଟଣା ହ୍ରାସ କରିବା ପାଇଁ ରାସ୍ତା ବୃଦ୍ଧିକରଣ କରାଯାଉ ଏବଂ ଟ୍ରାଫିକ୍ ପରିଚାଳନାରେ ଉନ୍ନତି କରାଯାଉ, ରାସାୟନିକ ବିସ୍ଫୋରଣ ରୋକିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଅକାରଣରେ ମୃତ୍ୟୁକୁ ରୋକିବା ଏବଂ ଜୀବନକୁ ସୁରକ୍ଷା ଦେବା ପାଇଁ କଠୋର ସୁରକ୍ଷା ବ୍ୟବସ୍ଥା କରିବା, ରାସାୟନିକ ଜଳ ଦ୍ୱାରା ପ୍ରଭାବିତ ସ୍ଥାନୀୟ ଚାଷୀମାନଙ୍କୁ ସହାୟତା ପ୍ରଦାନ କରନ୍ତୁ ଏବଂ ଚାଷ କାର୍ଯ୍ୟ କରି ଜୀବନ ଯାପନ କରୁଥିବା ଚାଷୀଙ୍କ କ୍ଷତି ରୋକିବା ପାଇଁ ଉନ୍ନତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସେମାନେ ଦାବି କରିଛନ୍ତି । ଏହି ଆନ୍ଦୋଳନରେ ଆଞ୍ଚଳିକ ବିକାଶ ମଞ୍ଚର ସଭାନେତ୍ରୀ ନୀଳାଦ୍ରି ପ୍ରଧାନ, ସମ୍ପାଦିକା ସୁଧା କର, ସମାଜସେବୀ ଭାଗିରଥି ବେହେରା, ପୂର୍ବତନ ସରପଞ୍ଚ ଟି. କ୍ରିଷ୍ଣା ରେଡ୍ଡୀ, ଯୁବନେତା କାଳିଆ ରାଉଳ, ଭବାନୀ ବେହେରା ଓ ସତ୍ୟ ପ୍ରଧାନଙ୍କ ସମେତ ବହୁ ମହିଳାମାନେ ଉପସ୍ଥିତ ଥିଲେ।

## ବ୍ରାଉନ୍ସୁଗାର ଜବତ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ପୋଲିସ ପୁରୁଣା ବ୍ରହ୍ମପୁର ଆଇନାବନ୍ଧ ସାହି ଛକରୁ ଜଣେ ଯୁବକଙ୍କ ଠାରୁ ବ୍ରାଉନସୁଗାର ଜବତ କରିଛି । ଯୁବକ ଜଣଙ୍କ ହେଲେ ଜଗବନ୍ଧୁ ସାହିର ଅମିତ ଜେନା ଓରଫ ନିଖିଲ(୨୦) । ତାଙ୍କ ନିକଟରୁ ୭.୭୬ଗ୍ରାମ ଓଜନର ବ୍ରାଉନସୁଗାର ଜରି ପ୍ୟାକେଟ ଜବତ କରିଛି। ସେହିପରି ଏକ ବାଇକ ଓ ମୋବାଇଲ ମଧ୍ୟ ଜବତ କରିଛି । ଅଭିଯୁକ୍ତ ଅମିତ ଆଜକୁ ବର୍ଷେ ହେବ ବ୍ରାଉନସୁଗାର କାରବାରରେ ଲିପ୍ତ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ବଡବଜାର ପୋଲିସ ମାମଲା ନଂ ୧୬୬/୨୫ ରେ ଅମିତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ବୁଧବାର ରାତ୍ର ବଡବଜାର ପୋଲିସ ଟିମ ଆଇନାବନ୍ଧ ସାହି ଓ ମେଣ୍ଟୁ ଛକ ରାସ୍ତାରେ ଗାଡିମଟର ଯାଞ୍ଚ କରୁଥିଲେ। ଏହି ସମୟରେ ମେଣ୍ଟୁ ଛକ ପଟୁ ଏକ ବାଇକରେ ଆସୁଥିବା ଜଣେ ଯୁବକ ପୋଲିସକୁ ଦେଖି ନିଜ ବାଇକ ବିପରୀତ ଦିଗକୁ ବୁଲାଇ ଚମ୍ପଟ ମାରିଥିଲା। ଟିମ ସନ୍ଦେହ କରି ସେହି ବାଇକର ପିଛା କରିବାରୁ ଯୁବକ ଜଣଙ୍କ ବାଇକ ତଳେ ପକାଇ ଦେଇ ଦୌଡିବାକୁ ଲାଗିଥିଲେ। ପୁଲିସ ତାଙ୍କୁ ଗୋଡାଇ ଗୋଡ଼ାଇ କାବୁ କରିବା ସହ ଯାଞ୍ଚ କରିବାରୁ ସଂପୃକ୍ତ ଯୁବକଙ୍କ ନିକଟରୁ ୭.୭୬ଗ୍ରାମ ଓଜନର ବ୍ରାଉନସୁଗାର ପ୍ୟାକେଟ ବାହାରିଥିଲା। ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ଅମିତ ବିଭିନ୍ନ ଲୋକଙ୍କ ଠାରୁ ବ୍ରାଉନସୁଗାର ଆଣି ବ୍ରହ୍ମପୁରର ଯୁବକଙ୍କୁ ବିକ୍ରି କରୁଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡିଛି।

## ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ଅଟିଜିମ୍ ସଚେତନତା ପାଇଁ ଚିତ୍ରାଙ୍କନ କର୍ମଶାଳା



ବୁର୍ଲା, (ସବ୍ୟୁ): ଅଟିଜିମ୍ ସଚେତନତା ମାସର ଅଂଶ ଭାବେ ତଥା ଟାଟା ପାୱାରର ଫ୍ଲାଗସିପ୍ ପ୍ରୋଗ୍ରାମ୍ ପେ' ଅଟେନସନ୍ ଅଧୀନରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ତରଫରୁ ଅଟିଜିମ୍ ସଚେତନତାକୁ ନେଇ ଏକ ସ୍ୱତନ୍ତ୍ର ଚିତ୍ରାଙ୍କନ କର୍ମଶାଳାର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ କେରଳର ନ୍ୟୁରୋଡାଇଭର୍ଜେଣ୍ଟ ଶିଳ୍ପୀ ଅଜୟ ଜୟପ୍ରକାଶ। ତାଙ୍କ ନେତୃତ୍ୱରେ କମ୍ପାନୀର ଅନେକ କର୍ମଚାରୀ ତଥା ବିଭାଗୀୟ ମୁଖ୍ୟମାନେ ଏହି ପ୍ରେରଣାଦାୟକ ଚିତ୍ରାଙ୍କନ କର୍ମଶାଳାରେ ଏକଠି ହୋଇଥିଲେ । ଅଜୟ ଅଂଶଗ୍ରହଣକାରୀ ମାନଙ୍କୁ ଜେଣ୍ଟ୍ୟାଙ୍ଗଲ୍ ଆର୍ଟ ସହିତ ପରିଚିତ କରାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜେଣ୍ଟ୍ୟାଙ୍ଗଲ୍ ଆର୍ଟ ଫର୍ମ ହେଉଛି ଏକ ଶାନ୍ତ ଏବଂ ସଂରଚିତ ଚିତ୍ରକଳା ପଦ୍ଧତି ଯାହା ଲୋକମାନଙ୍କୁ ବିଶେଷକରି ଅଟିଜିମ୍ ଥିବା ବ୍ୟକ୍ତି ବିଶେଷମାନଙ୍କୁ ନିଜକୁ ପ୍ରକାଶ କରିବାରେ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ। ଏହି କର୍ମଶାଳା କେବଳ ଏକ ଚିତ୍ରକଳା ଅଧିବେଶନ ନଥିଲା ବରଂ ଏହା ଏକ ମହତ୍ୱପୂର୍ଣ୍ଣ ଅଭିଜ୍ଞତା ଥିଲା । ଯାହା ଏହି କର୍ମଶାଳାର ଅଂଶଗ୍ରହଣକାରୀମାନଙ୍କୁ ସୃଜନଶୀଳ ଏବଂ ସହାନୁଭୂତିଶୀଳ ଉପାୟରେ ଅଟିଜିମ୍ ଦୁନିଆ ସହିତ ସଂଯୋଗ କରିବାକୁ ଅନୁମତି ଦେଇଥିଲା। ଏହି କର୍ମଶାଳାରେ ଟିପିଡବ୍ଲ୍ୟୁଓଡିଏଲର ଦୁଇ ଜଣ କର୍ମଚାରୀ, ଯାହାଙ୍କ ପିଲାମାନେ ଏହି ଅଟିଜିମ୍ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ସନ୍ତାନଙ୍କ ସହ ଭାବାବେଗକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଥିଲେ । ଏହି କର୍ମଶାଳା ମାଧ୍ୟମରେ ଟିପିଡବ୍ଲ୍ୟୁଓଡିଏଲ୍ ସାମାଜିକ ଦାୟିତ୍ୱବୋଧର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଅଛି। ଏହି କର୍ମଶାଳା ମାଧ୍ୟମରେ କମ୍ପାନୀ ତରଫରୁ ସ୍ପଷ୍ଟ ବାର୍ତ୍ତା ରଖିବାକୁ ପ୍ରୟାସ କରିଥିଲା ଯେ, ଅଟିଜିମ୍ ଥିବା ବ୍ୟକ୍ତିମାନେ ବୋଝ ନୁହଁନ୍ତି, ବରଂ ସେମାନେ ଅନ୍ତର୍ଦୃଷ୍ଟି, ଶକ୍ତି, ଜ୍ଞାନ ଓ ଅଦ୍ୱିତୀୟ ପ୍ରତିଭାର ଏକ ଉଦାହରଣ ହୋଇପାରନ୍ତି। ଟିପିଡବ୍ଲ୍ୟୁଓଡିଏଲ୍ ଆଗାମୀ ଦିନରେ ମଧ୍ୟ ଏହି ପ୍ରକାର ସଚେତନତା ସମାବେଶ କାର୍ଯ୍ୟକାରୀ କରିବାରେ ପ୍ରତିବଦ୍ଧ ରହିବ।

## ଗଞ୍ଜାମ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



ଛତ୍ରପୁର, (ସବ୍ୟୁ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଜିଲ୍ଲା ସଦର ମହକୁମା ଠାରେ ଗୁରୁବାର ଦିନ ଜିଲ୍ଲା ପ୍ରଶାସନ ତରଫରୁ ପାଳିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ କାଶ୍ମିରୀ ବେଲଗାଓଁ ରେ ଆତଙ୍କବାଦୀଙ୍କ ଦ୍ୱାରା ନିହତ ୨୬ ଜଣ ଭାରତୀୟଙ୍କ ଶହୀଦ୍ ଆତ୍ମାର ସଦଗତି ସକାଶେ ନୀରବ ପ୍ରାର୍ଥନା କରାଯାଇଥିଲା । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଛତ୍ରପୁର କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତନ୍ତ୍ର ରାଷ୍ଟ୍ରର ମୂଳ ଲକ୍ଷ୍ୟ ହେଲା ନାଗରିକ ହାତରେ କ୍ଷମତା ଓ ଅଧିକାର ନ୍ୟସ୍ତ କରି ଏକ ଶ୍ରେଣୀହୀନ ରାଷ୍ଟ୍ର ଗଠନ କରିବା । ଗ୍ରାମାଞ୍ଚଳର ବିକାଶ ତଥା ସର୍ବବିଧ ଉନ୍ନତି ସାଧନ ଏହାର ଅନ୍ୟତମ ପ୍ରଧାନ ଲକ୍ଷ୍ୟ । ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ ସକାଶେ ବର୍ତ୍ତମାନ ଦୁଇ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରତି ପଞ୍ଚାୟତକୁ ଯୋଗାଯୋଗ ନିମନ୍ତେ ସଡକ ନିର୍ମାଣ ଓ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । ଗଞ୍ଜାମ ଜିଲ୍ଲାରୁ ବାହାର ରାଜ୍ୟକୁ ଅଧିକାଂଶ ଲୋକ ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ଜିଲ୍ଲାରେ ଶିଳ୍ପର ବିକାଶ ହେବ ବୋଲି କହିଥିଲେ । କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଇଥିବା କହିଥିଲେ। ପ୍ରତି ଗ୍ରାମର ବିକାଶ ହେଲେ ପଞ୍ଚାୟତର ବିକାଶ ହେବ ଏବଂ ପ୍ରତି ପଞ୍ଚାୟତର ବିକାଶ ହେଲେ ଦେଶର ବିକାଶ ହୋଇପାରିବ । ଜିଲ୍ଲା ପରିଷଦ ଉପାଧକ୍ଷା ଏସ୍. ରାଜେଶ୍ୱରୀ ଦୋରା ତାଙ୍କ ବକ୍ତବ୍ୟରେ କହିଥିଲେଯେ, ଜିଲ୍ଲାର ଯେତେ ସବୁ ଅସୁବିଧା ଅଛି ସରକାରଙ୍କ ଦୃଷ୍ଟିକୁ ଆଣି ତାର ସମାଧାନ କରାଇବା । ପଞ୍ଚାୟତ ଜରିଆରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରାଇ ପାରିବା ଏବଂ ଲୋକମାନଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା ଗୁଡିକ ପହଞ୍ଚାଇ ପାରିବା ତେବେ ଆମ ଦେଶ ଉନ୍ନତି ପଥରେ ଆଗେଇ ଚାଲିବ। ଛତ୍ରପୁର ବ୍ଲକ୍ ଉପାଧକ୍ଷା ଏସ୍. ଶାରଦା ରେଡ୍ଡୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା ପ୍ରମୁଖ ମଞ୍ଚାସୀନ ଥିଲେ । ଉପ ନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ସୂଚନା ଓ ଲୋକସମ୍ପର୍କ ବିଭାଗ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଦାବସ ପାଳନ ଅବସରରେ ତାଳବଣିଆ, ପୁରୀ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସମାରୋହର ସିଧା ପ୍ରସାରଣ କରାଯାଇଥିଲା ।ଯେଉଁଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କର ଭାଷଣ ତଥା ଉଦଘାଟନ ସମାରୋହ ଓ ବଣ୍ଟନ କାର୍ଯ୍ୟକ୍ରମ ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା । ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତର ହିତାଧିକାରୀ ମାନଙ୍କୁ ରାସନ୍ କାର୍ଡ ଆବଣ୍ଟନ କରାଯାଇଥିଲା। ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ଗଞ୍ଜାମ ଜିଲ୍ଲାର ୮୨ ଗୋଟି ଗ୍ରାମ ପଞ୍ଚାୟତକୁ କାର୍ଯ୍ୟ ଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ କରିଥିବା ହେତୁ ସରପଞ୍ଚ ମାନଙ୍କୁ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଥିଲା ।

## ସଭାରେ ଫାଙ୍କା ପଡିଲା ଚେୟାର

## ଜାତୀୟ ପଞ୍ଚାୟତିରାଜ ଦିବସକୁ ଜନ ପ୍ରତିନିଧିଙ୍କ ବର୍ଜନ



ହିଞ୍ଜିଳିକାଟୁ, (ସବ୍ୟୁ): ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ରାଜ୍ୟ, ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ପାଳିତ ହୋଇଛି ଜାତୀୟ ପଞ୍ଚାୟତିରାଜ ଦିବସ। ଏହାକୁ ଅଧିକ ସଫଳ କରିବା ପାଇଁ ହିଞ୍ଜିଳିକାଟୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ବିଭିନ୍ନ ଦାୟିତ୍ୱରେ ନିୟୋଜିତ ହୋଇଥିଲେ। ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବ୍ଲକ ପ୍ରଶାସନ ଆୟୋଜନ କରିଥିବା ସରକାରୀ କାର୍ଯ୍ୟକ୍ରମ କିନ୍ତୁ ଆଶାନୁରୂପ ସଫଳତା ହାସଲ କରିବାରେ ସଫଳ ହୋଇନଥିବା ଜଣାପଡ଼ିଛି। ସଭା ସ୍ଥଳରେ ଆସିକା ଲୋକସଭା ସାଂସଦଙ୍କ ଅସ୍ଥାୟୀ ପ୍ରତିନିଧିଙ୍କ ସମେତ ଶାସକ ଦଳର କିଛି ହାତ ଗଣତି ନେତା ଓ ଜଣେ ଦୁଇଜଣ ନିର୍ବାଚିତ ଜନପ୍ରତିନିଧିଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। କିନ୍ତୁ ହିଞ୍ଜିଳି ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି, ବ୍ଲକ ଅଧକ୍ଷା, ଉପାଧକ୍ଷ, ବ୍ଲକ ପ୍ରତିନିଧି, ବ୍ଲକ ସଭାପତିଙ୍କ ସମେତ ପ୍ରାୟ ସମସ୍ତ ନିର୍ବାଚିତ ଜନପ୍ରତିନିଧି ଜାତୀୟ ପଞ୍ଚାୟତିରାଜ ଦିବସକୁ ବର୍ଜନ କରିଥିବା ଜଣାପଡ଼ିଛି। ଏପରିକି ଆଗନ୍ତୁକଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଚେୟାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅର୍ଦ୍ଧାଧିକ ଚେୟାର ଫାଙ୍କା ପଡ଼ିଥିବା ପରିଲକ୍ଷିତ ହୋଇଥିଲା। ପୂର୍ବରୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ କରି ମହିଳାମାନଙ୍କୁ ରାଜନୈତିକ ଅଧିକାର ଦେଇଥିଲେ । ଫଳ ସ୍ୱରୂପ ବିଗତ ୫ ମାର୍ଚ୍ଚ ୧୯୯୪ ମସିହା ଠାରୁ ଓଡିଶାରେ ପଞ୍ଚାୟତିରାଜ ଦିବସ ପାଳନ ହୋଇ ଆସୁଥିଲା। ବିଜୁ ବାବୁଙ୍କ ଏହି ଐତିହାସିକ ପଦକ୍ଷେପକୁ ଦେଶର ଅନ୍ୟାନ୍ୟ ରାଜ୍ୟ ଗ୍ରହଣ କରିବା ସହ ଗତ ୨୦୧୦ ମସିହାରେ କେନ୍ଦ୍ରର ମନମୋହନ ସିଂ ସରକାର ବାଧ୍ୟହୋଇ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ରୂପେ ଘୋଷଣା କରିଥିଲେ। କିନ୍ତୁ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଦୀର୍ଘ ୩୦ ବର୍ଷ ଧରି ଏପ୍ରିଲ ୫ ତାରିଖରେ ଓଡ଼ିଶାରେ ପାଳନ ହୋଇଆସୁଥିବା ପଞ୍ଚାୟତିରାଜ ଦିବସକୁ ଅସହିଷ୍ଣୁ ହୋଇ ବାତିଲ କରିଛନ୍ତି। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ପ୍ରାୟ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି, ହିଞ୍ଜିଳି ବିଧାୟକଙ୍କ ପ୍ରତିନିଧି ମଣ୍ଡଳୀ ଓ ବରିଷ୍ଠ ନେତୃବୃନ୍ଦ ସମୂହ ଜାତୀୟ ପଞ୍ଚାୟତି ରାଜ ଦିବସ କାର୍ଯ୍ୟକ୍ରମକୁ ବର୍ଜନ କରିଥିବା ଜଣାପଡ଼ିଛି ।

## ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

## ମୃତ ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବୁଗୁଡା, (ସବ୍ୟୁ): ଜାମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାମରେ ଏପ୍ରିଲ ୨୨ ତାରିଖରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପର୍ଯ୍ୟଟକଙ୍କ ମୃତ୍ୟୁ ସାରା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି। ପଡୋଶୀ ଦେଶ ପାକିସ୍ତାନର ପ୍ରୋତ୍ସାହନରେ ଆତଙ୍କବାଦୀଙ୍କ ବର୍ବରତା ସବୁ ସୀମା ଟପି ଯାଇଥିବା ବେଳେ ଏଭଳି ଘଟଣାକୁ ଦୃଢ ନିନ୍ଦା କରି ସ୍ଥାନୀୟ ହିନ୍ଦୁ ସୁରକ୍ଷା ସମିତି ଏବଂ ଶ୍ରୀ ବଳଦେବସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆକ୍ରମଣକାରୀ ଆତଙ୍କବାଦୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛ। ଭ୍ରମଣାର୍ଥେ ଯାଇଥିବା ନିରୀହ ପର୍ଯଟକଙ୍କ ପ୍ରତି ବର୍ବରୋଚିତ ଆକ୍ରମଣ କଦାପି ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ ପାଇଛି । ଏଥି ସହ ଓଡିଶାର ଜଣେ ପର୍ଯଟକଙ୍କ ସମେତ ୨୬ରୁ ଉର୍ଦ୍ଧ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହିତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବୁଦ୍ଧଖୋଲ ଛକ ଠାରୁ ବାହାରି ନୂଆଁ ବସଷ୍ଟାଣ୍ଡ ଠାରେ ଶେଷ ହୋଇଥିବା ବେଳେ ମଦନ ମୋହନ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

# ୧୨୦ ଗ୍ୟାସ ସିଲିଣ୍ଡର ଜବତ



ପାରାଦୀପ,( ଜି. ପ୍ର ) :ପାରାଦୀପ ଗଡ଼ ବଜାର ପାଖ ନିମିଢି ବଜାରରୁ ଆଜି ସନ୍ଧ୍ୟାରେ ୧୨୦ ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ପାରାଦୀପ ଲକ ଥାନା ପୋଲିସ ଅଚାନକ ଚଢାଉ କରି ଏହି ବିପୁଳ ପରିମାଣର ସିଲିଣ୍ଡରକୁ ଜବତ କରିଛି । ଏଥିରେ ବଡ ସିଲିଣ୍ଡର ୮୫ଟି ଓ ଛୋଟ ସିଲିଣ୍ଡର ୩୫ଟି ଥିବା ଜଣାପଡ଼ିଛି । ଏହି ଗ୍ରାମର ନାରାୟଣ ପୃଷ୍ଟିଙ୍କ ପୁତ୍ର ସଂଜୟ ପୃଷ୍ଟିଙ୍କ ଦୋକାନ ଓ ଦୋକାନ ପଛ ପଟ ଗୋଦାମ ଏବଂ ତାଙ୍କ ଘରୁ ଏହି ସିଲିଣ୍ଡର ସବୁ ଜବତ କରାଯାଇଥିବା ବେଳେ ୧୨୧/୨୦୨୫ରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି । ସବୁଠାରୁ ବଡ କଥା ହେଉଛି ସଂଜୟ ଦୀର୍ଘଦିନ ହେବ ଏହି ବଜାରରେ ଏକ ଦୋକାନ କରି ଗ୍ୟାସ ଭରିଥାନ୍ତି । ତାଙ୍କ ପାଖରେ ଏତେ ପରିମାଣର ସିଲିଣ୍ଡର କେଉଁଠୁ ଆସିଲା ଓ ତାଙ୍କୁ କିଏ ଦେଲା ସେଦିଗରେ ଏବେ ପୋଲିସ ତଦନ୍ତ ଆରମ୍ଭ କରୁଛି ।

# ବୁଲେଟ ଧକ୍କାରେ ବୃଦ୍ଧ ମୃତ

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଥାନା ନିକଟରେ ବୁଧବାର ରାତ୍ରୀରେ ଏକ ବୁଲେଟ ଧକ୍କାରେ ଜଣେ ବୃଦ୍ଧ ଆହତ ହୋଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁଇଁପୁର ପଂଚାୟତ ଅନ୍ତର୍ଗତ ମଲପଡା ଗ୍ରାମର ମୁଷେଇ ସାହୁଙ୍କ ପୁଅ ପିତବାସ ସାହୁ (୭୫) ଦୀର୍ଘ ବର୍ଷ ହେବ ହେବ ପାଣିକୋଇଲି ଅଲତିରିରେ ରହି ବ୍ୟବସାୟ କରି ଚଳନ୍ତି । ବୁଧବାର ରାତ୍ରୀ ସେ ରାଜପଥ ପାର ହୋଇ ଆସୁଥିବା ବେଳେ ଭଦ୍ରକ ପଟୁ ଆସୁଥିବା ଏକ ବୁଲେଟ ( ଓଡି୦୫ବିଏକ୍ସ ୬୭୩୫) ସହ ତାଙ୍କର ଧକ୍କା ହୋଇଥିଲା । ସ୍ଥାନୀୟ ଅଧିବାସୀ, ରାଜପଥ ପେଟ୍ରୋଲିଂଗ ଓ ଆମେ ଅପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଦସ୍ୟମାନେ ମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚକିତ୍ସାଳୟକୁ ପଠାଇଥିଲେ । ହେଲେ ଚିକିତ୍ସିତ ଅବସ୍ଥାରେ ପିତବାସଙ୍କର ମୃତ୍ୟୁ ଘଟିଥିଲା । ଏନେଇ ତାଙ୍କ ପୁଅ କାର୍ତିକ ସାହୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ୯୦/୨୫ ରୁଜୁ କରାଯାଇ ଶବବ୍ୟଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ମହମବତୀ ଶୋଭାଯାତ୍ରା

ଜଗତସିଂହପୁର,(ସବ୍ୟୁ) :ପହଲଗାମରେ ପର୍ଯ୍ୟଟକ ମାନଙ୍କୁ ଗୁଳି କରି ହତ୍ୟାକରିବା ଘଟଣାର ପ୍ରତିବାଦରେ ଜଗତସିଂହପୁର କଲେଜ ଛକ ଠାରୁ ଥାନା ଛକ ନିକଟରେ ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ମହମବତୀ ଶୋଭାଯାତ୍ରା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅଳକାଶ୍ରମ,ଡେଭେଲପମେଣ୍ଟ ଫୋରମ,ସେନା ନିବୃତ କର୍ମଚାରୀ ସଂଘ,ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମହମବତୀ ଶୋଭଯାତ୍ରା କରିଥିଲେ । ଯେଉଁ ଆତଙ୍କବାଦୀ ଏଭଳି ନାରକୀୟ କାଣ୍ଡ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏହି ବିକ୍ଷୋଭ ଶୋଭାଯାତ୍ରାରେ ସୁରେନ୍ଦ୍ର ନାଥ ତ୍ରିପାଠୀ,ଭଗବାନ ଦାସ, କୁତାମ କିଶୋର ସର୍ଜନ ସିଂହ,ଦେବେନ୍ଦ୍ର ରାଉତ, ଶ୍ୟାମ ସୁନ୍ଦର ସାହୁ, ମାନସ ସ୍ୱାଇଁ, ସୁରେଶ ଚୌଧୁରୀ, ଲିଙ୍ଗରାଜ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା ।

# କାର ଆଗ ଚକା ଫାଟିବାରୁ ଦୁର୍ଘଟଣା, ୪ ଆହତ

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଡତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଠାରେ ଆଜି ଅପରାହ୍ଣରେ କାର ଚକା ଫାଟି ଦୁର୍ଘଟଣା ହେବାରୁ ଚାଳକ ସମେତ ୪ ଜଣ ଆହତ ହୋଇଛନ୍ତି । ପ୍ରକାଶଯେ ଢେଙ୍କାନାଳ ପରଜଂଗ ଅଂଚଳର ଏକ ପରିବାର ଏକ କାର (ଓଡି୧୯ଏଚ୯୩୨୭) ଯୋଗେ ଭଦ୍ରକ ଜିଲ୍ଲା ଆରଡି ବାବା ଆଖଣ୍ଡଳମଣୀ କ୍ଷେତ୍ରକୁ ଯାଇଥିଲେ । ସେଠାରୁ ଆଖଣ୍ଡଳମଣି ଦର୍ଶନ ସାର ଘରକୁ ଫେରୁଥିବା ବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମକୁନ୍ଦବିନ୍ଧା ଠାରେ କାରର ଡାହଣ ପଟ ଆଗ ଚକା ହଠାତ ଫାଟିଥିଲା । ଫଳରେ କାରଟି ରାସ୍ତା କଡ ବାଡାରେ ପିଟି ହୋଇ ଦୁର୍ଘଟଣାର ଶିକାର ହୋଇଥିଲା । ଫଳରେ କାରରେ ଥିବା ଚାଳକ ସି ଆର ବରାଳଙ୍କ ସମେତ ଜ୍ୟୋତ୍ସ୍ନା ବରାଳ, ମିତାଲି ବରାଳ, ତୁଳସୀ ଜେନା ପ୍ରମୁଖ ଆହତ ହୋଇଥିଲେ । ଖରବପାଇ ରାଜପଥ ପେଟ୍ରୋଲିଂଗ ପୁଲିସ ଅଧିକାରୀ ଅଶୋକ କୁମାର ବଳ ଘଟଣାସ୍ଥଳେ ସଦଳବଳେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରି ମଧୁବନ ଡାକ୍ତରଖାନାରେ ଚିକିତ୍ସାପାଇ ଭର୍ତି କରିଥିଲେ ।

# ମହିଳା ସଂଗଠନକୁ ଗୋଷ୍ଠି ବିନିଯୋଗ ପାଣ୍ଠି, ରାସନକାର୍ଡ ବଣ୍ଟନ

ରଘୁନାଥପୁର, (ସବ୍ୟୁ) :ରଘୁନାଥପୁର ବ୍ଲକରେ ଆଭାସୀ ମାଧ୍ୟମରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ବିଡିଓ ବିରେଞ୍ଚି ନାରାୟଣ ବେହେରା,ଏବିଡିଓ ଜ୍ଞାନଦା ନାୟକ,ଜିପିଇଓ ସ୍ମାରକ ରଂଜନ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ରଘୁନାଥପୁର ବ୍ଲକର ୪ଟି ପଞ୍ଚାୟତ ଜଇଶୋଳ,ପୁରଣ ଓଡ଼ପଡ଼ା, ରଘୁନାଥପୁର ଓ ରାଢଙ୍ଗ ପଞ୍ଚାୟତ ସ୍ତରୀୟ ମହିଳା ସଂଗଠନ ଗୁଡିକୁ ୩୫ଲକ୍ଷ ଟଙ୍କା ଲେଖାଏଁ ଗୋଷ୍ଠି ବିନିଯୋଗ ପାଣ୍ଠି ପ୍ରଦାନ କରା ଯାଇଥିଲା । ଏଥି ସହିତ ମୁଖ୍ୟଅତିଥିଙ୍କ ଦ୍ୱାରା ବ୍ଲକର ୪ଜଣ ହିତାଧିକାରୀଙ୍କୁ ନୁତନ ରାସନ୍ କାର୍ଡ ବଣ୍ଟନ କରାଯାଇଥିଲା । ବ୍ଲକର କ୍ୟାସିୟର ଭବେଶ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଓ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ ।

# ହତ୍ୟାକାରୀ ସାଜିଲା ବାପା : ପଥର ଖାଦାନରୁ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର, ଥାନାରେ ୬ ଅଟକ

ଚଣ୍ଡିଖୋଲ ,(ସବ୍ୟୁ ): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳରେ ଜଣେ ଶିଶୁ ପୁତ୍ରକୁ ଜଘନ୍ୟ ଭାବେ ହତ୍ୟା କରାଯାଇ କଳାପଥର ଖାଦାନରେ ଫୋପାଡି ଦିଆଯିବା ପରି ଏକ ଅଭାବନୀୟ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି ।ଜଣେ ୬ ବର୍ଷର ଶିଶୁପୁତ୍ରର ମୃତଦେହ ପଥର ଖାଦାନର ପାଣି ଭିତରୁ ଉଦ୍ଧାର କରାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ ଏହି ଥାନା ଅନ୍ତର୍ଗତ ସାହାଣୀଡ଼ିହ ପଞ୍ଚାୟତ ଚାରଗୋଠ ଗ୍ରାମର ବାହୁଡା ରାଉତ ନିଜ ଗାଁ ରେ ମମତା ରାଉତଙ୍କୁ ବିବାହ କରିଥିଲେ । ମାତ୍ର ମମତାକୁ ବିବାହ କରି ବାହୁଡା ଖୁସି ନଥିଲେ । ବିବାହର କିଛି ଦିନ ପରେ ପାରିବାରିକ ଅଶାନ୍ତିରୁ ମମତା ପୁଅ ଶିବୁଙ୍କୁ ନେଇ ନିଜ ବାପ ଘରେ ପ୍ରାୟ ୫ ବର୍ଷ ହେବ ରହି ଆସୁଥିଲେ । ଏହା ଭିତରେ ବାହୁଡା ଦ୍ୱିତୀୟ ବିବାହ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ ବୋଲି ତାଙ୍କ ଶଶୁର ଘର ଲୋକେ ଅଭିଯୋଗ କରିଛନ୍ତି । ଏଥିପାଇଁ ପୁଅ ଶିବୁ ଭବିଷ୍ୟତରେ ବାଧକ ହେବ ବୋଲି ଭାବି ବାହୁଡା ତାକୁ ମାରି ଦେବାକୁ ଯୋଜନା କରିଥିବା ମମତାଙ୍କ ବାପା ଘର ଲୋକେ କହିଛନ୍ତ । ବୁଧବାର ସନ୍ଧ୍ୟା ପ୍ରାୟ ୭ ଟା ବେଳେ ଶିବୁ ଟିଉସନ ଯାଇ ମାମୁଁ ଘରକୁ ଫେରିଥିଲେ। ଏହାର କିଛି ସମୟ ପରେ ଶିବୁକୁ ଆଉ ଦେଖିବାକୁ ମିଳି ନ ଥିଲା । ଶିବୁକୁ ନ ପାଇ ମାମୁଁ ଘର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ପାଇ ନ ଥିଲେ । ଏନେଇ ଜେନାପୁର ଥାନାରେ ଏକ ରିପୋର୍ଟ ମଧ କରିଥିଲେ । ଖବର ପାଇ ଜେନାପୁର ଥାନା ଅଧିକାରିଣୀ ନିରୁପମା ଜେନା ଏବଂ ଅଗ୍ନିଶମ ବାହିନୀ ସ୍ଥାନୀୟ ଅଞ୍ଚଳରେ ଖୋଜା ଖୋଜି କରି ରାତି ପ୍ରାୟ ୧୧ ଟା ବେଳେ ଗାଁ ସଂଲଗ୍ନ ପାହାଡ଼ ଖାଦାନ ନିକଟରେ ଶିବୁର ପ୍ୟାଣ୍ଟ ପାଇଥିଲେ । ଏହା ପରେ ରାତି ପ୍ରାୟ ଗୋଟିଏ ପର୍ଯ୍ୟନ୍ତ ଖାଦାନ ପାଣିରେ ଅପରେସନ ଜାରି ରହିଥିଲେ ମଧ କୌଣସି ସନ୍ଧାନ ମିଳି ନ ଥିଲା । ମାତ୍ର ଶିବୁର ପ୍ୟାଣ୍ଟ ପାଇବା ପରେ ପୋଲିସକୁ ସୁରାକ ମିଳି ଥିଲା । ଗୁରୁବାର ସକାଳେ ସ୍ଥାନୀୟ ଲୋକମାନେ ପ୍ୟାଣ୍ଟ ମିଳି ଥିବା ସ୍ଥାନ ନିକଟରେ ଥିବା ଗଭୀର ଖାଦାନ ପାଣି ଭିତରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ପାଣି ଭିତରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ମେଡ଼ିକାଲକୁ ପଠାଇ ଥିଲେ । ନାବାଳକ ଶିବୁକୁ ତାର ବାପା ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ତାର ମାମୁଁ ଘର ଲୋକେ ସିଧାସଳକ ପୋଲିସ ନିକଟରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକ ମାନେ ବାହୁଡ଼ାଙ୍କ ଏକ ମୋଟର ସାଇକେଲରେ ନିଆଁ ଲଗାଇ ଦେଇଥିବା ଦେଖାଯାଇଛି । ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯାଜପୁର ରୋଡ ଏସଡ଼ିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ବିଭିନ୍ନ ନମୁନା ସଂଗ୍ରହ କରିବା ସହିତ ତଦନ୍ତକୁ ଯୋରଦାର କରିଛି । ୧୪୭ /୨୫ ନମ୍ବରରେ ଏକ ମାମାଲା ରୁଜୁ କରାଯାଇଛି । ଏହି ଘଟଣାରେ ମୃତ ଶିବୁର ବାପା, ତାର ବୁଢାବାପା ମଦନ ରାଉତ, ବୁଢିମା ଗୁଣ୍ଠି ରାଉତ, ବିରଞ୍ଚି ରାଉତ, ଭାଉଜ ବର୍ଷା ରାଉତଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି ।

# ବଡ଼ଚଣା କଂଗ୍ରେସର ମହମବତୀ ଶୋଭାଯାତ୍ରା

ବାଲିଚନ୍ଦ୍ରପୁର,(ସବ୍ୟୁ) :କାଶ୍ମିରର ପହେଲଗ୍ରାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶିକାର ହୋଇ ମୃତ୍ୟୁବରଣ କରିଥିବା ନିରିହ ପର୍ଯ୍ୟଟକ ମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ବଡ଼ଚଣା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ତରଫରୁ ଏକ ମହମବତୀ ଶୋଭାଯାତ୍ରା ବାଲିଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରା ଜାତୀୟ ରାଜପଥ (୫୩) ନିକଟସ୍ଥ କରୁଣା ଛକ ନିକଟରୁ ବାହାରି ବାଲିଚନ୍ଦ୍ରପୁର ବଜାରର ବ୍ୟାଙ୍କ ରୋଡ଼, ମଙ୍ଗଳା ବଜାର, ଲକ୍ଷ୍ମୀ ବଜାର, ସରସ୍ୱତୀ ବଜାର ପରିକ୍ରମା କରି କଲେଜ ଛକ ଠାରେ ଉଦ୍‌ଯାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁରେଶ ଚନ୍ଦ୍ର ସାହାଣୀ, ବିଳାସ ଚନ୍ଦ୍ର ବାରିକ, ବିଶ୍ୱ ପ୍ରକାଶ ସାମଲ, ସେକ୍ ଅବଦୁଲ ମଜିଦ, ସଂଯଜ କୁମାର କର, ବଟକୃଷ୍ଣ ଦାସ, ଅଜୟ ଜେନା, ସରୋଜ ଜେନା, ଶାନ୍ତନୁ ଜେନା, ଜୟ ପ୍ରକାଶ ବିଶ୍ୱାଳ, ଚାନ୍ଦ ଖାଁ, ଶ୍ରୀକାନ୍ତ ମଲ୍ଲିକ, ମହନି ମହାନ୍ତି, ପ୍ରଭାତ ସାହୁ, ବିଶ୍ୱରଞ୍ଜନ ବେହେରା, ମହେଶ୍ୱର ମହାପାତ୍ର, ଅଶୋକ କୁମାର ବେହେରା, ରବିନ୍ଦ୍ର କୁମାର ରାଉତ ଓ ଅଶୋକ କୁମାର ରାଉତ, ସେକ୍ ଇକବାଲ ହୁସେନ୍, ସନ୍ତୋଷ ପରିଡ଼ା, ସୁଧିର ଦାସଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ପହେଲଗ୍ରାମ ଅଘଟଣରେ ଆହତ ହୋଇଥିବା ପର୍ଯ୍ୟଟକ ମାନଙ୍କ ଆଶୁ ଆରୋଗ୍ୟ କାମନା ସମବେତ ଭାବେ କରାଯାଇଥିଲା।

# କୁହୁଣ୍ଡାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର




କୁଆଁପାଳ,(ସବ୍ୟୁ) :ମାହାଙ୍ଗା ବ୍ଲକ ବିରୂପା ଗେଙ୍ଗୁଟୀ ଦ୍ୱୀପାଂଚଳସ୍ଥିତ କୁହୁଣ୍ଡା ଗ୍ରାମ ପଂଚାୟତ ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।ଜଗତପୁର ସ୍ଥିତ ସଦଗୁରୁ ହସ୍ପିଟାଲରେ ନୂତନ ଭାବେ ଚକ୍ଷୁ ବିଭାଗ କାର୍ଯ୍ୟକ୍ଷମ ହେବାକୁ ଯାଉଥିବାବେଳେ ,ଗ୍ରାମାଂଚଳରେ ଏଭଳି ଚକ୍ଷୁ ସେବା ଶିବିର ଆୟୋଜନ କରାଯାଇଥିବା ଜଣାଯାଇଛି । ସଦଗୁରୁ ଚକ୍ଷୁ ହସ୍ପିଟାଲ ଓ କୁହୁଣ୍ଡା ଗ୍ରାମ ପଂଚାୟତ ମିଳିତ ସହଯୋଗରେ ଆୟୋଜିତ ଏହି ଚକ୍ଷୁ ପରୀକ୍ଷା ଶିବିରରେ ଶଙ୍ଖପୁର,ବନଗୁରିଆ,ଧଉଳିଆ,କଲ୍ୟାଣପୁର, କୋଠପଦା, କୁହୁଣ୍ଡା, ହଂସଦିଆ, ମୂଳବସନ୍ତ, କୁଆଁପାଳ, ପଣସପୁର , ସମସରପୁର, କୁଣ୍ଡି, ବାସୁଦେବପୁର, ଗୋପାଳପୁର, ଚାହାପଡା ଓ ଉଷୁମା ସମେତବିଭିନ୍ନ ଅଂଚଳର ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସଦଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ତଥା ସିଇଓ ପ୍ରତ୍ୟୁଷ ମହାନ୍ତି ଏବଂ ନଭିନ ଗୋଥାଳୁ ମହାନ୍ତି ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ସମାଜସେବୀ ବରିଷ୍ଠ ସାମ୍ବାଦିକ ଅଖିଳେଶ ପଦ ମହାନ୍ତି,ପୂର୍ବତନ ସରପଂଚ ହେମନ୍ତ କୁମାର ପ୍ରଧାନ,ନିରଞ୍ଜନ ମୁଦୁଲି,ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଦିଲୀପ କୁମାର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସଦଗୁରୁ ହସ୍ପିଟାଲ ପକ୍ଷରୁ ଡାକ୍ତର ଅଜିତ ଅଗ୍ରୱାଲ,ଜାହିର ଉଦ୍ଦିନ ସାହା,ସୂର୍ଣ୍ଣପ୍ରଭା ବେହୁରା,ପ୍ରକାଶ ସାହୁ,ଶସ୍ମିତା ମଲିକ,ଦୀପ୍ତିରେଖା ମଲିକ,ସୂୟଂ ଶ୍ରୀଦର୍ଶନ ସେନାପତି,ପ୍ରଜ୍ଞା ପ୍ରିୟଦର୍ଶିନୀ,ଜ୍ୟୋର୍ତିମୟୀ ପରିଡା ପ୍ରମୁଖ ଯୋଗଦେଇ ଅତ୍ୟାଧୁନିକ ପ୍ରଣାଳୀରେ ଶତାଧିକ ପୁରୁଷ ଓ ମହିଳା ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଏଥି ମଧ୍ୟରୁ ଚକ୍ଷୁ ଜନିତ ଜଟିଳ ସମସ୍ୟାରେ ପିଡିତ ୨୦ରୁ ଉର୍ଦ୍ଧ ମୋତିଆ ବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରି ସଦଗୁରୁ ହସ୍ପିଟାଲରେ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି । ଏହି ଶିବିରକୁ ନିମାଇଁ ଚରଣ ବେହେରା,ଜଗନ୍ନାଥ ପଣ୍ଡା,ଧରଣୀଧର ନାୟକ,ପ୍ରିୟରଂଜନ ଦାସ,ପରମାନନ୍ଦ ମହାନ୍ତି,ରବୀନ୍ଦ୍ର ପୃଷ୍ଟି ,ଅଜୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ପହଲଗାମ୍ ଆତଙ୍କୀ ହମଲାକୁ ନିନ୍ଦା

# କେନ୍ଦ୍ରାପଡ଼ା କଂଗ୍ରେସର ମହମବତୀ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, (ସ୍ୱପ୍ର ):ଜମ୍ମୁ-କାଶ୍ମୀରର ପହଲଗାମ୍ ଠାରେ ଆତଙ୍କି ହମଲାରେ ନିହତ ବ୍ୟକ୍ତିବିଶେଷମାନଙ୍କ ପାଇଁ କେନ୍ଦ୍ରାପଡା ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ କେନ୍ଦ୍ରାପଡା ପୌରା ଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡରେ ଏକ ମହମବତୀ ଶୋଭାଯାତ୍ରା ଜିଲା କଂଗ୍ରେସ କମିଟି ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ମୃତକମାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା ମଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା କଂଗ୍ରେସ ନେତ୍ରୀ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଆଳିର ବିଧାୟିକା ପ୍ରାର୍ଥିନୀ ଡା. ଦେବସ୍ମିତା ଶର୍ମା, ମହାକାଳପଡାର ବିଭ୍ରାଂଶୁଶେଖର ଲେଙ୍କା, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ପୌରାଧକ୍ଷ ମହମ୍ମଦ ଆକବର ଅଲ୍ଲୀ, ଯୁବନେତା ସତ୍ୟପ୍ରିୟ , ହିମାଂଶୁ ନନ୍ଦ, ଯୁବ କଂଗ୍ରେସ ନେତା ଉମେଶ ପାଢୀ, ସନ୍ତୋଷ ବେହେରା, ସେକ ସମସେର, ସେକ ମୀରଉଦ୍ଦିନ,ଜ୍ୟୋତିରଞ୍ଜନ ପରିଡା, ରବି ନାରାୟଣ ବେହେରା, ମାନଗୋବିନ୍ଦ ଦାସ, ରାଜକିଶୋର ମିଶ୍ର, ଅସ୍ମତ ଅଲ୍ଲୀ, ହବିଉଲ୍ଲା, ଅଜମତ ଅଲ୍ଲୀ, ଶୈଳେନ୍ଦ୍ର ମଳିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ରାସନ କାର୍ଡ ବଣ୍ଟନ

ବରୀ,(ସବ୍ୟୁ) :ଆଜି ସାରା ଦେଶରେ ପଂଚାୟତରାଜ ଦିବସ ପାଳନ ହୋଇଥିବା ବେଳେ ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଂଚାୟତ ରାଜ ଦିବସ ପାଳନ ହୋଇଛି । ଏଥିସହ ହିତାଧିକାରୀଙ୍କୁ ନୂତନ ରେସନ କାର୍ଡ ମଧ ବଣ୍ଟନ କରାଯାଇଛି । ଭର୍ଚୁଆଲ୍ ମାଧମରେ ପଂଚାୟତର ବିକାଶକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦେଶବାସୀଙ୍କୁ ଉଦବୋଧନ ଦେଇଥିଲେ । ଆଜି ବରୀ ବ୍ଲକ ଅତିରିକ୍ତ ବିଡ଼ିଓ ମହେଶ୍ୱର ସେଠି ଙ୍କ ନେତୃତ୍ୱରେ ଜାତୀୟ ପଂଚାୟତରାଜ ଦିବସ ପାଳନ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରୀ ଅତିରିକ୍ତ ତହସିଲଦାର କଲୋଲ ମିଶ୍ର ଯୋଗ ଦେଇଥିବା ବେଳେ ବରୀ ବ୍ଲକର ୨୯ଟି ପଂଚାୟତରୁ ଜଣେ ମାତ୍ର ସରପଞ୍ଚ ଯୋଗ ଦେଇଥିଲେ । ସେହିପରି ବରି ବ୍ଲକ ଅଧକ୍ଷ .ଉପାଧକ୍ଷା ଅନୁପସ୍ଥିତ ରହିଥିଲେ । ୨୮ ଟି ପଞ୍ଚାୟତ ର ଲୋକ ପ୍ରତିନିଧି ମାନେ ଅନୁପସ୍ଥିତି ରହିବା ଘଟଣା ଆଲୋଚନାର ପ୍ରସଙ୍ଗ ହୋଇଛି । ବ୍ଲକ ପ୍ରଶାସନ ପକ୍ଷରୁ ନୂତନ ରେସନ କାର୍ଡର ଶୁଭାରମ୍ଭ କରିବା ସହିତ ହିତାଧିକାରୀଙ୍କୁ ଶ୍ରୀ ସେଠି କାର୍ଡ ବଣ୍ଟନ କରିଥିଲେ ।

# ୮ ନଂ କେନାଲରେ ମଇଳା ପାଣି

ମାହାଙ୍ଗା, (ସବ୍ୟୁ) : କେନ୍ଦୁପାଟଣା ଜଳସଂପଦ ବିଭାଗ ଅଧିନରେ ଥିବା କେନ୍ଦ୍ରାପଡା କେନାଲର ମୁଖ୍ୟ ଶାଖା କେନାଲ ଯାହାକି ନିଶ୍ଚିନ୍ତକୋଇଲି ଦେଇ ମାହାଙ୍ଗା ଅଂଚଳରେ ପ୍ରବାହିତ ହେଉଛି । ଏହି କେନାଲ ଏବେ ମହିଳା ପାଣିରେ ଭର୍ତ୍ତି ହୋଇଛି । ଯାହା ଫଳରେ କେନାଲ ପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣ ଓ କେନାଲ ବନ୍ଧ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ଦୁର୍ଗନ୍ଧରେ ହନ୍ତସନ୍ତ ହେଉଛନ୍ତି । ନିଶ୍ଚିନ୍ତକୋଇଲି ବଜାର ଓ ୮ ନଂ କେନାଲ ପାର୍ଶ୍ୱରେ ଥିବା ବିଭିନ୍ନ ଜଳଖିଆ ଦୋକାନ, ମାଛ ଓ ମାସଂ ଦୋକାନର ପରିତ୍ୟକ୍ତ ଦ୍ରବ୍ୟ, ବିଭିନ୍ନ ଉଠା ଦୋକାନର ଠୋଲା, ଦନା, ପ୍ଲେଟ୍ ଆଦିକୁ କେନାଲ ଭିତରେ ପକାଯାଉଛି । ଏପରିକି କେନାଲ ପାର୍ଶ୍ୱରେ ବାସ କରୁଥିବା ବ୍ୟକ୍ତିଙ୍କର ଗୋରୁ ଗୁହାଳ ମୂତ, ପାଇଖାନାର ମଇଳା ଓ ଦୈନନ୍ଦିନ ବ୍ୟବହୃତ ପରିତ୍ୟକକ୍ ପାଣିକୁ କେନାଲ ଭିତରକୁ ଛାଡିଦିଆଯାଉଛି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ପଡୁନାହିଁ । ପୂର୍ବପରି ଏହି ୮ ନଂ କେନାଲକୁ ଅବର୍ଜନା ମୁକ୍ତ କରିବା ପାଇଁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତ।

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ଜଳଛତ୍ର ବ୍ୟବସ୍ଥା କରାଯାଇଛି । ପ୍ରବଳ ଗ୍ରୀଷ୍ମ ସାଙ୍ଗକୁ ଗୁଳୁ ଗୁଳି ବୃଦ୍ଧି ପାଉଥିବା କାରଣରୁ ବାଟୋଇ ମାନଙ୍କ ତୃଷ୍ଣା ମେଂଟାଇବା ଲକ୍ଷରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର ଖୋଲାଯାଇଛି । ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ଅତିଥି ଭବେ ଯୋଗଦେଇ ଏହି ଜଳଛତ୍ରର ଶୁଭ ଉଦଘାଟନ କରିଥିଲେ । ଆଜି ଠାରୁ ଆରମ୍ଭ ହୋଇଥିବା ଏହି ଜଳଛତ୍ର ବ୍ୟବସ୍ଥା ଖରାଦିନ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ଆଜିର ଉଦଘାଟନୀ ଉତ୍ସବରେ ଟ୍ରଷ୍ଟ ପକ୍ଷରୁ ଯୁବ ସଙ୍ଗଠକ ରାଜେଶ ପାଳ, ଅଭିଶେକ ରାଉତ,ପ୍ରଦୀପ ପରିଡା, ତପନ ମାହୁନ୍ତ,ଆଲୋକ ଲେଙ୍କା, ଶୁଷମା ଜେନା,ଲୋକନାଥ ମହାନ୍ତି,ଅଂଶୁମାନ ରଥ , ଗୌତମ ସାହୁ ପ୍ରମୁଖ ପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଷପିଇ ବୃଦ୍ଧଙ୍କ ଆତ୍ମହତ୍ୟା

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ଖସାଗଡିଆ ଗ୍ରାମରେ ଜଣେ ଆଦିବାସୀ ବୃଦ୍ଧ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ପ୍ରକାଶଯେ ଖସାଗଡିଆ ଗ୍ରାମରେ ବହୁ ବର୍ଷ ହେବ ଦାମ ମୁଣ୍ଡା (୭୫)ଘର କରିରହି ଆସୁଥିଲେ । ଗ୍ରାମବାସୀଙ୍କୁ ଗୋରୁ ଜଗିବା କାର୍ଯ୍ୟରେ ନିୟୋଜିତ ଥିଲେ । ପାରିବାରିକ କଳହ ହେତୁ ବୁଧବାର ରାତ୍ରିରେ ବିଷ ପିଇ ଦେଇଥିଲେ । ପରିବାର ପକ୍ଷରୁ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକତ୍ସାଳୟରେ ଭର୍ତି କରାଯାଇଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ଅପମୃତ୍ୟୁ ମାମଲା ୧୪/୨୫ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ବିରୂପା ମହୋତ୍ସବ ଉଦ୍‌ଘାଟିତ



ସାଲେପୁର,(ସବ୍ୟୁ) : ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଦ୍ୱାଦଶତମ ବିରୂପା ମହୋତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦଘାଟିତ ହୋଇଯାଇଛି । ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଏବଂ ବିଜୟାନନ୍ଦ ଯୁବ ପରିଷଦ ଦ୍ୱାରା ଆୟୋଜିତ ଗୋପୀନାଥ ପୁର ହରିତା ପଡିଆ ଠାରେ ବିରୂପା ମହୋତ୍ସବ କମିଟିର ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱ **ରେ** ଅନୁଷ୍ଠିତ ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାକୁ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଧି ଆୟୋଗର ଅଧକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ନ୍ୟୁଜ ସେଭେନର କାର୍ଯ୍ୟକାରୀ ସମ୍ପାଦକ ଦେବ ନାରାୟଣ ସେଠ,ବରେନ୍ୟ ଅତିଥି ଭାବେ ଓଡ଼ିଆ ଅର୍ଥ ସେବା ଯୁଗ୍ମ ଶାସନ ସଚିବ ଡ଼ଃ ସଂଗ୍ରାମ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଡ଼ଃ କ୍ଷେତ୍ରବାସୀ ମାନ ସେଠ ଯୋଗ ଦେଇ ଓଡ଼ିଶାର ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ଡ଼ଃ ସସ୍ମିତା ପଟ୍ଟନାୟକଙ୍କୁ ବିରୂପା ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ । ସଙ୍ଗଠକ ବିଶ୍ୱରଞ୍ଜନ ସାହୁ ସ୍ୱା**ଗତ** ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛପ୍ରଥମ ସନ୍ଧ୍ୟାରେ ସିଧାର୍ଥ ଟିଭିର ଧାରାବାହିକ ମାୟା ଓ ମମତାର ସମସ୍ତ କଳାକାର,ଗନ୍ଧର୍ବ କଳା ପରିଷଦ ଖୋର୍ଦ୍ଧା ଓ କଟକର ନଟରାଜ ଡ୍ୟାନ୍ସ ଏକାଡେମୀ, ତ୍ରିନେତ୍ର କଳାକୁଞ୍ଜର କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମହୋତ୍ସବକୁ ପ୍ରଶାନ୍ତ କୁମାର କର, ଦେବେନ୍ଦ୍ର ନାଥ ସ୍ୱାଇଁ, ବିଶ୍ୱ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ଭୂୟାଁ, ରମେଶ କୁମାର ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

# ଲୋକଙ୍କ ନିକଟରେ ବିଭିନ୍ନ ଯୋଜନା ପହଞ୍ଚାଇବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ : ସମବାୟ ମନ୍ତ୍ରୀ




ଜଗତସିଂହପୁର,(ସବ୍ୟୁ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପଞ୍ଚାୟତ ସମିତିଙ୍କ ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ,ହସ୍ତତନ୍ତ,ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଲେ ତଳସ୍ତରରେ ଥିବା ଲୋକଙ୍କ ନିକଟରେ ବିଭିନ୍ନ ଯୋଜନା ପହଞ୍ଚାଇବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଉତ୍ସବରେ ସାଂସଦ ବିଭୁ ପ୍ରସାଦ ତରାଇ , ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ଯୋଗଦେଇ କହିଲେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କୁ ଅଧିକ କ୍ଷମତା ଦିଆଯାଇ ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇ ପାରୁଛି । ଉତ୍ସବରେ ଜିଲ୍ଲାପାଳ ସୋନାଲ ଅଧକ୍ଷତା କରି ପଞ୍ଚାୟତିରାଜ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ । ଉତ୍ସବରେ ଯୋଗଦେଇ ମୁଖ୍ୟ ବିକାଶ ତଥାନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ କହିଲେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଏବେ ଦେଶର ବିକାଶରେ ମୁଖ୍ୟ ବିନ୍ଧାଣି ସାଜିଛନ୍ତି । ବୈଠକ ଆରମ୍ଭରେ ପହେଲ ଗ୍ରାମରେ ଆତଙ୍କବାଦୀ ଆକ୍ରମଣରେ ସହିଦ୍ ହୋଇଥିବା ଅମର ଆତ୍ମାର ସଦ୍ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରାରମ୍ଭରେ ଜଗତସିଂହପୁର ବି.ଡି.ଓ ଆଶୁତୋଷ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ । ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କୁଜଙ୍ଗ ବ୍ଲକ୍ ର ନୂଆଗଡ ଗ୍ରାମ ପଞ୍ଚାୟତ ଓ ଏରସମା ବ୍ଲକ୍ ର ଏରସମା ଗ୍ରାମ ପଞ୍ଚାୟତ ର ସରପଞ୍ଚଙ୍କୁ କୁ ପ୍ରତ୍ୟେକ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କା ଆର୍ଥିକ ପୁରସ୍କାର ମୁଖ୍ୟଅତିଥି ପ୍ରଦାନ କରିଥିଲେ । ଜିଲ୍ଲାର ୫ ଜଣ ଲକ୍ଷପତି ଦିଦିଙ୍କୁ ପୁରସ୍କାର ପ୍ରଦାନ ସହ ୫ ଜଣ ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରାଯାଇଥିଲା । ଜିଲ୍ଲାର ୫ ଟି ପଞ୍ଚାୟତ କୁ ଗୋଷ୍ଠି ବିନିମୟ ପାଣ୍ଠି ମାଧ୍ୟମରେ ୩୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ,ସହର ର ବୁଦ୍ଧିଜୀବି, ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ଗଣ ମାଧ୍ୟମ

# ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକ ଓଳାଭର କ୍ଲଷ୍ଟର ଅନ୍ତର୍ଗତ ଦେଉଳସାହି ନୋଡାଲ ଉ. ପ୍ରା. ବିଦ୍ୟାଳୟଠାରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଳାଭର ଗ୍ରାମ ପଞ୍ଚାୟତର ସରପଞ୍ଚ ନହୁଷ କୁମାର ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଏବିଓ କୈଳାଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ଶଶୀକାନ୍ତ ଖଟୁଆ, ସମ୍ବର୍ଦ୍ଧିତ ଅତିଥି ଭାବେ ସିଆରସିସି ଖଗେଶ୍ୱର ପଢିହାରୀ, ପ୍ରଧାନ ଶିକ୍ଷକ ନିଗମାନନ୍ଦ ଦାସ, ଶଙ୍କର କୁମାର ପୃଷ୍ଟି, ଏସଏମସି ସଭାପତି ଅର୍ଜୁନ ଚରଣ ନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ପିଲାମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଶିକ୍ଷକ ସଞ୍ଜୟ କୁମାର ବରଜ ଅତିଥି ପରିଚୟ ପ୍ରଦାନ କରିଥିଲେ । ବହୁ ପ୍ରତିଭାର ଅଧିକାରୀ ସିଆରସିସି ଖଗେଶ୍ୱର ପଢିହାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତରୀୟ,ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଅଭିନ ଖେଳନା ଗୁଡିକ ଅତିଥିଙ୍କ ଦ୍ୱାରା ଆଦୃତ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାଳତୀ କୁମାରୀ ମହାନ୍ତି, ସବିତା ନାଥ, ଭାଗ୍ୟବତୀ ରାଉତ, ମହେଶ୍ୱର ବେହେରା, ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଓ ଅନ୍ୟ ବିଦ୍ୟାଳୟ ରୁ ଆସିଥିବା ଶିକ୍ଷକ ସୁରେଶ ଚନ୍ଦ୍ର ପରିଡା, ବିଚିତ୍ର କୁମାର ନାଥ, ହରେକୃଷ୍ଣ ସାହୁ, ଜନ୍ମେଜୟ ସାହୁ ପ୍ରମୁଖ ଉପସ୍ଥିତ ହୋଇ ସହଯୋଗ କରିଥିଲେ । ସହକାରୀ ଶିକ୍ଷକ ଭୁଲୋକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ ସାତଭାୟା ବିସ୍ଥାପିତ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଆସିଥିବା ମାନ୍ୟବର ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ଚାଳନା ସୁରେଶ ପୂଜାରୀଙ୍କୁ ସାତଭାୟା (ବଗପାଟିଆ) ବିସ୍ଥାପିତ ୪୦ ଦଳିତ ସଂରକ୍ଷିତ ବର୍ଗର ପରିବାର ଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଶାସନ ପକ୍ଷରୁ ଘର ଚିହ୍ନଟ କରି ବିସ୍ଥାପିତ ମାନଙ୍କ ଠାରୁ ଦସ୍ତଖତ ନେବାପରେ ଏମାନଙ୍କୁ ପଟା ପ୍ରଦାନ କରାଯାଉ ନଥିବା ପ୍ରକାଶ କରିଛିଁ । ଏହି ଦାବିପତ୍ର ରେ ଦୀର୍ଘ ୧୦ ବର୍ଷ ହେଲା ବିସ୍ଥାପିତ ମାନେ ପାଟ୍ଟା ପାଇବା ପାଇଁ ସଂଘର୍ଷ ଜାରି ରଖିଛିଁ । ଜିଲ୍ଲା କାର୍ଯ୍ୟାଳୟ ଆଗରେ ଦୀର୍ଘ ୧୫ ଦିନ ଧରି ଅନଶନ ରେ ବସି ନିରାଶ ହୋଇ ଫେରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଙ୍କ ଆଦେଶ କୁ ବିଚାର ନକରି ବିସ୍ଥାପିତ ମାନଙ୍କ ସହିତ କୌଣସି ଆଲୋଚନା ନକରି ଫେରାଇ ଦେଇଥିଲେ । ମାନ୍ୟବର ମନ୍ତ୍ରୀଙ୍କୁ ଦଳିତ ସଂରକ୍ଷିତ ବର୍ଗ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରି ଏମାନଙ୍କୁ ପାଟ୍ଟା ପ୍ରଦାନ କରିବାକୁ ନିବେଦନ କରିଛିଁ । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଆବାହକ ଧରଣୀଧର ରାଉତଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗଙ୍କ ଗୁହାଳରୁ ଟେକିନେଲେ ୨୫ ଛେଳି

ବାଲିପାଟଣା ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ପମ୍ପାଲୋ ପଞ୍ଚାୟତର ଦୋରବାଙ୍ଗ ଗ୍ରାମର ଦିବ୍ୟାଙ୍ଗ ଶରତ ନାୟକଙ୍କ ଗୁହାଳରୁ କେହି ଦୁର୍ବୃତ୍ତ ଚାରିଚକିଆ ଯାନ ଲଗାଇ ୨୫ ଟି ବଡ଼ ଛେଳି ଚୋରୀ କରି ନେଇଛାଏ ସଂମ୍ପର୍କରେ ଶରତଙ୍କ ପତ୍ନୀ ଗୌରୀ ନାୟକ ବାଲିପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି।ଶରତ ନାୟକ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ, ସେ କିଛି ଋଣ ଆଣି ଛେଳି ଫାର୍ମ କରି ପରିବାର ଭରଣ ପୋଷଣ କରୁଥିଲେ।ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଗୁହାଳ କବାଟ ଓ ତାଲା ଭାଙ୍ଗି କେହି ଚାରି ଚକିଆ ଗାଡ଼ି ଲଗାଇ ସବୁ ବଡ଼ ଛେଳି ଚୋରୀ କରି ନେଇଛି।୩ ଟି ଛୋଟ ଛେଳି ଛୁଆଁକୁ ଛାଡ଼ି ଦେଇଛନ୍ତ।ସେମାନଙ୍କର ବୋବାଳି ଶୁଣି ଶରତଙ୍କ ପତ୍ନୀ ଗୌରୀ ଦେଖନ୍ତି ଗୋଟିଏ ବି ବଡ ଛେଳି ଗୁହାଳରେ ନାହାନ୍ତି।ଛେଳି ଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ୭୦ ହଜାର ହେବା।ଶରତ ନାୟକ ଚୋରୀ ପରେ ବଞ୍ଚିବାର ଆଶା ହରାଇ ଦେଇଛି।ତୁରନ୍ତ ଉକ୍ତ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି। ପ୍ରକାଶ ଥାଉକି ବାଲିପାଟଣା ଥାନା ଅଂଚଳରେ ଏପରି ଗରିବ ଲୋକ,ନିଜର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ପଶୁ ପାଳନ କରୁଥିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କର ହାତରୁ ଆହାର ଥାଳି ଛଡ଼ାଇ ନେଉଥିଲେ ମଧ ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ।

## ଶ୍ରମିକଙ୍କ ମୃତ୍ୟୁ ଅଂଶୁଘାତ ସନ୍ଦେହ

ରଣପୁର, ,(ସବ୍ୟୁ): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଏକ ନମ୍ବର ୱାର୍ଡ ସାନଗଡ଼ ଏକ ଅଭାବନୀୟ ଘଟଣା ଘଟିଯାଇଥିବା ଦେଖିବାକୁ ମିଳିଛି । ତେବେ ଏହି ୱାର୍ଡର କୁମ୍ଭାର ସାହିର ସ୍ୱର୍ଗତ ସୁବଳ ପରିଡ଼ାଙ୍କ ପୁଅ ରମେଶ ଚନ୍ଦ୍ର ପରିଡ଼ା (୩୭) ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ଗାଁରେ ଶ୍ରମିକ ଭାବେ ପାଇପି ମିସ୍ତ୍ରୀ ଭାବେ କାମ କରିବାକୁ ଯାଇଥଲେ। ସେଠାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ କାମ କରୁଥିବା ବେଳେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ନିମନ୍ତେ ସ୍ଥାନୀୟ ରାଜ ସୁନାଖଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲ। ଏହା ଏକ ଅଂଶୁଘାତ ଜନିତ ମୃତ୍ୟୁ ବୋଲି କୁହାଯାଉଛି। ରଣପୁର ଡାକ୍ତରଖାନା କୁ ଶବ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା। ସ୍ୱର୍ଗତ ରମେଶଙ୍କ ୧୧ବର୍ଷର ପୁଅ ଓ ୩ବର୍ଷର ଝିଅ ସାଙ୍ଗକୁ ବିଧବା ମା ଓ ସ୍ତ୍ରୀ ଅଛନ୍ତି । ଗରିବ ରମେଶଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ନିଖୋଜ ଶିଶୁ ବ୍ରହ୍ମପୁରରୁ ଉଦ୍ଧାର

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ଅଶୋକ ନଗର ବଙ୍ଗୀୟ ବସ୍ତିରୁ ସପ୍ତାହେ ତଳେ ନିଖୋଜ ଜଣେ ୯ ବର୍ଷର ଶିଶୁକୁ ବାଲୁଗାଁ ପୋଲିସ ବୁଧବାର ବ୍ରହ୍ମପୁର ଷ୍ଟେସନ ନିକଟରୁ ଉଦ୍ଧାର କରିବାରେ ସଫଳ ହୋଇଛି ।ସୂଚନା ଥାଉକି, ବାଲୁଗାଁ ବଙ୍ଗୀୟ ବସ୍ତିରେ ରହୁଥିବା କାହ୍ନା ବିଶ୍ୱାସ ଚତୁର୍ଥ ଶ୍ରେଣୀରେ ପଢେ । ତାର ପିତା ମାତା କୌଣସି କାରଣରୁ ଅନ୍ୟତ୍ର ରହୁଥିବା ବେଳେ ସେ ଆଈ ପାଖରେ ରହି ପାଠ ପଢୁଥିଲା। ଗତ ୧୭ ତାରିଖରେ କାହ୍ନା ସବୁଦିନ ପରି ସକାଳୁ ସ୍କୁଲ ଯାଇ ଘରକୁ ଫେରିନଥିଲା । ବହୁ ଖୋଜା ଖୋଜି ପରେ କାହ୍ନାର ସନ୍ଧାନ ନ ମିଳିବାରେ ତାର ଆଈ ସବିତା ବିଶ୍ୱାସ ନିଖୋଜ ସମ୍ପର୍କରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ୧୧୯/୨୫ ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିବା ବେଳେ ଚିହ୍ନଟ ପାଇଁ ତାର ଫୋଟୋ ବିଭିନ୍ନ ଷ୍ଟେସନ କର୍ତ୍ତୃପକ୍ଷ ଏବଂ ଥାନାକୁ ଦେଇଥିଲେ । ଏପରି ସ୍ଥଳେ ବୁଧବାର ବ୍ରହ୍ମପୁର ଷ୍ଟେସନ ଅଞ୍ଚଳରେ କାହ୍ନା ବୁଲୁଥିବା କୌଣସି ସୂତ୍ରରୁ ଖବର ମିଳିଥିଲା । ବାଲୁଗାଁ ଥାନା ଆଇ ଆଇ ସି ଜୟ ପ୍ରକାଶ ପରିଡାଙ୍କ ତତ୍ୱାବଧାନରେ ଏକ ଟିମ ଯାଇ ସେଠାରୁ କାହ୍ନାକୁ ଉଦ୍ଧାର କରି ବାଲୁଗାଁ ଆଣିଥିଲେ । ପରେ ତାର ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଛି। କାହ୍ନାକୁ କେହି ଅପହରଣ କରିନଥିବା ଏବଂ ସେ ନିଜେ ଟ୍ରେନରେ ବସି ପଳାଇଥିବା ତଦନ୍ତରୁ ଜଣାପଡିଛି ।

# ଆତଙ୍କବାଦୀଙ୍କ ବିରୁଦ୍ଧରେ ବଜରଙ୍ଗ ଦଳର ବିକ୍ଷୋଭ

ବୋଲଗଡ,(ସବ୍ୟୁ) : ମଙ୍ଗଳବାର କାଶ୍ମିରୀ ଉପତ୍ୟାକାର ପହଲଗାଁରେ ପାକିସ୍ଥାନୀ ସମର୍ଥିତ ଆତଙ୍କବାଦୀଙ୍କ ଦ୍ୱାରା ନିରପରାଧୀ ହିନ୍ଦୁମାନଙ୍କୁ ହିନ୍ଦୁ ପରିଚୟ ପଚାରି ଅତିନିକଟରୁ ମୁଣ୍ଡକୁ ଗୁଳିକରି ହତ୍ୟା କରିବା ଦ୍ୱାରା ୨୮ଜଣହିନ୍ଦୁ ପର୍ଯ୍ୟଟକଙ୍କ ଜୀବନ ହାନି ଘଟିଛି । ଆତଙ୍କବାଦୀମାନେ ପ୍ରଥମେ ହିନ୍ଦୁ ମୁସଲିମ୍ ଅଲଗା ଅଲଗା ଠିଆ କରାଇ ତୁମର ଧର୍ମ କଣ ପଚାରିବା ସହିତ ହିନ୍ଦୁ ଏବଂ ମୁସଲମାନଙ୍କୁ ଅଲଗା କରି କଲମା ପଢି ଜାଣୁନଥିବା ଲୋକଙ୍କୁ ଗୁଳି କରି ହତ୍ୟା କରିଥିଲେ । ସେମାନେ କେବଳ ହିନ୍ଦୁମାନଙ୍କୁ ଖୋଜି ଖୋଜି ହତ୍ୟା କରିବା ଏବଂ ହିନ୍ଦୁ ଧର୍ମପ୍ରତି ଥିବା ସେମାନଙ୍କ ଘୃଣାକୁ ଜାହିର କରିଥିଲେ । ଏହି ଘୃଣ୍ୟ କାର୍ଯ୍ୟର ପ୍ରତିବାଦରେ ଗୁରୁବାର ବୋଲଗଡ ବଜରଙ୍ଗ ଦଳ ପ୍ରଖଣ୍ଡ ସଂଯୋଜକ ଇତେଶ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହିତ ଦିବଙ୍ଗତ ଆତ୍ମାମାନଙ୍କର ସଦ୍ଗତି ନିମନ୍ତେ ଏକ ଦୀପଦାନ କରାଯାଇଥିଲେ । ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଲୋକଜିତ ପରିଡ଼ା, ରାଜେନ୍ଦ୍ର କୁମାର ରାମ,ଚିତ୍ତରଞ୍ଜନ ପଟ୍ଟନାୟକ, ତରୁଣ କୁମାର ସାହୁ, ରାକେଶ କୁମାର ସାହୁ, ସରୋଜ କୁମାର ଜେନା ପ୍ରମୁଖ ଯୋଗଦେଇ ପାକିସ୍ଥାନ ପତକାକୁ ନିଆଁ ଲଗାଇ ସେମାନଙ୍କର କ୍ରୋଧ ଜାହିର କରିଥିଲେ । ପରେ ପରେ ଏକ ଶୋଭାଯାତ୍ରାରେ ଯାଇ ଜଗନ୍ନାଥଙ୍କ ମନ୍ଦିର ନିକଟରେ ସମୂହ ଦୀପଦାନ କରି ସ୍ୱର୍ଗତ ଆତ୍ମାମାନଙ୍କର ସଦଗତିକାମନା କରିଥିଲେ ।

## ବୃଦ୍ଧଙ୍କୁ ମିଳୁନି ଭତ୍ତା

ଖଣ୍ଡପଡା,(ସବ୍ୟୁ):ଖଣ୍ଡପଡା ବ୍ଲକର ରାଣୀପଡା ପଂଚାୟତ ଅଧିନ ଗିରିଗିରିଆ ଗ୍ରାମର ବୃଦ୍ଧ ବ୍ୟକ୍ତି ନବ କିଶୋର ପଣ୍ଡାଙ୍କ ବୟସ ଏବେ ୬୫ ଛୁଇଁଥିଲେ ହେଁ ସେ ଭତା ପାଇବାରୁ ବଂଚିତ ହୋଇଥିବା ଜଣାପଡିଛି । ଭତ୍ତା ଟଙ୍କା ପାଇବା ନିମନ୍ତେ ନବକିଶୋର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିଥିଲେ ହେଁ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ କେହି ହେଲେ ତାଙ୍କ ପ୍ରତି ସମ୍ବେଦନଶୀଳ ହୋଇ ନଥିବା ଜଣାପଡିଛି । ଫଳରେ ଭତା ପାଇବାରୁ ବଂଚିତ ବୃଦ୍ଧ ବ୍ୟକ୍ତିଜଣକ ଏବେ ଦୁଃଖରେ ଦିନ କାଟୁଥିବା ଜଣାପଡିଛି । ଏଥିପ୍ରତି ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଲିଟିଲ ଷ୍ଟାର ଗ୍ରୁପର ବ୍ୟକ୍ତିତ୍ୱ ବିକାଶ କର୍ମଶାଳା




ନିମାପଡା,(ସବ୍ୟୁ) :ନିମାପଡାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୨୩ ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ସ୍ଥାନୀୟ ଅଣ୍ଡିଆସାହି ଦକ୍ଷିଣେଶ୍ୱରୀ ବିଦ୍ୟାପୀଠ ପରିସରରୁ ଆରମ୍ଭ ହୋଇଛି । ଗ୍ରୁପର ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଭାଗ ନେଇଥିବା ବିଦ୍ୟାର୍ଥୀ ମାନେ ଗୀତ,ବକ୍ତୃତା,ଗଳ୍ପ,କଥନ,କବିତା ଆବୃତୀ ଆଦି କ୍ଷେତ୍ରରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ,ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ,ଫାମାସିଷ୍ଟ ଆଇ ତ୍ରିନାଥ ପାତ୍ର,ଶିକ୍ଷାବିତ୍ ପ୍ରକାଶ ଖଟୋଇ,ନିର୍ମଳ ମିଶ୍ର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଗ୍ରୁପ ପକ୍ଷରୁ ନିୟମିତ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ମୋ ଆଶା' ର ଗ୍ରୀଷ୍ମ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପିଲାମାନଙ୍କ ପ୍ରତିଭାର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହେବ ବୋଲି ଗ୍ରୁପର ସଂପାଦକ ଶ୍ରୀ ମହାରଣା ସୂଚନା ଦେଇଛନ୍ତି ।

# ଏସଇଆରର ବିଶ୍ୱ ଐତିହ୍ୟ ସପ୍ତାହ ପାଳନ

**କୋଲକାତା:** ଦକ୍ଷିଣ ପୂର୍ବ ରେଳବାଇରମୁଖ୍ୟାଳୟ, ଗାର୍ଡେନ ରଚଠାରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ ହୋଇଯାଇଛି । ଦକ୍ଷିଣ ପୂର୍ବ ରେଳବାଇର ଜୋନାଲ ଐତିହ୍ୟ କମିଟିର ଏଜିଏମ ତଥା ଅଧକ୍ଷ ସୌମିତ୍ର ମଜୁମଦାର ଐତିହ୍ୟ ସଂରକ୍ଷଣ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ନିମନ୍ତ୍ରିତ ଅତିଥି ।ମାନଙ୍କୁ ସ୍ୱାଗତ କରିଥିଲେ । ରେଳ ବୋର୍ଡର ପୂର୍ବତନ ଅର୍ଥ ସଦସ୍ୟ ଏବଂ ରେଳ ଉତ୍ସାହୀଙ୍କ ପୂର୍ବ ଏବଂ ଉତ୍ତର-ପୂର୍ବ ଅଧ୍ୟାୟର ମୁଖ୍ୟ ସଂଜୋୟ ମୁକରଜୀ ରେଳ ଐତିହ୍ୟର ଗୁରୁତ୍ୱ ବିଷୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।ପରେ ଇନଟାକର ପରାମର୍ଶଦାତା ଜି.ଏମ୍.କପୁର ଏବଂ ଏସଇଆର ପୂର୍ବତନ ପିସିଓଏମର ପ ଜି.କେ. ମହାନ୍ତି ଯଥାକ୍ରମେ ଶିଳ୍ପ ଐତିହ୍ୟ ଏବଂ ଏସଇଆର ମାଲ ପରିବହନ ଐତିହ୍ୟ ବିଷୟ ଉପରେ ଉପସ୍ଥାପନ କରିଥିଲେ । ଦକ୍ଷିଣ ପୂର୍ବ ରେଳବାଇର ଏଜିଏମ୍ ଏବଂ ଜୋନାଲ ଐତିହ୍ୟ କମିଟିର ଅଧକ୍ଷ ଐତିହ୍ୟ ସପ୍ତାହରେ ଅନୁଷ୍ଠିତ ଫଟୋଗ୍ରାଫି, ଡ୍ରିଇଙ୍ଗ ଏବଂ ଟ୍ରେକିଂ ଏବଂ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଫୁଲନଖରା,(ସବ୍ୟୁ) :ଗୁରୁବାର ବାରଙ୍ଗ ବ୍ଲକର ସମସ୍ତ ପଞ୍ଚାୟତରେ ପାଳନ କରାଯାଇ ଜାତୀୟ ପଞ୍ଚାୟତିରାଜ ଦିବସ। ଏହି ଅବସରରେ ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା କରାଯାଇ ପାନୀୟଜଳ, ପରିମଳ ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ବନ୍ଧୀୟ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା। ମଧୁପୁର ପଞ୍ଚାୟତରେ ହୋଇଥିବା କାର୍ଯ୍ୟକ୍ରମରେ ବିଡିଓ ସ୍ୱାଗତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର,ବ୍ଲକ ଗ୍ରା.ପ. ଉନ୍ନୟନ ଅଧିକାରୀ ପ୍ରଜ୍ଞା ସାଗରିକା ନନ୍ଦ, ପିଇଓ ରାଜଲକ୍ଷ୍ମୀ ଭୂୟାଁ,ଏଡ଼ିଇ ଓ ଅନୁରାଧା ମହାରଣା, ସରପଞ୍ଚ ସସ୍ମିତା ଭୋଇ, ସ୍ୱଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମିତି ସଭ୍ୟ କିଷନ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପହଲଗାମରେ ସହିଦ ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଯାତ୍ରା

ବାଲିଅନ୍ତା,(ସବ୍ୟୁ): ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଏକ ବର୍ବର ଏବଂ ନୃଶଂସ ଆତଙ୍କବାଦୀ ଆକ୍ରମଣରେ ମଙ୍ଗଳବାର ଦିନ ୨୯ ଜଣଙ୍କ ଜୀବନ ଯାଇଥିବାବେଳେ, ୯ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ବୁଧବାର ସନ୍ଧ୍ୟାରେ ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ଓ ନିର୍ଭିକ ଖବର ପକ୍ଷରୁ ସହିଦଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରିଯାଇଥିଲା ।ଭାରତ ମାତାକି ଜୟ, ବନ୍ଦେ ମାତରଂ ସ୍ଲୋଗାନ ଦେଇ ବାଳକାଟି ବ୍ରିଜ ଠାରୁ ମଦନମୋହନ ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡଲେ ଶୋଭାଯାତ୍ରାରେ ପରିକ୍ରମା ପରେ ପ୍ରଭୁ ମଦନମୋହନଙ୍କ ନିକଟରେ ସହିଦ ପର୍ଯ୍ୟଟକଙ୍କ ଆତ୍ମାର ସଦଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାଞ୍ଚନ ଫାଉଣ୍ଡେସନର ସଭାପତି ରଞ୍ଜନ କୁମାର ମହାପାତ୍ର, ଶିକ୍ଷାବିତଲକ୍ଷ୍ମୀଧର ପ୍ରଧାନ, ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ, ପ୍ରଦୀପ୍ତ କୁମାର ମହାନ୍ତି,ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ସହ ସମ୍ପାଦକ ପ୍ରଳୟ କୁମାର ଦାସ ଉମାକାନ୍ତ ବେହେରା, ସୁରେଶ ବେହେରା, କାହ୍ନୁଚରଣ ଦାସ, ଦୀପକ୍ କୁମାର ସ୍ୱାଇଁଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଖଣ୍ଡପଡା,(ସବ୍ୟୁ):ଖଣ୍ଡପଡା ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅଙ୍କୁର ଅଭିଳାଷ ପୌରୋହିତ୍ୟ କରିଥିବା ବେଳେ ବ୍ଲକ ଅଧକ୍ଷା ଉପମା ବେହେରା, ୬ନଂ ଜିଲ୍ଲା ପରିଷଦ ସଭ୍ୟା ଉଜଳ ମହାରଣା, ସାଂସଦଙ୍କ ଖଣ୍ଡପଡା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ, ଏବିଡିଓ ଝାଡେଶ୍ୱର ଦାସ ପ୍ରମୁଖ ମଂଚାସୀନ ଥିଲେ । ଏ ଅବସରରେ ବିଭିନ୍ନ ପଂଚାୟତ ପକ୍ଷରୁ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ରାସନ କାର୍ଡ ବଂଟନ କରାଯାଇଥିଲା । ନୂତନ ରାସନ କାର୍ଡ ପାଇ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ଦୀର୍ଘ ଦିନ ପରେ ସ୍ୱପ୍ନ ସାକାର ହୋଇଥିବା ପ୍ରତିକ୍ରୀୟା ଦେଇଛନ୍ତି । ଜିପିଇଓ ଅନିତ କୁମାର ବଡସେଟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ୨୨ ଗୋଟି ପଞ୍ଚାୟତରୁ ମିଶନଶକ୍ତି ମହିଳା, ଏସଏଚଜି ମହିଳା ,ଲେକଲୋକ ପ୍ରତିନିଧିମାନେ ଯୋଗ ଥିଲେ ।

## ସାକ୍ଷୀଗୋପାଳଙ୍କ ଷଡଭୁଜ ଗୌରାଙ୍ଗ ବେଶ

ସାକ୍ଷୀଗୋପାଳ (ସବ୍ୟୁ) : ଗୁରୁବାର ବୈଶାଖ କୃଷ୍ଣ ଏକାଦଶୀ ତିଥି ଅବସରରେ ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ଷଡଭୁଜ ଗୌରାଙ୍ଗ ବେଶ ଅନୁଷ୍ଠିତ ହୋଇଯାଇଛି।ଦୈନନ୍ଦିନ ଦେବନୀତି ମଧ୍ୟରେ ପ୍ରତ୍ୟୁଷରୁ ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତୀ, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୁପ, ବୀର କେଶରୀ ବଲ୍ଲଭ ଭୋଗ ସମାପନ କରାଯାଇଥିଲା। ଅପରାହ୍ନରେ ଦ୍ୱିପହର ଧୁପ ବେଶରେ ସାକ୍ଷୀଗୋପାଳ ଠାକୁରଙ୍କୁ ଷଡଭୁଜ ଗୌରାଙ୍ଗ ବେଶ ଅନୁଷ୍ଠିତ ହୋଇଥିଲା । ଏହି ବେଶର ଠାକୁର ନୂତନ ଶୁକ୍ଳ ବସ୍ତ୍ର, ଦୋଶଡା ପରିଧାନ କରିଥିଲେ। ଅଣ୍ଟାରେ ବେଙ୍ଗ ପାଟିଆ ମାଳ, ଚର୍ତ୍ତୁଭୁଜ, ଗୌରାଙ୍ଗ ବେଶରେ ଚତୁର୍ଭୁଜରେ ଜପାମାଳ, କମଣ୍ଡଳୁ, ଧନୁ, ତୀର ଓ ସୁବର୍ଣ୍ଣ ବଂଶୀ ଶୋଭା ପାଉଥିଲା ।ଗଳାରେ ତୁଳସିମାଳା ଧାରଣ କରିବା ସହିତ ମୁଖମଣ୍ଡଳ ଓ ଶ୍ରୀ ଭୁଜକୁ ଚନ୍ଦନରେ ଆଚ୍ଛାଦିତ କରାଯାଇଥିଲା।ମସ୍ତକରେ ଶୁକ୍ଳ ବର୍ଣ୍ଣ ଫୁଲ ପାଖୁଡ଼ାରେ ହରିତିଳକ ଶୋଭା ପାଇଥିବା ବେଳେ ଦୁଇ ପାର୍ଶ୍ୱରେ ନିତାଇ ନିତାଇ ଗୌରାଙ୍ଗଙ୍କ ପ୍ରତିମା ଦଣ୍ଡାୟମାନ ହୋଇଥିଲା।ଛ ବେଶ ସମାପନ ପରେ ଦ୍ୱିପହର ଧୁପ ଓ ଆଳତି ଅନୁଷ୍ଠିତ ହୋଇଥିଲା। ଏହାପରେ ସନ୍ଧ୍ୟାଧୂପ ବେଶ ରାତି ୮ ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ରତ୍ନ ସିଂହାସନରେ ସାକ୍ଷୀଗୋପାଳଙ୍କୁ ଏହି ନିଆରା ବେଶ ଦର୍ଶନ କରିଥିଲେ। ଏହି ବେଶ ଶ୍ରୀରାମଚନ୍ଦ୍ରପୁର ଶାସନର ସ୍ୱର୍ଗତ ବ୍ରଜବନ୍ଧୁ ନନ୍ଦ ଙ୍କ ପରିବାର ପକ୍ଷରୁ କରାଯାଉଛ।

# ବଣିକ ସଂଘର ଆତଙ୍କବାଦୀ ହମଲାକୁ ନିନ୍ଦା

ନିରାକାରପୁର, (ସବ୍ୟୁ):ଜାମ୍ମୁ -କାଶ୍ମୀରର ପହଲଗାମ ନିକଟସ୍ଥ ବୈସାରଣ ଘାଟିରେ ପାକିସ୍ତାନୀ ଆତଙ୍କବାଦୀ ଦ୍ୱାରା ଗୁଳି ବର୍ଷଣ ଯୋଗୁଁ ଭାରତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ମୋଟ ୨୮ଜଣଙ୍କର ମୃତ୍ୟୁ ଘଟିଛି ।ତେଣୁ ଏହାର ନିନ୍ଦାକରି ଆଜି ନିରାକାରପୁର ବଣିକ ସଙ୍ଘ ତରଫରୁ ସଭାପତି ଆର୍ତ୍ତତ୍ରାଣ ରାଉତରାୟଙ୍କ ନେତୃତ୍ୱରେ ବଡ଼ ବଜାରସ୍ଥିତ ବଣିକ ସଂଘ କାର୍ଯ୍ୟାଳୟ ଠାରୁ ବାହାରି କଲେଜ ଛକ ପର୍ଯ୍ୟନ୍ତ ନୂଆ ଜଗନ୍ନାଥ ସଡ଼କରେ ବଜାର ପରିକ୍ରମା କରାଯାଇ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ଗୁଳିରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକଙ୍କ ଉଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।।ବଣିକ ସଙ୍ଘର ସମ୍ପାଦକ ବଳ ରାମ ରାଉତରାୟ, ଉପସଭାପତି ସାଗର ବାରିକ, ରଜନୀକାନ୍ତ ପରିଡା, ପୁଷ୍ପ ରଞ୍ଜନ ସାହୁ, ଆନନ୍ଦ ବାଘସିଂହ ପ୍ରମୁଖ ବଣିକ ସଙ୍ଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଆତଙ୍କୀ ହାମଲାରେ ମୃତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ରଣପୁର,(ସବ୍ୟୁ) : ଜାମୁ କାଶ୍ମୀର ପହଲଗ୍ରାମ ଆତଙ୍କୀ ହାମଲା ରେ ମୃତ୍ୟୁ ବରଣ କରିଥିବା ଓଡ଼ିଆ ତଥା ସମସ୍ତ ଙ୍କ ଆତ୍ମା ର ସଦଗତି ପାଇଁ ରଣପୁର ଜଗନ୍ନାଥ ସେନା ଓ ରଣପୁର ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସେନା ର ଆବାହକ ବିରାଜ ମିଶ୍ର,ଓ ସମସ୍ତ କର୍ମକର୍ତ୍ତା, ସହିତ ରଣପୁର ଜାତୀୟ କଂଗ୍ରେସ ର ବିଧାୟକ ପ୍ରାର୍ଥୀ ବିଭୁ ପ୍ରସାଦ ମିଶ୍ର, ରଣପୁର ବ୍ଲକ୍ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଆଇନଜୀବି ଶତ୍ରୁଘ୍ନ ପାଇକରାୟ ଓ ବିଭିନ୍ନ ଗ୍ରାମ ପଞ୍ଚାୟତ ରୁ ଆସିଥିବା କଂଗ୍ରେସ କର୍ମୀ ମାନେ ରଣପୁର ପଞ୍ଚୁଦୋଳ ପଡିଆ ସହିଦ୍ ରଘୁ ଦିବାକର ପ୍ରତିମୂର୍ତ୍ତି ନିକଟରୁ ଶୋଭାଯାତ୍ରାରେ ବାହାରି ରଣପୁର ଜଗନ୍ନାଥ ମନ୍ଦିର ସିଂହଦ୍ୱାରକୁ ଯାଇମୃତ ବ୍ୟକ୍ତିଙ୍କ ଅନ୍ତରାତ୍ମା ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ନିରବ ପ୍ରାର୍ଥନା କରିଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଆଠଗଡ଼ ,(ସବ୍ୟୁ) : ଗୁରୁବାର ଆଠଗଡ ପଞ୍ଚାୟତ ସମିତି ଠାରେ ବ୍ଲକ ସ୍ତରୀୟ ପଞ୍ଚାୟତ ରାଜ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ସରପଞ୍ଚ ସମିତି ସଭ୍ୟ ଙ୍କ ସହିତ ଆଠଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଣ୍ଡା,ସି.ଆର.ପି, ଏମବିକେ ବିଭିନ୍ନ ଯୋଜନାର ହିତାଧିକାରି ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । 'ପୁଷ୍ଟି' ପଞ୍ଚାୟତ ପୁରସ୍କାର ଜିତିଥିବା ଖୁଣ୍ଟକଟା ଗ୍ରାମ ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯାଇଥିଲା।ଆଠଗଡ଼ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ରଶ୍ମିରେଖା ନାଏକ କାର୍ଯ୍ୟକ୍ରମ କୁ ସଞ୍ଚାଳନ କରିଥିଲେ।

# ମଞ୍ଚ ଅଭିନେତାଙ୍କ ବିୟୋଗରେ ଶୋକ

କୁଆଁପାଳ: (ସବ୍ୟୁ) : ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହୁଣ୍ଡା ପଂଚାୟତସ୍ଥ ଧଉଳିଆ ଗ୍ରାମର ମଂଚ ଅଭିନେତା ତଥା ସଂକୀର୍ତ୍ତନ ପ୍ରେମୀ କଳାକାର ଦୀନବନ୍ଧୁ ଦାଶ (୯୭)ଙ୍କ ପରଲୋକ ଘଟିଛି । ବିନାୟକ କ୍ଲବ ଧଉଳିଆ ଆଦି ଅନୁଷ୍ଠାନ ସହିତ ଜଡିତ ଥିବା ସହିତ ଗଣକବି ବୈଷ୍ଣବ ପାଣିଙ୍କ ବହୁ ଗୀତିନାଟ୍ୟରେ ବିଭିନ୍ନ ମଂଚ ନାଟକରେ ଅଭିନୟ କରିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସମାଜସେବୀ ଅଖିଳେଶ ପଦ ମହାନ୍ତି,ପୂର୍ବତନ ସମିତିସଭ୍ୟ ରାଧାନାଥ ରାଉତ,ସୁନାକର ନାୟକ, ସୁବାଷ ବେହେରା,ଲକ୍ଷ୍ମୀଧର ସାମଲ, ହେମନ୍ତ ପ୍ରଧାନ,କଳ୍ପନା ଜେନା, ମହେଶ୍ୱର ରାଉତ, ଲକ୍ଷ୍ମୀଧର ବେହେରା, ନିହାର ରଞ୍ଜନ ପଣ୍ଡା,ସରପଂଚ ନଳିନୀ ପ୍ରଭା ପ୍ରଧାନ , ସମିତି ସଭ୍ୟା ସୁପ୍ରଭା ସାମଲ, ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ଦାସ, ପଂଚାନନ ପଣ୍ଡା, ବିଶ୍ୱନାଥ ପଲେଇ, ଗଣେଶ ଚନ୍ଦ୍ର ବିହାରୀ , ରମାକାନ୍ତ ପଣ୍ଡା, ପ୍ରଫୁଲ୍ଲ ଜେନା, ଶୁକଦେବ ସ୍ୱାଇଁ, ଅଫସର ତୁଲ୍ଲା, ରବୀନ୍ଦ୍ର ପୃଷ୍ଟିଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ ଦାଶଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି ।

# ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲିପାଟଣା,(ସବ୍ୟୁ) :ଗୁରୁବାର ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାସ୍ଥିତ ସରିପୁର ଗ୍ରାମର ଅବସରପ୍ରାପ୍ତ ରେଣୁବାଳାଜେନାଙ୍କ ଏକାଦଶାହ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀବୁଦ୍ଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ତାଙ୍କର ସହପାଠୀମାନଙ୍କର ତରଫରୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ନାରାୟଣ ବେହେରା, ପ୍ରସନ୍ନ ସେନାପତି, ମନୋରଞ୍ଜନ ମିଶ୍ର, ରଜନୀକାନ୍ତ ମହାନ୍ତି ,ଅମ୍ବିକା ଜେନା ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଆତ୍ମାର ସଦଗତି କାମନା କରିଛନ୍ତି। । ସୂଚନା ଯୋଗ୍ୟ ଯେ ସ୍ୱର୍ଗତ ରେଣୁବାଳା ଜଗନ୍ନାଥପୁର ଗ୍ରାମ ଗାଦିବ୍ରହ୍ମ ବାଳିକା ଉଚ୍ଚ ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷୟିତ୍ରୀ ଭାବେ ଅବସର ନେଇ ଥିବା ବେଳେ ଗତ ପଣାସଂକ୍ରାନ୍ତୀରେ ତାଙ୍କର ଅକାଳ ପରଲୋକ ଘଟିଥିଲା।

## ପଞ୍ଚାୟତିରାଜ ଦିବସ ପାଳିତ

କଣ୍ଟାପଡ଼ା, (ସବ୍ୟୁ) :କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯକ୍ରମରେ ବ୍ଲକ ଅଧକ୍ଷା ସୁଶ୍ରୀ ଜିନା ଭୋଇ, ଉପାଧକ୍ଷ ଯତୀନ୍ଦ୍ରନାଥ ବରାଳ, ବ୍ଲକ ଆତ୍ମା ଅଧକ୍ଷ ପ୍ରଦୀପ୍ତକୁମାର ପାତ୍ର, ବିଡ଼ିଓ ସ୍ୱପ୍ନିତା ନାୟକ, ଅତିରିକ୍ତ ବିଡ଼ିଓ ରୁବି ତପସ୍ୱିନୀ ଦାସ, ସହକାରୀ ଯନ୍ତ୍ରୀ ଇଂ.ଧନଂଜୟ ସାମଲ, ବ୍ଲକ ଯୋଗାଣ ନିରୀକ୍ଷକ ମୋଚିରାମ ଦାସ,କଣ୍ଟାପଡ଼ା ସରପଞ୍ଚ ନିର୍ମଳକୁମାର ସାହୁ, ସମିତି ସଭ ପବିତ୍ରମୋହନ ସ୍ୱାଇଁ, ବ୍ରାହ୍ମଣବାଟୀ ସରପଞ୍ଚ ସଂଜୟକୁମାର ରାଉତରାୟ, ନାହାଳପୁର ସରପଞ୍ଚନିରୁପମା ଜେନା, ଝାରପଡ଼ା ସମିତି ସଭ୍ୟ ଜଗନ୍ନାଥ ବେହେରା ପ୍ରମୁଖ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ହୋଇ ପଞ୍ଚାୟତରାଜ ଦିବସ ପାଳନର ତାପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ୩୧ ଜଣ ହିତାଧିକାରୀଙ୍କୁ ନୂତନ ରେସନକାର୍ଡ଼ ବିତରଣ କରାଗଲା। ଉକ୍ତ କାର୍ଯକ୍ରମରେ ବହୁ ସଂଖକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସା ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲାବେଳେ ବ୍ଲକ କାର୍ଯାଳୟର ସମସ୍ତ ବିଭାଗ କର୍ମଚାରୀ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡା. ରମେଶ ବେହେରାଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା




କଣାସ,(ସବ୍ୟୁ) : ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ରୋଗୀ ସେବାରେ ଲୋକପ୍ରିୟତା ହାସଲ କରିଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ରମେଶ ଚନ୍ଦ୍ର ବେହେରା ସରକାରୀ ଚାକିରିରୁ ସେଚ୍ଛାକୃତ ଅବସର ନେଇଥିବାରୁ ବୁଧବାର ଦିନ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ତାଙ୍କୁ ସେବା ନିବୃତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇ ଡାକ୍ତର ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ତାଙ୍କୁ କଣାସ ବଜାର ଠାରୁ ଓଡିଶା ସ୍କାଉଟ ଓ ଗାଇଡି ତଥା ସେଣ୍ଟ ଜହନ ଆମ୍ବୁଲାନ୍ସର ବ୍ରିଗେଡିଅରଙ୍କ କ୍ୟାଡେଟମାନେ, ଜନସାଧରଣ, ସ୍ୱେଚ୍ଛାସେବୀ, ସାମ୍ବାଦିକ ଏବଂ ଡାକ୍ତରଖାନାର କର୍ମଚାରୀମାନେ ଶୋଭା ଯାତ୍ରାରେ ଆଣି ଫୁଲତୋଡା ଦେଇ କଣାସ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପାଛୋଟି ଆଣିଥିଲେ। ପରେ କଣାସର ବର୍ତ୍ତମାନର ଅଧିକ୍ଷକ ଡାକ୍ତର କ୍ଷମାନିଧି ସେଠୀଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।ଏହି ସମ୍ବର୍ଦ୍ଧନା ସଭାରେ ମଧ୍ୟ ସାମ୍ବାଦିକ ସମୀର ବଳିଆରସିଂଙ୍କୁ ମଧ୍ୟ ଡ଼ାକ୍ତରଖାନା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର ବିବେକ ଅନୁରାଗ, ଡାକ୍ତର ସବ୍ୟସାଚୀ ମହାପାତ୍ରା, ଡାକ୍ତର କୁମାର ଅଭିନନ୍ଦନ, ଡାକ୍ତର ସୌମ୍ୟରଂଜନ ସେଠୀ, ଡାକ୍ତର ସସ୍ମିତା ସାମନ୍ତରାୟ, ଶ୍ରୀମତୀ ସ୍ୱର୍ଣ୍ଣଲତା ରଥ, କଳିଙ୍ଗ କୁମାର ଉପାଧ୍ୟାୟ, ଯକ୍ଷ୍ମାର ବ୍ଲକ ପରିଚାଳକ ତପନ କୁମାର ଚୌଧୁରୀ ଏବଂ ସମସ୍ତ କର୍ମଚାରୀ, ସମାଜସେବୀ ସୁକାନ୍ତ ସାମନ୍ତରାୟ, ରୋଗୀ କଲ୍ୟାଣ ସଦସ୍ୟ ଶ୍ରୀକାନ୍ତ ପାଟଯୋଶୀ, ସନ୍ତୋଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବିପିଏମ ଧନେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ।

# ଶ୍ରୀ ଲକ୍ଷେଶ୍ୱର ପୀଠରେ ରାମଲୀଳା

ଫୁଲନଖରା,(ସବ୍ୟୁ): କଟକ ଭୁବନେଶ୍ୱର ୧୬ ନଂ ଜାତୀୟ ରାଜପଥ ଫୁଲନଖରା ନିକଟସ୍ଥ ନଖରା ମୌଜାରେ ଥିବା ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ଙ୍କ ପୀଠସ୍ଥଳୀରେ ୧୯ ତାରିଖ ଠାରୁ ରାମ ଚରିତ ମାନସ ଓ ନବାହ୍ନ ପରାୟଣ ୨୭ ତାରିଖ ଯାଏଁ ଚାଲୁରହିଥିବା ବେଳେ ୨୩ ତାରିଖ ସନ୍ଧ୍ୟାର ରାମ ଲୀଳା ଆରମ୍ଭ ହୋଇଛି। ଏହା ୫ ଦିନ ବ୍ୟାପି ଦୈନନ୍ଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ରାମ ଲୀଳା ପରିଚାଳନା ସମିତିର ସଭାପତି ବଂଶୀଧର ଭୋଳଙ୍କ ଅଧକ୍ଷତାରେ ଉଦ୍ଘାଟନୀ ଓ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏଥିରେ ପାହାଲ ଥାନା ଆଇ.ଆଇ ସି ଅଶ୍ୱିନୀ କୁମାର ଜେନା ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସଭାପତି ଗୁଣନିଧି ପଟ୍ଟନାୟକ ,ସାମ୍ବାଦିକ ଲଳିତ କୁମାର ଦାଶ ପ୍ରମୁଖ ଯୋଗ ଦେଇ ଶ୍ରୀରାମ ଲୀଳାରୁ ଅନେକ କଥା ଶିଖିବାର ଅଛି ବୋଲି କହିଥିଲେ ।କାନନ ବିହାରୀ ନାୟକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ,ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି,ଶଶିଭୂଷଣ ମହାନ୍ତି ,କିଶୋର ପଟ୍ଟନାୟକ, ବିଚିତ୍ରାନନ୍ଦ ଦଳାଇ ,ସୁଧୀର କୁମାର ପଟ୍ଟନାୟକ, ଗୋଲେଖି ଚନ୍ଦ୍ର ଜେନା ,ଅନିଲ କୁମାର ମହାନ୍ତି ,ବଳରାମ ସାହୁ, ଗଗନ ଚନ୍ଦ୍ର ଭୂୟାଁ,ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ବେଳେ ଅନୁଷ୍ଠାନ ପକ୍ଷରୁ ପୂଜକ ବାଇଧର ପାଢ଼ୀ ଶ୍ରୀରାମ,ଲକ୍ଷ୍ମଣ ଓ ହନୁମାନଙ୍କୁ ପ୍ରଥମେ ଫୁଲ ଚନ୍ଦନ ଦେଇ ସମ୍ବର୍ଦ୍ଧିତ କରିବା ପରେ ପରେ ପାହାଲ ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନା,ନୀଳାମ୍ବର ସାହୁଙ୍କ ସମେତ ଫୁଲନଖରା ଓ ବାଲିଅନ୍ତା ଅଂଚଳର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାତ୍ର ୧୦ ଟା ସମୟରେ ପୁରୁଣା କାଚରାମାଳ ଚନ୍ଦନ ରାମଲୀଳା ସମିତିର କଳାକାର ମାନେ ଶ୍ରୀରାମ ଜନ୍ମ,ବନବାସ ଲୀଳା ପରିବେଷଣ କରିଥିଲେ। ଏହି ଲୀଳା ଦେଖିବା ପାଇଁ ୬୦୦ ଲୋକଙ୍କ ସମାଗମ ହୋଇଥିଲା।

## ପହଲଗାମରେ ହିନ୍ଦୁ ହତ୍ୟାକୁ ନେଇ ପ୍ରତିବାଦ

ନିରାକାରପୁର,(ସବ୍ୟୁ): କାଶ୍ମୀର ପାହଲଗାମ ପର୍ଯ୍ୟଟନ ସ୍ଥଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ପର୍ଯ୍ୟଟକ ମୃତ୍ୟୁ ଘଟିଥିଲା ଏନେଇ ସାରା ଦେଶ ସ୍ତବ୍ଧ ହୋଇଯାଇଛି।କିଛି ଜାଣିବା ପୁର୍ବରୁ ଅତିନିରିହ ୨୮ ଜଣ ଜୀବନ ଚାଲିଯାଇଛି। ଆକ୍ରମଣକାରୀଙ୍କ ସମ୍ପୃକ୍ତ ଥିବା ପାକିସ୍ତାନ ବୋଲି ଜଣାପଡ଼ିବାପରେ ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଆଞ୍ଚଳିକ ହିନ୍ଦୁ ସଙ୍ଗଠନ ପକ୍ଷରୁ ସଭାପତି ପ୍ରସାଦ ଦାସଙ୍କ ନେତୃତ୍ୱରେ ନିରାକାରପୁର ଗଣେଶ ପଡିଆ ଠାରୁ ପଦଯାତ୍ରା ଆରମ୍ଭ କରି ରାମମନ୍ଦିର ରେ ପହଞ୍ଚି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।ଏନେଇ ସଙ୍ଗଠନ ପକ୍ଷରୁ ସମ୍ପାଦକ ମନ୍ମଥ ବେହେରା,ଗୋ ରକ୍ଷକ ସୌମ୍ୟରଞ୍ଜନ ବଳିୟାର ସିଂ , ବ୍ରହ୍ମାନନ୍ଦ ଦାସ, କାର୍ତ୍ତିକ ସାମନ୍ତରାୟ ପ୍ରମୁଖ ସାମିଲ ବହୁ କର୍ମୀ ସାମିଲ ଥିଲେ।

(ଶ୍ରୀମଭଗବଦ୍ ଗୀତା ୧୪/୨୩)
-କ୍ଷେତ୍ର-ଗୁଣତ୍ରୟ ବିଭାଗଯୋଗଃ-
(ଶ୍ରୀଭଗବାନୁବାଚ )

**ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।**
**ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ।।୨୩।।**

ଯେଉଁ ବ୍ୟକ୍ତି ଉଦାସୀନ ପରି ଅବସ୍ଥାନ କରେ, ଗୁଣକାର୍ଯ୍ୟ ଦ୍ୱାରା ବିଚଳିତ ହୁଏ ନାହିଁ, ବରଂ ସତ୍ତ୍ୱାଦିଗୁଣ ସବୁ ନିଜ କାର୍ଯ୍ୟରେ ବ୍ୟାପୃତ ଅଛନ୍ତି-ଏହିପରି ମନେକରି ଯେ ଅବସ୍ଥାନ କରେ ଏବଂ କାହିଁରେ ବିଚଳିତ ହୁଏ ନାହିଁ, ସେ ଗୁଣାତୀତ ବୋଲି ଅଭିହିତ ହୁଅନ୍ତି ।।୨୩।।

# ପଞ୍ଚାୟତିରାଜକୁ ଗୁରୁତ୍ୱ

## ସମ୍ପାଦକୀୟ

ଆନନ୍ଦର ବିଷୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଞ୍ଚାୟତିରାଜ ଉପରେ ଗୁରୁତ୍ୱଆନନ୍ଦର ବିଷୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଞ୍ଚାୟତିରାଜ ଉପରେ ଗୁରୁତ୍ୱାରୋପ କରି ଆସିଛନ୍ତି । ଚଳିତ ବର୍ଷ ଏପ୍ରିଲ ୨୪ରୁ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଜାତୀୟ ପଞ୍ଚାୟତିରାଜ ଦିବସକୁ ଅନୁସରଣ କରି ପ୍ରଥମ ଥର ପାଇଁ ପଞ୍ଚାୟତିରାଜ ଦିବସ ଏଥର ପାଳନ କରୁଛନ୍ତି । ପ୍ରକୃତରେ ଗ୍ରାମବହୁଳ ଭାରତରେ ପଞ୍ଚାୟତର ବିକାଶ ଗ୍ରାମ୍ୟ ବିକାଶର ଜୀବନରେଖା ଭାବେ ଦଣ୍ଡାୟମାନ ହୋଇଛି । କେନ୍ଦ୍ର ସରକାର ଏବର ଡିଜିଟାଲ ବିପ୍ଳବକୁ ତ୍ୱରାନ୍ୱିତ କରି ଆସୁଥିବା ବେଳେ ଗ୍ରାମପଞ୍ଚାୟତମାନଙ୍କୁ ଏହି ବିପ୍ଳବରେ ସାମିଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ରାଜ୍ୟର ନୂତନ ସରକାର ମଧ୍ୟ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାର ଅନୁସରଣରେ ଗ୍ରାମାଞ୍ଚଳର ବିକାଶ ପାଇଁ ଲାଗି ପଡ଼ିଥିବା ପରିଲକ୍ଷିତ ହେଉଛି ।

ଭାରତ ସ୍ୱାଧୀନତା ପାଇବା ପରେ ଜାତିର ପିତା ମହାତ୍ମାଗାନ୍ଧୀ ଭାରତର ବିକାଶ ପାଇଁ 'ଗାଁକୁ ଫେରି ଚାଲ' ଆହ୍ୱାନ ଦେଇଥିଲେ । ମାତ୍ର ଆମ ସରକାରମାନଙ୍କର ବିଭିନ୍ନ ଯୋଜନା ସତ୍ତ୍ୱେ ଗ୍ରାମାଞ୍ଚଳର ଉନ୍ନତି ସମ୍ଭବ ହୋଇ ପାରି ନଥିଲା । ଫଳରେ ଚାକିରୀ ଅନ୍ୱେଷଣରେ ଗ୍ରାମାଞ୍ଚଳର ନିମ୍ନମଧ୍ୟବିତ୍ତ ବର୍ଗର ଲୋକେ ସହରମୁହାଁ ହେବାକୁ ବାଧ୍ୟ ହେଉଥିଲେ । ବିଭିନ୍ନ ପ୍ରାକୃତିକ ପରିବେଶ ଓ ଚାଷବାସ ସତ୍ତ୍ୱେ ଗ୍ରାମରେ ଜୀବିକା ନିର୍ବାହ ଦୁର୍ବିସହ ମନେ ହେବାରୁ ଲୋକେ ସହରରେ ଶ୍ରମଜୀବୀ ହୋଇ ବା ଚାକିରୀ ଖଣ୍ଡେ କରି ମୁଣ୍ଡ ଗୁଞ୍ଜିବାକୁ ଲାଗିଲେ । ତେଣୁ ଅତୀତରେ କଲକତାର ଝୋଟକଳ ହେଉ ବା ଚଟକଳ ହେଉ, ଓଡ଼ିଶାର ଲୋକେ ସେ ସବୁରେ ଜୀବିକା ନିର୍ବାହ କରିବାକୁ ଲାଗିଲେ । ଗୁଜରାଟର ସୁରତରେ ଏବେ ବି ଲକ୍ଷ ଲକ୍ଷ ଓଡ଼ିଆ ହୀରା କଳ ହେଉ ବା ଲୁଗା ରଂଗକଳ ବା ବସ୍ତ୍ରକଳ ହେଉ, ଏସବୁରେ କାର୍ଯ୍ୟରତ ଅଛନ୍ତି । କଂପ୍ୟୁଟର ବା ଇନଫରମେସନ ଟେକ୍ନୋଲଜିରେ ଉଚ୍ଚ ଶିକ୍ଷା ଲାଭ କରିବା ପରେ ଆମର ଯୁବକ ଓ ଯୁବତୀମାନେ ଲକ୍ଷାଧିକ ସଂଖ୍ୟାରେ ଏବେ ବାଙ୍ଗାଲୁରରେ ଅବସ୍ଥାପିତ ।

ଏବେ ବି ଅନେକ ଉଚ୍ଚ ଶିକ୍ଷିତ ଓଡ଼ିଆ ବିଦେଶରେ କାର୍ଯ୍ୟରତ । ସେମାନେ ଉପାର୍ଜନ କରୁଥିବା ଅର୍ଥରେ ତାଙ୍କ ପରିବାର ଲୋକେ ଉପକୃତ ହେଉଛନ୍ତି ଓ ଆମ ଦେଶର ଅର୍ଥନୀତି ମଧ୍ୟ କିଛି ମାତ୍ରାରେ ସୁଦୃଢ଼ ହେଉଛି । ମାତ୍ର ଗାଁ ଛାଡ଼ି ଆମ ଲୋକେ ଯେତେ ସଂଖ୍ୟାରେ ଦେଶ ବିଦେଶକୁ ଯାଉଛନ୍ତି, ଗାଁଗୁଡ଼ିକ ତଦ୍ଦ୍ୱାରା ଶ୍ରୀହୀନ ହୋଇ ପଡୁଥିଲା । ଏବେ କିନ୍ତୁ ଅବସ୍ଥା ବଦଳି ଯାଇଛି । ଗାଁରେ ରହୁଥିବା ଲୋକଙ୍କ ପାଇଁ ସରକାର ସବୁ ସୁବିଧା ପଞ୍ଚାୟତ ଜରିଆରେ କରି ପାରୁଛନ୍ତି । ସରକାର କୃଷି ଓ କୃଷକଙ୍କ ଉପରେ ଗୁରୁତ୍ୱାରୋପ କରି ଆସିଛନ୍ତି । ଫଳରେ ଜଣେ କୃଷକ ଅର୍ଥ ଉପାର୍ଜନ କରି ଆନନ୍ଦ ମନରେ ରହି ପାରୁଛି ଏବେ । ଛୋଟ ଛୋଟ ଶିଳ୍ପ ବା ଗ୍ରାମ୍ୟ ଶିଳ୍ପ ଉପରେ ଆମ ପିଲାମାନେ ଆତ୍ମନିର୍ଭରଶୀଳ ହେବାକୁ ଏବେ ସୁଯୋଗ ସୃଷ୍ଟି ହୋଇ ପାରିଛି । ରାଜ୍ୟ ସରକାର ଏ ବିଷୟରେ ସେମାନଙ୍କୁ ତାଲିମ ଦେବା ଆବଶ୍ୟକ ।

ମାତ୍ର ଦୁଇ ବର୍ଷ ପୂର୍ବେ ଏପ୍ରିଲ ୨୪ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମଧ୍ୟପ୍ରଦେଶର ରେୱାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ । ସେହି କାର୍ଯ୍ୟକ୍ରମରେ ପ୍ରାୟ ୧୭,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହିତ ଆଉ କେତେକ କାର୍ଯ୍ୟକ୍ରମର ଲୋକାର୍ପଣ ସେ ମଧ୍ୟ କରିଥିଲେ ।

୨୦୧୪ ମସିହା ପୂର୍ବରୁ ପଞ୍ଚାୟତିରାଜଗୁଡ଼ିକ ପାଇଁ ଅର୍ଥ କମିଶନଙ୍କଠାରୁ ଅନୁଦାନ ଆକାରରେ ୭୦ ହଜାର କୋଟି ଟଙ୍କାରୁ କମ୍ ଟଙ୍କା ମିଳୁଥିଲା, ମାତ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାର ଆସିବା ପରେ ଏବେ ଏହି ଅନୁଦାନର ପରିମାଣ ବୃଦ୍ଧି ପାଇ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିବା ଏକ ଶୁଭ ସୂଚନା । ସେହିପରି ୨୦୧୪ ପୂର୍ବରୁ କେନ୍ଦ୍ର ସରକାର ଦଶ ବର୍ଷରେ ଛଅ ହଜାର ପଞ୍ଚାୟତ କୋଠାଘର ନିର୍ମାଣ ସକାଶେ ସହାୟତା ରାଶି ପ୍ରଦାନ କରିଥିଲେ । ମାତ୍ର ବିଗତ ଆଠ ବର୍ଷରେ ଗଣତାନ୍ତ୍ରିକ ମେଣ୍ଟର ସରକାର ୩୦ ହଜାରରୁ ଅଧିକ କୋଠାଘର ନିର୍ମାଣ ସକାଶେ ସହାୟତା ପ୍ରଦାନ କରି ସଫଳତା ହାସଲ କରିଛନ୍ତି । ତେଣୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଯେ ବଦ୍ଧପରିକର, ଏଥିରେ ସନ୍ଦେହ ନାହିଁ ।

ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ପୁରୀଠାରେ ଏହି ଦିବସକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବା ସଂଗେ ସଂଗେ ଅନ୍ୟ କେତେଗୋଟି ଡିଜିଟାଲ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ଏପରିକି ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ୬୧୩ ଗୋଟି ଗ୍ରାମପଞ୍ଚାୟତକୁ କାର୍ଯ୍ୟଦକ୍ଷତା ଲାଗି ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବିତରଣ ସେ କରିଥିବା ପ୍ରକୃତରେ ଆନନ୍ଦର ବିଷୟ ।

**ସଙ୍କଳ୍ପ**

**ମିଶୁ ମୋର ଦେହ**
**ଏ ଦେଶ ମାଟିରେ,**
**ଦେଶବାସୀ**
**ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ**
**ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି**
**ମୋର ମାଂସ ହାଡ଼ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# କାଶ୍ମୀରରେ ପୁଣି ଆତଙ୍କ



**ସୌଭାଗ୍ୟ ରଂଜନ ମହାନ୍ତି**

ଜାମ୍ମୁ-କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଜଘନ୍ୟ ଆକ୍ରମଣ କେନ୍ଦ୍ରଶାସିତ ଅଂଚଳରେ ଶାନ୍ତି ଓ ସ୍ୱାଭାବିକ ଅବସ୍ଥାକୁ ବିଶୃଙ୍ଖଳିତ କରିବା ପାଇଁ ଏକ ହୀନ ଉଦ୍ୟମ ବୋଲି କୁହାଯାଇପାରିବ। ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ୨୦ଜଣ ଗୁରୁତର ଭାବେ ଆହତ ହୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଆତଙ୍କୀଙ୍କ ବର୍ବରତା ଏତେ ବିଭତ୍ସ, ଭୟଙ୍କର ଥିଲା ଯେ, ତାହା ଭାଷାରେ ପ୍ରକାଶ କରାଯାଇ ପାରିବ ନାହିଁ । ପତ୍ନୀ, ପୁଅ, ସମ୍ମୁଖରେ ଆତଙ୍କବାଦୀମାନେ ଅତି ନିକଟରୁ କେବଳ ପୁରୁଷ ଲୋକଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି କରିଥିଲେ। ଜଣକ ପରେ ଜଣେ ୨୬ଜଣ ଘଟଣା ସ୍ଥଳରେ ହିଁ ଟଳି ପଡିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ପାକିସ୍ଥାନର ସେନାମୁଖ୍ୟ ଅସୀମ ମୁନିର ଗତ ସପ୍ତାହରେ କାଶ୍ମୀରକୁ ନେଇ ଅତି ଆକ୍ରମଣାତ୍ମକ ମନ୍ତବ୍ୟ ଦେବାର ସପ୍ତାହକ ପରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଲୋମହର୍ଷଣକାରୀ ଘଟଣା ଏକ ଯୋଜନାବଦ୍ଧ ଗଣହତ୍ୟା ପାଇଁ ଷଡଯନ୍ତ୍ର ବୋଲି ନିସନ୍ଦେହରେ କୁହାଯାଇପାରିବ । ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ଥାନର ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଭାରତ ଶାଖା ସଂଗଠନ ଦରେଜିଷ୍ଟାନସ ଫୋର୍ସ(ଟିଆରଏଫ) ନିଜକୁ ଦାୟୀ କରିଛି । ପାକିସ୍ଥାନର ସେନା ବାହିନୀ ଏବଂ ଗୋଇନ୍ଦା ବାହିନୀ ଆଇଏସଆଇର ଛତ୍ରଛାୟା ତଳେ ଲସ୍କର-ଇ-ତୋଇବା (ଏଲଇଟି) ରହିଥିବାବେଳେ ଏହି ଆକ୍ରମଣରେ ପାକିସ୍ଥାନର ସମ୍ପୃକ୍ତିକୁ ଅଗ୍ରାହ୍ୟ କରାଯାଇନପାରେ । କାଶ୍ମୀରରୁ ସମ୍ବିଧାନର ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ କେନ୍ଦ୍ରଶାସିତ ଅଂଚଳରେ ନିର୍ବାଚିତ ସରକାର କ୍ଷମତାସୀନ ହେବା ପରେ ଏହି ଆତଙ୍କବାଦୀ ଆକ୍ରମଣ ପୁଣି ଥରେ ଭାରତର ଭୂସ୍ୱର୍ଗକୁ ଆତଙ୍କ ଓ ନୈରାଶ୍ୟର ଗାତ ମଧ୍ୟକୁ ଠେଲି ଦେଇଛି ବୋଲି କୁହାଯାଇପାରେ । ଏହା ନିସନ୍ଦେହ ଯେ, ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ସରକାର କ୍ଷମତାସୀନ ହେବା ପରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଏହା ହେଉଛି ଆତଙ୍କବାଦୀଙ୍କ ସବୁଠାରୁ ବଡଧରଣର ଆକ୍ରମଣ। କେବଳ ଏତିକି ନୁହେଁ, ଏହା ହେଉଛି ଆତଙ୍କବାଦୀଙ୍କ ପର୍ଯ୍ୟଟକଙ୍କ ଉପରେ ଦ୍ୱିତୀୟ ଆକ୍ରମଣ। ଗତବର୍ଷ ଜୁନ୍ ମାସରେ ବୈଷ୍ଣୋଦେବୀଙ୍କ ନିକଟସ୍ଥ ରେଆସି ନିକଟତର ଆତଙ୍କବାଦୀଙ୍କ ଗୁଳିରେ ୯ଜଣ ତୀର୍ଥଯାତ୍ରୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ।

ଉଲ୍ଲେଖ କରାଯାଇପାରେ ଯେ, ପହଲଗାମ୍ ଜାମ୍ମୁ-କାଶ୍ମୀରର ସବୁଠାରୁ ଶୋଭନୀୟ ଏବଂ ଜଣାଶୁଣା ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ। ଭାରତର ଭୂସ୍ୱର୍ଗ ଭାବେ ପରିଚିତ କାଶ୍ମୀର, ଅର୍ଥନୀତିକୁ ସମୃଦ୍ଧ କରିଆସିଥିବାବେଳେ ସ୍ଥାନୀୟ ଲୋକଙ୍କ ରୋଜଗାରର ମୁଖ୍ୟ ଉତ୍ସ ଭାବେ ରହିଆସିଛି। କେନ୍ଦ୍ରଶାସିତ ଅଂଚଳରେ ଶାନ୍ତି, ସ୍ଥିରତା ଓ ସ୍ୱାଭାବିକ ଅବସ୍ଥାର ପ୍ରତ୍ୟାବର୍ତନ ପରେ ପର୍ଯ୍ୟଟନ କ୍ଷେତ୍ର ଚଳଚଂଚଳ ହୋଇ ଉଠିଥିଲା। ଚଳିତ ବର୍ଷର ପ୍ରଥମ ତିନିମାସରେ କେନ୍ଦ୍ରଶାସିତ ଅଂଚଳକୁ ୫ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଆଗମନ ଘଟିଛି, ଯାହାକି ଗତ ତିନି ଦଶନ୍ଧି ମଧ୍ୟରେ ଏକ ରେକର୍ଡ ବୋଲି ସରକାରୀ ଭାବେ କୁହାଯାଇଛି । ଏବେ କାଶ୍ମୀରରେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାବେଳେ ପର୍ଯ୍ୟଟନ କ୍ଷେତ୍ରକୁ ଆତଙ୍କବାଦୀଙ୍କ ନିଶାଣ କ୍ଷତି ପହଁଚାଇବ, ଏହା ନିସନ୍ଦେହ । ଏହି କେନ୍ଦ୍ରଶାସିତ ଅଂଚଳ କୋଟି କୋଟି ଟଙ୍କାର ଆୟ ହରାଇବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ପହଲଗାମ୍‌ରେ ଆକ୍ରମଣ ୯୦ଦଶକର ବର୍ବର ଆତଙ୍କବାଦର ଅନ୍ଧାର ଦିବସଗୁଡିକୁ ଫେରାଇ ଆଣିବା ଲାଗି ଏହା ଏକ ସୁଚିନ୍ତିତ ଉଦ୍ୟମ। ତେବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଆମେରିକାର ଉପ-ରାଷ୍ଟ୍ରପତି ଜେ.ଡି.ଭାନ୍ସ ଭାରତ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ଘଟିଛି। ଅତୀତରେ ୨୦୦୦ ମସିହାରେ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଂଟନ ଭାରତ ଗସ୍ତ ସମୟରେ ଜାମ୍ମୁ-କାଶ୍ମୀରର ଶିଖ୍ ବହୁଳ ଅଂଚଳ ଭାବେ ପରିଚିତ ଛତିସିଂହପୁରା ଅଂଚଳରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାରେ ବହୁ ନିରୀହ ଲୋକ ନିହତ ହୋଇଥିଲେ । ଏହି ଆତଙ୍କବାଦୀ ଘଟଣାକୁ ବିଶ୍ୱବ୍ୟାପୀ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନେ ନିନ୍ଦା କରିବା ସହ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ମିଳିତ ଲଢେଇ ଲାଗି ଆହ୍ୱାନ ଦେଇଛନ୍ତି । ଯାହାକି ଏକ ଶୁଭ ସଂକେତ । ଆତଙ୍କବାଦ ବିରୁଦ୍ଧରେ ମିଳିତ ଲଢେଇ ପାଇଁ ଭାରତ ତିନି ଦଶନ୍ଧି ଧରି ଆହ୍ୱାନ କରି ଆସୁଛି ।

କହିବା ବାହୁଲ୍ୟ ଯେ, ଜାମ୍ମୁ-କାଶ୍ମୀରରେ ଶାନ୍ତି, ସ୍ଥିରତା ଓ ସ୍ୱାଭାବିକ ଅବସ୍ଥା ପ୍ରତିଷ୍ଠା କ୍ଷେତ୍ରରେ ପାକିସ୍ଥାନ ହେଉଛି ସବୁଠାରୁ ବଡ ଶତ୍ରୁ। କାଶ୍ମୀରରେ ଅଶାନ୍ତି, ଅସ୍ଥିରତା, ଭୟ ଓ ନୈରାଶ୍ୟର ବାତାବରଣ ପାଇଁ ଆତଙ୍କବାଦ ଜରିଆରେ ଛାୟା ଯୁଦ୍ଧ ଜାରି ରଖିଛି । ୨୦୧୯ ଫୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ପୁଣି ଥରେ ଲାଲ ସୀମା ଟାଣି ଦେଇଛି । କାଶ୍ମୀରରେ ଶାନ୍ତି,ସ୍ଥିରତା ଓ ସ୍ୱାଭାବିକତା ବଜାୟ ରଖିବା ଲାଗି ଭାରତ ତ୍ୱରିତ ଓ ଯଥାର୍ଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶବ୍ୟାପୀ ଆଶା କରନ୍ତି । ଫୁଲୱାମା ଆକ୍ରମଣ ପରେ ଭାରତ ଯେଉଁଭଳି ଏୟାର ଷ୍ଟ୍ରାଇକ୍ କରି ପ୍ରତିଶୋଧ ନେଇଥିଲା, ଏବେ ତାର ପୁନରାବୃତ୍ତିର ସମୟ ଆସିଛି । ଆମେ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ । ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରୁଛୁଁ ।

**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,**
**ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ବିପଦରେ ବିପନ୍ନ ହେଲେ କ'ଣ କରିବା



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଏହି ସମଗ୍ର ସୃଷ୍ଟିର ତତ୍ତ୍ୱାବଧାରକ ଏବଂ ନିର୍ଦ୍ଦେଶକ ହେଉଛନ୍ତି ପରମାତ୍ମା । ସୃଷ୍ଟିର ଜନ୍ମ-ମୃତ୍ୟୁ ଏବଂ ପ୍ରଳୟର ସେ ଏକମାତ୍ର ଦ୍ରଷ୍ଟା । ଯଦିଓ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସେ ହେଉଛନ୍ତି ସ୍ରଷ୍ଟା ସେ କିନ୍ତୁ ନିର୍ଲିପ୍ତ । ସେ କୌଣସିଥିରେ ସମ୍ପୃକ୍ତ ନୁହନ୍ତି । ସେ ହେଉଛନ୍ତି ସ୍ୱସମ୍ବେଦ୍ୟ ଅର୍ଥାତ୍ ସଂବେଦନ ଠାରୁ ବହୁ ଉର୍ଦ୍ଧ୍ୱରେ । ସୃଷ୍ଟିର ଆରମ୍ଭ ପୂର୍ବରୁ ପରମାତ୍ମା ଥିଲେ ଏବଂ ସୃଷ୍ଟିର ବିନାଶ ପରେ ମଧ୍ୟ ସେ ରହିଥିବେ । ପରମାତ୍ମାଙ୍କ ଠାରୁ ସୃଷ୍ଟିର ଆରମ୍ଭ ଏବଂ ତାଙ୍କରି ଠାରେ ଏହାର ବିଲୟ । ପରମାତ୍ମା କିନ୍ତୁ ସେହିପରି ନିଶ୍ଚଳ ଥିବେ ।

ଜଣେ ମା' ବ୍ୟାକୁଳ କଣ୍ଠରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ କହିଲେ - ବାବା ! ମୁଁ ବଡ଼ ବିପନ୍ନ । କ'ଣ କଲେ ମୋର ବିପଦ ଯିବ ? ମୋତେ ଗୋଟିଏ ରାସ୍ତା ବତାଇ ଦିଅନ୍ତୁ । ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗଭୀର ସମବେଦନାର ସହିତ କହିଲେ - କ'ଣ ଆଉ କରିବୁ ମା ! ପ୍ରାଣ ଭରି ଭଗବାନଙ୍କୁ ଡାକ । ଭଗବାନଙ୍କର ନାମ କର । ତାଙ୍କ ଛଡ଼ା ମଣିଷର ଆଉ କ'ଣ ବା ସମ୍ବଳ ଅଛି କହ ? ଭଗବାନଙ୍କ ବ୍ୟତୀତ ଆଉ ଯାହା କିଛି ଉପରେ ହିଁ ମଣିଷ ନିର୍ଭର କରିବାକୁ ଯାଏ, ସମସ୍ତେ ହିଁ ଜଣ ଜଣ କରି ଅପସରି ଯାଆନ୍ତି, କୌଣସିଟା ହିଁ ଦୀର୍ଘସ୍ଥାୟୀ ହୁଏ ନାହିଁ ।

ବିଶ୍ୱର ସମସ୍ତ ଜଡ଼ ଏବଂ ଜୀବ ପରମାତ୍ମାଙ୍କ ଠାରୁ ସୃଷ୍ଟ । ପଞ୍ଚମହାଭୂତ ଯଥା ମାଟି, ପାଣି, ପବନ, ନିଆଁ ଏବଂ ବ୍ୟୋମର ସେ ହେଉଛନ୍ତି ନିୟନ୍ତ୍ରକ । ତାଙ୍କୁ କେବଳ ସର୍ବଶକ୍ତିମାନ ଭାବେ ସମ୍ମାନ ପ୍ରଦର୍ଶନ କରାଯାଏ ନାହିଁ, ସେ ହେଉଛନ୍ତି ସବୁ ଶକ୍ତିର ସମନ୍ୱୟ ରକ୍ଷାକାରୀ । ପରମାତ୍ମାଙ୍କର ଜନ୍ମ ବା ମୃତ୍ୟୁ ନାହିଁ ।

ଈଶ୍ୱର ଏବଂ ସନ୍ଥ ହେଉଛନ୍ତି ଅଭିନ୍ନ । ଭୂଲୋକରେ ସନ୍ଥମାନେ ପରମାତ୍ମାଙ୍କ ପ୍ରତୀକ ଭାବେ କାର୍ଯ୍ୟ କରନ୍ତି । ପରମାତ୍ମା ମଣିଷ ଶରୀର ନେଇ ଜନ୍ମ ହେବା ଦ୍ୱାରା ଏହି ମର ଦୁନିଆରେ ଯାହା ସବୁ ଭୋଗିବାକୁ ପଡ଼େ ତାହା ମାନବ ହୋଇ ଜନ୍ମ ନେଇଥିବା ପରମାତ୍ମାଙ୍କ କ୍ଷେତ୍ରରେ ମଧ୍ୟ ହୋଇଥାଏ । ଏହି ଲୌକିକ ଦୁନିଆରେ କାର୍ଯ୍ୟ କରୁଥିଲେ ମଧ୍ୟ ସେ ଅଲୌକିକ ହୋଇରହନ୍ତି । ଭଗବାନ କହିଛନ୍ତି ଧର୍ମର ପତନ ହେବା ମାତ୍ରେ ସେ ମାନବ ଶରୀର ନେଇ ଧରାରେ ଜନ୍ମ ଗ୍ରହଣ କରି ଦୁଷ୍ଟଙ୍କ ନିବାରଣ କରନ୍ତି ଏବଂ ସନ୍ଥଙ୍କ ରକ୍ଷା କରନ୍ତି । ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି । ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣଠାରୁ ଦୂରେଇ ରହିବା ପାଇଁ ଆଶ୍ରିତମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି । ଆତ୍ମା ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି । ମନ ଉପରେ ଜୟଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି । ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ସାହାଯ୍ୟ କରନ୍ତି । ଏଥିନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ । ସଦଗୁରୁ ଏତିକି ମାତ୍ର ଚାହାଁନ୍ତି । ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା ।

**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

# ଶାସ୍ତ୍ର ଭାଷାରେ ଆତତାୟୀ



**ଡା. ଗୋପାଳ ଚନ୍ଦ୍ର ଦାଶ**

ଚଳିତ ଏପ୍ରିଲ୍ ୨୨ ତାରିଖ ଅପରାହ୍ନ ୨.୫୦ ମିନିଟ୍ ସମୟରେ ଜମ୍ମୁ-କଶ୍ମୀରର ପହେଲଗାମଠାରେ ଆତତାୟୀଙ୍କ ଗୁଳିରେ ୨୬ ଜଣ ହିନ୍ଦୁ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି । କଶ୍ମୀର ଉପତ୍ୟକାରେ ୩୭୦ ଧାରା ଉଚ୍ଛେଦ ହେବାପରେ ସ୍ଥିତି ସ୍ୱାଭାବିକ ହୋଇଆସୁଥିବା ବେଳେ ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ପଡ଼ୋଶୀ ଦେଶ ପାକିସ୍ତାନର ଏହା ଏକ ଷଡ଼ଯନ୍ତ୍ର ବୋଲି ମନେକରାଯାଉଛି । ଏହା ବିରୋଧରେ କଡ଼ା ପଦକ୍ଷେପ ନେବା ପାଇଁ ଭାରତ ସରକାର ସ୍ଥିର କରିଛନ୍ତି ବୋଲି ଗଣମାଧ୍ୟମରେ ପ୍ରଚାରିତ ହେଉଛି । ଶାସ୍ତ୍ରରେ ଆତତାୟୀ କିଏ ଓ ତା'ପାଇଁ କି ପ୍ରକାର ଦଣ୍ଡବିଧାନ ହେବା ଆବଶ୍ୟକ ସେ ସମ୍ବନ୍ଧରେ ସମ୍ୟକ ଆଲୋଚନା କରାଯାଇପାରେ । ମନୁ ସ୍ମୃତିର ଅଷ୍ଟମ ଅଧ୍ୟାୟ ୩୪୮ ମନ୍ତ୍ରରେ କୁହାଯାଇଛି-

ଅଗ୍ନିଦୋ ବିଷଦଶ୍ଚୈବ
ଶସ୍ତ୍ରପାଣିର୍ଧନାପହା ।
କ୍ଷେତ୍ରଦାରାପହାରଶ୍ଚ ଷଡ଼େତେ ହି
ଆତତାୟିନଃ ।।

ମନୁ ମହାରାଜ କୁହନ୍ତି, ଯେଉଁମାନେ ଅଗ୍ନିଦାହ କରନ୍ତି (ଅଗ୍ନିଦ), ବିଷ ଦେଇ ହତ୍ୟା କରନ୍ତି (ବିଷଦ), ଅସ୍ତ୍ର ନେଇ ଲୋକଙ୍କ ଉପରେ ଆକ୍ରମଣ କରନ୍ତି (ଶସ୍ତ୍ରପାଣି), ଧନ ଚୋରି କରନ୍ତି (ଧନାପହା), ଅନ୍ୟଙ୍କ ଜମି ଜବରଦସ୍ତି ନେଇନିଅନ୍ତି (କ୍ଷେତ୍ରାପହାର)-ସେମାନେ ହେଉଛନ୍ତି ଆତତାୟୀ, ଅର୍ଥାତ୍ ହିଂସକ ଓ ଅପରାଧୀ । ଅଗ୍ନି ଲଗାଉଥିବା, ବିଷ ଦେଉଥିବା, ଅସ୍ତ୍ର ଧାରଣ କରି ହନନ କରୁଥିବା, ଧନ ଚୋରି କରୁଥିବା, ଜମି ଦଳନ କରୁଥିବା ଓ ଅନ୍ୟର ସ୍ତ୍ରୀକୁ ଅପହରଣ କରୁଥିବା ଏହି ଛଅ ପ୍ରକାରର ଲୋକ ଆତତାୟୀ ବୋଲି ଗଣାଯାଆନ୍ତି । ମନୁସ୍ମୃତିରେ ଆତତାୟୀ କିଏ ବା କେଉଁ ପ୍ରକାରର ଅପରାଧ କରିଥିବା ବ୍ୟକ୍ତିମାନେ ଆତତାୟୀ ଭାବେ ଗଣାଯାଆନ୍ତି, ତାହା ଶ୍ଳୋକ ମାଧ୍ୟମରେ ସଫଳତାର ସହିତ ବ୍ୟାଖ୍ୟା କରାଯାଇଛି ।

ଏହି ଛଅଗୋଟି ଉଦାହରଣ ମହାଭାରତରେ ଦେଖିବାକୁ ମିଳିଥାଏ । କାରା ଗୃହରେ ଅଗ୍ନି ସଂଯୋଗ କରି ପାଣ୍ଡବମାନଙ୍କୁ ବଧ କରିବାର ଯୋଜନା, ବିଷଲଡୁ ଦ୍ୱାରା ଭୀମଙ୍କୁ ମାରିବା, ଚକ୍ରବ୍ୟୁହରେ ଅଭିମନ୍ୟୁଙ୍କ ଏକାଧିକ ଯୋଦ୍ଧା ଶସ୍ତ୍ର ଦ୍ୱାରା ନିଧନ କରିବା, କପଟ ପାଶା ପ୍ରୟୋଗ କରି ଦ୍ୟୁତକ୍ରୀଡ଼ା ମାଧ୍ୟମରେ ପାଣ୍ଡବମାନଙ୍କର ଧନ ଓ ସାମ୍ରାଜ୍ୟ ଅପହରଣ କରିବା, କୁରୁସଭା ତଳେ ନିରୀହା ଦ୍ରୌପଦୀଙ୍କୁ ଅସମ୍ମାନ କରି ବସ୍ତ୍ର ହରଣ କରିବା ଓ ଦ୍ରୋଣପୁତ୍ର ଅଶ୍ୱତ୍ଥମା ଦ୍ରୌପଦୀଙ୍କ ପାଞ୍ଚ ପୁତ୍ରଙ୍କୁ ସୁପ୍ତ ଅବସ୍ଥାରେ ହତ୍ୟା କରିବାର ଚକ୍ରାନ୍ତ ମାତୁଳ ଶକୁନୀ ଓ ଦୁର୍ଯ୍ୟୋଧନାଦି କୌରବ ଶହେ ଭାଇଙ୍କ ଦ୍ୱାରା କରାଯାଇଥିବାରୁ ସେମାନଙ୍କୁ ମହାଭାରତରେ ଆତତାୟୀ ବୋଲି କୁହାଯାଇଛି । ଆତତାୟୀମାନଙ୍କୁ କି ପ୍ରକାର ଦଣ୍ଡ ବିଧାନ କରାଯିବା କଥା, ତାହା ମଧ୍ୟ ମନୁସ୍ମୃତିର ଅଷ୍ଟମ ଅଧ୍ୟାୟ ୩୫୦ ମନ୍ତ୍ରରେ କୁହାଯାଇଛି ।

ଗୁରୁଂ ବା ବାଳବୃଦ୍ଧୌ ବା ବ୍ରାହ୍ମଣଂ ବା ବହୁଶ୍ରୁତମ ।
ଆତତାୟିନମାୟାନ୍ତଂ ହନ୍ୟାଦେବାବିଚାରୟନ୍ ।।

ଅର୍ଥାତ୍- ଗୁରୁ, ବାଳକ, ବୃଦ୍ଧ, ବ୍ରାହ୍ମଣ, ଶାସ୍ତ୍ରଜ୍ଞ ଯେ କେହି ହୁଅନ୍ତୁ ସେମାନେ ଅଧର୍ମୀ ଆତତାୟୀ ହେଲେ କିଛି ନ ବିଚାରି ମୃତ୍ୟୁଦଣ୍ଡ ଦେବାପାଇଁ ମହର୍ଷି ମନୁ କହିଛନ୍ତି । ଏହି ପରିପ୍ରେକ୍ଷୀରେ ମହାଭାରତର ଗୋଟିଏ ଘଟଣା ଉଲ୍ଲେଖଯୋଗ୍ୟ । ନିଜର ପାଞ୍ଚ ପୁତ୍ରଙ୍କର ହତ୍ୟାକାରୀ ଅଶ୍ୱତ୍ଥମାଙ୍କୁ ଦ୍ରୌପଦୀଙ୍କ ସମ୍ମୁଖରେ ଉପସ୍ଥାପନା କରି କି ପ୍ରକାର ଦଣ୍ଡ ଦିଆଯିବ ବୋଲି ପ୍ରଶ୍ନ କଲାବେଳେ, ଏକ ମା' ହିସାବରେ ଦ୍ରୌପଦୀ ଅଶ୍ୱତ୍ଥମାଙ୍କୁ କ୍ଷମା କରିଦେଇଥିଲେ । ବ୍ରାହ୍ମଣ ତଥା ଗୁରୁପୁତ୍ର ହିସାବରେ ଅର୍ଜୁନ ଯେତେବେଳେ ଅଶ୍ୱତ୍ଥମାଙ୍କୁ ବଧ ନ କରିବେ ବୋଲି ନିଷ୍ପତ୍ତି ନେଲେ, ସେତେବେଳେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ମନୁସୃତିର ଏହି ମନ୍ତ୍ରଟିକୁ ମନେ ପକାଇ ଦେଇଥିଲେ । ଏବଂ ପୁନଶ୍ଚ ମନୁସୃତିର ଅଷ୍ଟମ ଅଧ୍ୟାୟର ୩୫୧ ମନ୍ତ୍ରଟିକୁ ବ୍ୟାଖ୍ୟା କରି କହିଥିଲେ-

ନାତତାୟିବଧେ ଦୋଷୋ ହନ୍ତୁର୍ଭବତି କଶ୍ଚନ ।
ପ୍ରକାଶଂ ବା ଅପ୍ରକାଶଂ ବା ମନ୍ୟୁସ୍ତଂ ମନ୍ୟୁମୃଚ୍ଛତି ।।

ଅର୍ଥାତ୍- ପ୍ରକାଶ ବା ଏକାନ୍ତରେ ହେଉ ଆତତାୟୀଙ୍କୁ ବଧ କଲେ ବଧ କରିଥିବା ବ୍ୟକ୍ତିଙ୍କୁ କୌଣସି ଦୋଷ ଲାଗେ ନାହିଁ । କାରଣ ହିଂସ୍ରକଙ୍କୁ ବଧ ନ କଲେ ହିଂସା ବୃଦ୍ଧି ହୋଇଥାଏ । ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଯୁଦ୍ଧକ୍ଷେତ୍ରରେ ନିଜ ପରିଜନମାନଙ୍କୁ ଦେଖି ବିଷାଦଗ୍ରସ୍ତ ଅର୍ଜୁନ ଯେତେବେଳେ ନିଜର ଗାଣ୍ଡିବ ପରିତ୍ୟାଗ କରି ଯୁଦ୍ଧ କରିବେ ନାହିଁ ବୋଲି ନିଷ୍ପତ୍ତି ନେଲେ, ସେତେବେଳେ ଶ୍ରୀକୃଷ୍ଣ କହିଥିଲେ-

କ୍ଲୈବ୍ୟଂ ମାସ୍ମଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ।।

ହେ ଅର୍ଜୁନ ଆତତାୟୀ କୌରବମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ତୁମେ ଦୁର୍ବଳମନା ନପୁଂସକ ପରି ବ୍ୟବହାର କରନାହିଁ । ସତ୍ୟର ପ୍ରତିଷ୍ଠା ପାଇଁ ତୁମେ ଯୁଦ୍ଧ କର ।

ପ୍ରାଚୀନ ଧର୍ମଶାସ୍ତ୍ର ଅନୁସାରେ ଆତଙ୍କବାଦୀମାନେ ସମାଜର ଶତ୍ରୁ । ସେମାନେ ଅତ୍ୟାଚାରୀ ଓ ହିଂସ୍ରକ । ସେମାନେ ଅନ୍ୟମାନଙ୍କ ଜୀବନ ଓ ଶାନ୍ତିରେ ବିପଦ ଆଣିଥାଆନ୍ତି । ଧର୍ମର ରକ୍ଷା ପାଇଁ ଏମାନଙ୍କୁ ହତ୍ୟା କରୁଥିବା ବ୍ୟକ୍ତି କଦାପି ପାପର ଭାଗୀଦାର ହୋଇ ନଥାନ୍ତି । ଆଜିର ସମୟରେ ଯେଉଁଠି ନିର୍ଦ୍ଦୋଷ ଲୋକଙ୍କୁ ଆତଙ୍କବାଦୀମାନେ ହତ୍ୟା କରୁଛନ୍ତି, ସେଠାରେ ଏହି ଶ୍ଳୋକ ଆମକୁ ଶିକ୍ଷା ଦିଏ ଯେ- ଧର୍ମର ରକ୍ଷା ପାଇଁ ଅନ୍ୟାୟକୁ ଦମନ କରିବା ହିଁ ପ୍ରକୃତ ନ୍ୟାୟ । ଆତଙ୍କବାଦୀଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରୁଥିବା ବ୍ୟକ୍ତି 'ଗୀତା' ଅନୁସାରେ ନପୁଂସକ ଅଟନ୍ତି ।

**ମୋ: ୭୮୪୮୮୫୦୯୫୦**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜି-୨୦...

ଭାରତ ସରକାର ମଧ୍ୟ ପାକିସ୍ତାନ ଯାଇଥିବା ଦେଶର ନାଗରିକମାନଙ୍କୁ ତୁରନ୍ତ ଫେରିଆସିବାକୁ କହିଛନ୍ତି । ଭାରତ ପକ୍ଷରୁ ମଧ୍ୟ ୨୨ ତାରିଖରେ ପହଲଗାମରେ ହୋଇଥିବା ଘଟଣା ସମ୍ପର୍କରେ ଅନେକ ଦେଶର ରାଷ୍ଟ୍ରଦୂତଙ୍କୁ ସୂଚିତ କରାଯାଇଛି । ଜର୍ମାନୀ, ଜାପାନ, ପୋଲାଣ୍ଡ, ବ୍ରିଟେନ, ରୁଷିଆ ଓ ଚୀନ୍‌ର ରାଷ୍ଟ୍ରଦୂତମାନଙ୍କୁ ପହଲଗାମ ଆକ୍ରମଣ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଟିଆର୍‌ଏଫ୍ କେଉଁ ଭଳି ଭାବରେ ଏହି ଆକ୍ରମଣ ପାଇଁ ଦାୟୀ ସେ ସମ୍ପର୍କରେ ସୂଚନା ଦିଆଯାଇଛି ।

ଏହାଛଡା ଜି-୨୦ ଦେଶ ଗୁଡିକର ରାଷ୍ଟ୍ର ଦୂତମାନଙ୍କୁ ଏସମ୍ପର୍କରେ ସୂଚୀତ କରାଯାଇଛି । ବିଶ୍ୱ ସମୁଦାୟର ପହଲଗାମ ଘଟଣାରେ ଦୃଷ୍ଟି ଆକର୍ଷଣ କରିବାକୁ ଭାରତ ଚାହିଁଛି । ଚୀନ୍, କାନାଡାକୁ ମଧ୍ୟ ଏହି ସମ୍ପର୍କରେ ସୂଚୀତ କରାଯାଇଛି । ପ୍ରାୟ ୩୦ ମିନିଟ୍ ଧରି ପହଲଗାମ ସମ୍ପର୍କରେ ସୂଚୀତ କରାଯାଇଥିଲା । ସେହିଭଳି ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଭାରତ ଉପରେ ହୋଇଥିବା ଏହି ଆତଙ୍କୀ ଆକ୍ରମଣର ନିନ୍ଦା କରିଛନ୍ତି ।

### ପାକ୍ ...

କର୍ମଚାରୀ ସଂଖ୍ୟା ୩୦କୁ ହ୍ରାସ କରିବା ପାଇଁ ନିଷ୍ପତ୍ତି ନେଇଛି । ଉଭୟ ଦେଶ ମଧ୍ୟରେ କୁଟନୈତିକ ଯୁଦ୍ଧ ଆରମ୍ଭ ହୋଇଯାଇଛି । ପାକିସ୍ତାନ ପକ୍ଷରୁ ସମସ୍ତ ଦ୍ୱିପାକ୍ଷିକ ଚୁକ୍ତିକୁ ବାତିଲ କରିଦିଆଯାଇଛି । ସିମଲା ଚୁକ୍ତିକୁ ବାତିଲ କରାଯିବା ପରେ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଯେଉଁ ଯୁଦ୍ଧ ବିରତି ଚୁକ୍ତି ଥିଲା ତାହାକୁ ହଟାଇଛି । ଏହାଛଡା ୱାଘା ବର୍ଡର ପୋଷ୍ଟକୁ ତୁରନ୍ତ ବନ୍ଦ କରିଦେଇଛି । ଏପ୍ରିଲ ୩୦ ସୁଧା ଯେଉଁ ଭାରତୀୟ ମାନେ ପାକିସ୍ତାନରେ ରହୁଛନ୍ତି ଫେରିବା ପାଇଁ କୁହାଯାଇଛି । ପାକିସ୍ତାନ ମଧ୍ୟ ସାର୍କ ଭିସାକୁ ବାତିଲ କରିଦେଇଛି । ଯାହା ଭାରତୀୟ ନାଗରିକଙ୍କୁ ଦିଆଯାଇଥାଏ । ୪୮ ଘଣ୍ଟା ମଧ୍ୟରେ ଶିଖ୍ ତୀର୍ଥ ଯାତ୍ରୀ ଯେଉଁମାନେ ପାକିସ୍ତାନରେ ଅଛନ୍ତି ସେମାନଙ୍କୁ ଭାରତ ଫେରିଯିବାକୁ କୁହାଯାଇଛି । ପାକିସ୍ତାନ ତାର ବାୟୁସୀମାକୁ ଭାରତ ବିମାନ ଲାଗି ନିଷିଦ୍ଧ କରିଛି । ପାକିସ୍ତାନ ପକ୍ଷରୁ କୁହାଯାଇଛି ଯେ ସୁରକ୍ଷାକର୍ମୀମାନେ ଦେଶର ସର୍ବୋଭୌମତ୍ୱ ଓ ସୀମାକୁ ସୁରକ୍ଷା କରିବା ପାଇଁ ସମର୍ଥ ଅଟନ୍ତି ।

### ବିଏସ୍‌ଏଫ୍ ...

ନଜର ରଖିବାକୁ ଯାଇଥିଲେ । ବିଏସ୍‌ଏଫ୍ ଯବାନ ଜଣକ ଫସଲ ଅମଳ କରୁଥିବା ଚାଷୀଙ୍କ ଉପରେ ନଜର ରଖିଥିଲେ । ସେ ପାକିସ୍ତାନ ସୀମାରେ ପ୍ରବେଶ କରିଯାଇଥିଲେ । ସେନା ପୋଷାକରେ ସେ ରହିବା ସହ ତାଙ୍କ ପାଖରେ ବି ସର୍ଭିସ୍ ରାଇଫଲ ଥିଲା । ଯେଉଁ ଚାଷୀମାନେ ଏକ ସେଡରେ ଆଶ୍ରୟ ନେଇଥିଲେ ସେ ତାଙ୍କୁ ସହଯୋଗ କରିଥିଲେ । ଏହି ଘଟଣା ପରେ ଭାରତୀୟ ସେନା ଓ ପାକିସ୍ତାନୀ ରେଞ୍ଜରଙ୍କ ମଧ୍ୟରେ ସମସ୍ୟା ସମାଧାନ ପାଇଁ ବୈଠକ ଜାରି ରହିଛି । ବର୍ତ୍ତମାନ ସୁଧା ସମ୍ପୃକ୍ତ ଯବାନଙ୍କୁ ପାକିସ୍ତାନ ଫେରାଇ ନାହିଁ । ଜିରୋ ଲାଇନ୍ ପୂର୍ବରୁ ଏହି ଅଞ୍ଚଳରେ ଚାଷୀମାନଙ୍କୁ ଚାଷ କରିବାକୁ ଅନୁମତି ଦିଆଯାଇଛି । ଏହା ସତ୍ତ୍ୱେ ବିଏସ୍‌ଏଫ୍ ଯବାନମାନେ ଫସଲ ବୁଣା ଏବଂ ଅମଳ ସମୟରେ ସୁରକ୍ଷା ଦୃଷ୍ଟିରୁ ଚାଷୀଙ୍କ ସହ ରହିଥାନ୍ତି । ବିଏସ୍‌ଏଫ୍ ଯବାନଙ୍କୁ ଚାଷୀଙ୍କ ରକ୍ଷକ ବୋଲି କୁହାଯାଏ ।

### ପଞ୍ଚାୟତିରାଜ...

କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା । ୧୯୯୩ ମସିହା ଅପ୍ରିଲ ୨୪ ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଥିଲା । ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଆମେ ଏହି ଦିବସଟିକୁ ପାଳନ କରୁଛୁ । ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାରେ ଜନସହଭାଗିତା ବୃଦ୍ଧି ନିମନ୍ତେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଭାରତ ସରକାର ଅଗ୍ରାଧିକାର ଦେଉଛନ୍ତି । ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢତାର ସହ କାମ କରୁଛି । ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ଗ୍ରାମ ପଞ୍ଚାୟତ ସର୍ବ ଭାରତୀୟସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ଆଜି ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ଅଟେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଆଜି ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ପର ହୋଇ କାମ କରୁଛନ୍ତି । ଗତ ପ୍ରାୟ ୩ ଦଶନ୍ଧି ଧରି ପଞ୍ଚାୟତିରାଜ ବ୍ୟବସ୍ଥା ଅନେକ ଜାତୀୟସ୍ତରୀୟ ଓ ରାଜ୍ୟ ସ୍ତରୀୟ ନେତୃତ୍ୱକୁ ଜନ୍ମ ଦେଇଛି । ଉଦାହରଣ ସ୍ୱରୂପ ସେ ନିଜେ ମଧ୍ୟ ୧୯୯୭ ମସିହାର ପଞ୍ଚାୟତ ପ୍ରତିନିଧି ଭାବେ ଜନସେବାରେ ଯୋଗ ଦେଇଛନ୍ତି ବୋଲି କହିଥିଲେ । ପଞ୍ଚାୟତ ସ୍ତରରୁ ପ୍ରିତିନିଧି ଭାବେ ଆସିଥିବା ଜନପ୍ରତିନିଧିମାନେ ତୃଣମୂଳସ୍ତରର ସମସ୍ୟାକୁ ହୃଦୟଙ୍ଗମ କରିଥାନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ପଞ୍ଚାୟତସ୍ତରରେ ଅନେକ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଛି । ବିଗତ ଅଢେଇ ଦଶନ୍ଧିରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଗ୍ରାମସଭା ଓ ପଲ୍ଲିସଭାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରି ଦିଆଯାଇଥିଲା । ଆମ ସରକାର ବ୍ୟବସ୍ଥା କରିଛନ୍ତି ଗ୍ରାମସଭା ଓ ପଲ୍ଲୀସଭାରେ ଗ୍ରାମବାସୀ ହିଁ ନିଷ୍ପତ୍ତି ନେବେ ଗାଁର ଉନ୍ନତି ପାଇଁ । ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି । ବିଜୁଳି, ସଡକ, ପାଣି ପରି ଭିତ୍ତିଭୂମି ହେଉଛି ଗ୍ରାମାଞ୍ଚଳର ସବୁଠୁ ବଡ ପ୍ରାଥମିକତା । ଏହି ସବୁ ଭିତ୍ତିଭୂମି ନିର୍ମାଣକୁ ଆମେ ଗୁରୁତ୍ୱ ଦେଉଛୁ । ଏଥିପାଇଁ ଆମେ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ପରିକଳ୍ପନା କରିଛୁ । ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଆମେ ପଦକ୍ଷେପ ନେଇଛୁ ।

ସେ ପୁଣି କହିଥିଲେ ଯେ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ୫ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇଦେବୁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମିତ ହୋଇସାରିଛି ଏବଂ ୪ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମାଣଧିନ ଅଛି । ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଆମେ ଗ୍ରାମାଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବ । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପରିବାରକୁ ପକ୍କା ଘର ଯୋଗାଇଦେବା ପାଇଁ ଆମ ସରକାର ସଂକଳ୍ପବଦ୍ଧ । ରାଜ୍ୟର ମହିଳାମାନେ ସୁଭଦ୍ରା ଯୋଜନାରେ ପାଇଥିବା ଅର୍ଥକୁ ସୁବିନିଯୋଗ କରିଛନ୍ତି । ଆମ ରାଜ୍ୟର ୧୭ ଲକ୍ଷ ମା' ଲକ୍ଷପତି ଦିଦି ହୋଇ ଭାରତ ବର୍ଷରେ ଓଡ଼ିଶାକୁ ପ୍ରଥମ ସ୍ଥାନରେ ରଖିଛନ୍ତି । ଲକ୍ଷପତି ଦିଦି ଗଢିବାରେ ସୁଭଦ୍ରା ଯୋଜନାର ବହୁତ ବଡ଼ ଅବଦାନ ରହିଛି ବୋଲି ସେ କହିଥିଲେ । ସେ କହିଥିଲେ ଯେ, ଆମେ ରାଜ୍ୟବାସୀଙ୍କୁ ଯାହା କଥା ଦେଇଥିଲୁ ତାହା ଆମେ ୧୦ ମାସ ମଧ୍ୟରେ କାମରେ କରି ଦେଖାଇଛୁ । ଆମ ସରକାର କାମରେ ବିଶ୍ୱାସ କରେ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ଇ-ପଞ୍ଚାୟତ ସଭା ପୋର୍ଟାଲ, ପିପିଏମ୍‌ଏସ୍. ପୋର୍ଟାଲ, ପଞ୍ଚାୟତ ମନିଟରିଙ୍ଗ୍ ସିଷ୍ଟମ, ୬୧୩ଟି ଗ୍ରାମ ପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୨ ଲକ୍ଷରୁ ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ୨ଟି କିସ୍ତିର ୧୦ ହଜାର ଟଙ୍କା ଲେଖାଏଁ ସମୁଦାୟ ୨୦୦ କୋଟି ଟଙ୍କା ପ୍ରଦାନର ଶୁଭାରମ୍ଭ କରିବା ସହିତ ୬ଟି ଟିଭି ବିଜ୍ଞାପନ ଓ ସୁଭଦ୍ରା କଫି ଟେବଲ୍ ପୁସ୍ତକର ଉନ୍ମୋଚନ କରିଥିଲେ । ରାଜ୍ୟରେ ୪,୧୨୪ କୋଟି ଟଙ୍କା ବିନିଯୋଗରେ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକର ୮ଜଣ ରାସନ କାର୍ଡ ହିତାଧିକାରୀ ଓ ୫ଜଣ ସୁଭଦ୍ରା ହିତାଧିକାରୀଙ୍କୁ ରାସନ କାର୍ଡ ଓ ସହାୟତା ରାଶି ପ୍ରଦାନ କରିଥିଲେ । ପୋଷଣ ଅଭିଯାନରେ ଶ୍ରେଷ୍ଠ ପୁଷ୍ଟି ପଞ୍ଚାୟତ ଭାବେ ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶ ଶାସନ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ପଦକ୍ଷେପ ଆରମ୍ଭ କରିଛୁ । କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି । ପୋର୍ଟାଲ ମାଧ୍ୟମରେ ଯଥା ଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଲା ପରେ ଗାଁରେ ବିକାଶର ସୁଅ ଛୁଟିଛି । ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି । ଗାଁର ଚିତ୍ରକୁ ନୂଆ ରୂପରେ ଆଙ୍କିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି । ଗାଁର ବିକାଶ ପାଇଁ ରାଜନୀତିରୁ ଉର୍ଦ୍ଧ୍ୱକୁ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ । ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ଗ୍ରାମାଞ୍ଚଳର ମୌଳିକ ସମସ୍ୟାକୁ ଦୂର କରିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ଗାଁର ବିକାଶ ହେଲେ ଆମ ଦେଶର ବିକାଶ ହେବ । ଆଜି ପଞ୍ଚାୟତିରାଜ ଦିବସରେ ଯେଉଁ ଗାଁରେ ଆମର ଆତ୍ମା ଅଛି, ସେହି ଗାଁକୁ ସରଶ ସୁନ୍ଦର କରିବା ପାଇଁ ଆସନ୍ତୁ ଆମେ ସମସ୍ତେ ସଂକଳ୍ପ ନେବା । କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ସାଂସଦ ସମ୍ବିତ ପାତ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ କାଶ୍ମୀର ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବିହାର ମଧୁବନୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଦତ୍ତ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଶ୍ରୀ ସୁନିଲ କୁମାର ମହାନ୍ତି ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ପଞ୍ଚାୟତ ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍ ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଦୀନେଶ ନାମକ ଆଉ ଜଣେ ଓଡ଼ିଆଙ୍କ ମୃତ୍ୟୁ

ବଲାଙ୍ଗିର,(ସବ୍ୟୁ) : ଜମ୍ମୁ-କଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କୀ ଆକ୍ରମଣରେ ଦୁଇଜଣ ଓଡ଼ିଆଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ସହ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗ୍ରାମର ଦୀନେଶ ଅଗ୍ରୱାଲ (୪୫)ଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଲାଠୋରବାସୀ ସ୍ତମ୍ଭୀଭୂତ ହୋଇ ଯାଇଛନ୍ତି। ମୃତ ଦୀନେଶଙ୍କ ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସ୍ୱର୍ଗତ ପ୍ରୟାଗଚନ୍ଦ ଅଗ୍ରୱାଲଙ୍କ ସାନପୁଅ ଦୀନେଶ ଲାଠୋର ଶ୍ରୀଦୁର୍ଗେଶ୍ୱରୀ ହାଇସ୍କୁଲରେ ଦଶମ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ପରେ ସେ ବାପାଙ୍କ ବ୍ୟବସାୟ ସମ୍ଭାଳିଥିଲେ। ପ୍ରାୟ ୧୫ ବର୍ଷ ହେବ ଦୀନେଶ ଛତିଶଗଡ଼ ରାଜଧାନୀ ରାୟପୁରରେ ସପରିବାର ରହି ସେଠାରେ ଷ୍ଟିଲ୍ ବ୍ୟବସାୟ କରୁଥିଲେ। ସେଠାରେ ମଧ୍ୟ ସେ ଜଣାଶୁଣା ବ୍ୟବସାୟୀ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ଦୀନେଶ ତାଙ୍କ ୨୦ତମ ବିବାହ ବାର୍ଷିକୀ ଉତ୍ସବ ପାଳନ ପାଇଁ ପତ୍ନୀ ନେହା ଏବଂ ଝିଅପୁଅଙ୍କୁ ସାଙ୍ଗରେ ନେଇ କଶ୍ମୀର ଯାଇଥିଲେ। ସେଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଗୁରୁବାର ସକାଳେ ତାଙ୍କ ସମ୍ପର୍କୀୟ ମୃତଶରୀର ନେଇ ରାୟପୁରରେ ପହଞ୍ଚିଛନ୍ତି । ଲାଠୋରରୁ ତାଙ୍କ ସମ୍ପର୍କୀୟମାନେ ରାୟପୁରରେ ପହଞ୍ଚିବା ପରେ ସେଠାରେ ଶେଷକୃତ୍ୟ ସଂପନ୍ନ ହୋଇଥିବା ଲାଠୋରରେ ରହୁଥିବା ଦୀନେଶଙ୍କ ନିକଟ ସଂପର୍କୀୟ ଭାଇ ଶ୍ରବଣ କୁମାର ଅଗ୍ରୱାଲ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଦୀନେଶ ଅଗ୍ରୱାଲଙ୍କ ଠିକଣା ଭୁଲ୍ କ୍ରମେ ଛତିଶଗଡ଼ ପରିବର୍ତ୍ତେ ଚଣ୍ଡୀଗଡ଼ ରହିଥିବାରୁ ତାଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନଥିଲା ।

## ରେଳଧାରଣାରୁ ମହିଳାଙ୍କ ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର

ଭୁବନେଶ୍ୱର,୨୪।୪ (ସବ୍ୟୁ) : ରେଳଧାରଣାରୁ ଜଣେ ଅଚିହ୍ନା ମହିଳାଙ୍କ ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ସଂରକ୍ଷିତ ରଖାଯାଇଛି । ମହିଳାଙ୍କ ମୃତ୍ୟୁ କିପରି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ ।

ଭୁବନେଶ୍ୱର ରେଳ ଷ୍ଟେସନ୍ ମାଷ୍ଟରଙ୍କ ଅଭିଯୋଗ ଆଧାରରେ ଜିଆର୍ ପୋଲିସ୍ ଓ ପ୍ରଦୀପ ସେବା ଟ୍ରଷ୍ଟ ରେତଙ୍ଗ ପାଖ ରେଳ ଧାରଣାରେ ପହଞ୍ଚି ଖଣ୍ଡବିଖଣ୍ଡିତ ଶବକୁ ଉଦ୍ଧାର କରି ପରିଚୟ ପାଇଁ କ୍ୟାପିଟାଲ ହସ୍ପିଟାଲରେ ସଂରକ୍ଷିତ ରଖିଛନ୍ତି । ଅଚିହ୍ନା ମହିଳା ଆତ୍ମହତ୍ୟା କଲେ ନାଁ ଟ୍ରେନରୁ ଖସି ପଡିଛନ୍ତି ତାହା ଜଣାପଡିନଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

ଅନ୍ୟ ଦୃଷ୍ଟି କୋଣରୁ ଦେଖିଲେ କେହି ତାଙ୍କୁ ରେଳଧାରଣାରେ ମାରି ପକାଇ ଦେଇ ଥାଇପାରେ ବୋଲି ସନ୍ଦେହ ହେଉଛି । ହେଲେ ମହିଳାଙ୍କ ପରିଚୟ ମିଳିଲେ ତାହା ସ୍ପଷ୍ଟ ଜଣାପଡିଛି । ଜିଆର୍ ପୋଲିସ୍ ନଂ.୩୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ଅନୁସନ୍ଧାନ କରିଛି ।

## ଚାକିରି ଦେବା ନାଁରେ ୧୨ ଲକ୍ଷ ଠକେଇ: ଜଣେ ଗିରଫ

ରାଉରକେଲା:,(ସବ୍ୟୁ): ଦିଲ୍ଲୀ ଜବାହରଲାଲ ନେହେରୁ ୟୁନିଭର୍ସିଟିରେ ଚାକିରି କରାଇଦେବା ଆଳରେ ଠକେଇ ଅଭିଯୋଗରେ ଜଣଙ୍କୁ ରାଉରକେଲା ସେକ୍ଟର-୭ ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତ ହେଲେ ଦିଲ୍ଲୀ ଜେଏନ୍ୟୁର ମୂଳନିବାସୀ ତଥା ସେକ୍ଟର-୧ ଅଞ୍ଚଳର ରାଜୀବ ସେଠୀ(୫୦)। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାନୁଯାୟୀ, ରାଜୀବ ସେଠୀ ଦିଲ୍ଲୀ ଜେଏନ୍ୟୁରେ ଲାବ୍ ଆସିଷ୍ଟାଣ୍ଟ ଭାବେ କାମ କରନ୍ତି। ଅଭିଯୋଗକାରୀ ସେକ୍ଟର-୭ ଅଞ୍ଚଳର ରଞ୍ଜନ ନାୟକ ନିଜ ଶଳାଙ୍କ ଚାକିରି ପାଇଁ ସାଙ୍ଗ ରାଜୀବ ସେଠୀଙ୍କ ସହ ଆଲୋଚନା କରିଥିଲେ। ରାଜୀବ ଜେଏନ୍ୟୁରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେବାରୁ ୨୦୨୨ ମସିହାରେ ରଞ୍ଜନ ପ୍ରାୟ ୧୨ ଲକ୍ଷ ଟଙ୍କା କିଛି ନଗଦ ଓ କିଛି ଅନ୍ଲାଇନ୍ ମାଧ୍ୟମରେ ତାଙ୍କୁ ଦେଇଥିଲେ।

ଟଙ୍କା ଦେବାର ବର୍ଷେ ବିତିବା ପରେ ମଧ୍ୟ କିଛି ସୁଫଳ ନମିଳିବାରୁ ରଞ୍ଜନ ଟଙ୍କା ଫେରସ୍ତ ମାଗିଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ ରାଜୀବ ଟଙ୍କା ନ ଫେରାଇବାରୁ ରଞ୍ଜନ ଦିଲ୍ଲୀ ଯାଇଥିଲେ। ସେଠାରେ ରାଜୀବ ତାଙ୍କୁ ଟଙ୍କା ଫେରାଇବାକୁ ମନା କରିବା ସହ ଗାଳିଗୁଲଜ କରିଥିଲେ। ତେଣୁ ରଞ୍ଜନ ବାଧ୍ୟ ହୋଇ ମାର୍ଚ୍ଚ ମାସରେ ସେକ୍ଟର-୭ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ରାଜୀବ କିଛି ଦିନ ପୂର୍ବେ ଏକ ପାରିବାରିକ କାର୍ଯ୍ୟରେ ରାଉରକେଲା ଆସିଥିବା ଖବର ପାଇବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା।

PARADIP PORT AUTHORITY
MARINE DEPARTMENT
No. MD/ACCTS/WK/R-08/2025/548 Date: 22/04/2025
**Name of the Work :** Hiring of 01 no. 50 Ton Bollard Pull Tug along with Manning Crew for Marine Operations at SPMs and inside Harbour at Paradip Port for a period of 02 (Two) years & extendable for 01 (One) more year.
**Estimated cost put to tender :** Total estimated cost including Hire Charges & Fuel Cost: Rs.33,90,94,490/- excluding GST.
Estimated cost put to Tender towards Hire Charges only Rs.17,46,16,000/- excluding GST.
Last date & time of submission of tender through on-line bidding is **15:30 Hours on 15/05/2025.**
Date & time for opening of Technical Bid is **15:30 hours on dt.16/05/2025.**
For further details, please log on to the Website: **https://eprocure.gov.in/eprocure/app**
PPA/PR/07/2025-2026 24/04/2025 — Sd/- Deputy Conservator, Paradip Port Authority

### ଶିମିଳିପାଳକୁ ...

ଶିମିଳିପାଳର ଅଦ୍ୱିତୀୟ ଜୈବ ବିବିଧତା, ସମୃଦ୍ଧ ଆଦିବାସୀ ପରମ୍ପରା ଏବଂ ପରିବେଶଗତ ମୂଲ୍ୟବୋଧ ପ୍ରତି ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛି । ଏହି ନିଷ୍ପତ୍ତି ଓଡ଼ିଶାକୁ ଜାତୀୟ ମାନଚିତ୍ରରେ ସ୍ୱତନ୍ତ୍ର ଭାବରେ ସ୍ଥାନିତ କରିଛି । ଶିମିଳିପାଳକୁ ଜାତୀୟ ଉଦ୍ୟାନ ଭାବରେ ଘୋଷଣା କରିବାର ପ୍ରସ୍ତାବ ପ୍ରଥମେ ୧୯୮୦ ମସିହାରେ ଆଗତ ହୋଇଥିଲେ ମଧ୍ୟ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଏହା ବିଚାରାଧୀନ ରହିଥିଲା ।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଶିମିଳିପାଳ ଜାତୀୟ ଉଦ୍ୟାନକୁ ସର୍ବୋଚ୍ଚ ଜାତୀୟ ପରିବେଶ ସ୍ୱୀକୃତି ମିଳିବା ପରେ ବନ୍ୟଜନ୍ତୁ ଅଭୟାରଣ୍ୟ, ବ୍ୟାଘ୍ର ପ୍ରକଳ୍ପ, ୟୁନେସ୍କୋ ସଂରକ୍ଷିତ ଜୈବମଣ୍ଡଳ, ହାତୀ ଅଭୟାରଣ୍ୟ ଆଦି ଶିମିଳିପାଳର ବହୁସ୍ତରୀୟ ଜୈବ ବିବିଧତାର ଗୁରୁତ୍ୱକୁ ପ୍ରତିପାଦିତ କରୁଛି । ଶିମିଳିପାଳ ଜୈବବିବିଧତାରେ ପରିପୂର୍ଣ୍ଣ ଭାରତର ଅନ୍ୟତମ ଅନନ୍ୟ ପରିବେଶ । ଏହା ୪୦ଟି ଜଙ୍ଗଲୀ ବାଘ ସମେତ ବିରଳ କଳା ବାଘଙ୍କ ପାଇଁ ବିଶ୍ୱର ଏକମାତ୍ର ବାସସ୍ଥାନ । ଓଡ଼ିଶାର ମୋଟ ହାତୀ ସଂଖ୍ୟାର ୨୫ ପ୍ରତିଶତ ହାତୀଙ୍କର ଆଶ୍ରୟସ୍ଥଳ । ଏଠାରେ ୧୦୪ ପ୍ରଜାତିର ଅର୍କିଡ୍ ଦେଖାଯାଆନ୍ତି । ଅନେକ ପ୍ରଜାତି କେବଳ ଏହି ଅଞ୍ଚଳରେ ହିଁ ଦେଖାଯାଆନ୍ତି । ୩୬୦ରୁ ଅଧିକ ପ୍ରଜାତିର ପକ୍ଷୀ ଏବଂ ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀ ଯଥା ଚିତାବାଘ, ସମ୍ବର, କୁମ୍ଭୀର ଇତ୍ୟାଦିମାନଙ୍କର ଆଶ୍ରୟସ୍ଥଳ । ଉତ୍ତର ଓଡ଼ିଶାରେ ପ୍ରବାହିତ ବିଭିନ୍ନ ନଦୀର ପ୍ରମୁଖ ଅବବାହିକା ।

ଶିମିଳିପାଳରେ ଅବସ୍ଥିତ ଜଙ୍ଗଲଗୁଡ଼ିକ ଶାଳ, ଆର୍ଦ୍ର ପର୍ଣ୍ଣମୋଚୀ ଏବଂ ଅର୍ଦ୍ଧ-ଚିରହରିତ ପ୍ରକାରର ବୃକ୍ଷର ମିଶ୍ରଣ । ଯାହା ଉଦ୍ଭିଦ, ଜୀବଜନ୍ତୁ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ଜନଜାତି ସମ୍ପ୍ରଦାୟମାନଙ୍କ ପାଇଁ ଏକ ବିରଳ ଏବଂ ସମୃଦ୍ଧ ବାସସ୍ଥାନ ସୃଷ୍ଟି କରିଛି । ଏହି ନୂତନ ଜାତୀୟ ଉଦ୍ୟାନ ଏବଂ ଏହାର ଆଖପାଖ ଜୈବବିବିଧତାକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ବିଭାଗ । ଗ୍ରେଟର ଶିମିଳିପାଳ ଲ୍ୟାଣ୍ଡସ୍କେପ୍'କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି । ଯେଉଁଥିରେ ରହିଛି ଏଆଇ ଚାଳିତ କ୍ୟାମେରା ଟାୱାର ଏବଂ ଟ୍ରେଲ୍ ଗାର୍ଡ କ୍ୟାମେରା ସିଷ୍ଟମ୍, ଦୁର୍ଗମ ଅଞ୍ଚଳରେ ନଜର ରଖିବା ପାଇଁ ଭି-ସାଟ୍ ଯୋଗାଯୋଗ ନେଟୱାର୍କ ଓ ବିଶେଷ ତାଲିମପ୍ରାପ୍ତ ପୋଲିସ କର୍ମଚାରୀ ଏବଂ ପୂର୍ବତନ ସୈନିକଙ୍କୁ ନେଇ ଏକ କମ୍ପାନୀ ସମର୍ପିତ ସୁରକ୍ଷା ବଳ ନିୟୋଜନ ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି ।

ବାଘ ସଂଖ୍ୟା ପୁନରୁଦ୍ଧାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ତାଡୋବା ଅନ୍ଧେରୀ ସଂରକ୍ଷିତ ବ୍ୟାଘ୍ର ଅଭୟାରଣ୍ୟ (ମହାରାଷ୍ଟ୍ର)ରୁ ଦୁଇଟି ମହିଳା ବାଘ ଆସି ସାରିଛି । ସେମାନେ ସଫଳତାର ସହିତ ଶିମିଳିପାଳରେ ପରିବେଶ ସହ ଖାପଖୁଆଇ ସାରିଛନ୍ତି । ଏହା ୨୦୩୬ ସୁଦ୍ଧା ଶିମିଳିପାଳରେ ବାଘ ସଂଖ୍ୟାକୁ ୧୦୦ରେ ପହଞ୍ଚାଇବା ପାଇଁ ମଞ୍ଚ ପ୍ରସ୍ତୁତ କରିଛି । ଭାରତର ସଂରକ୍ଷଣ ରୋଡମ୍ୟାପରେ ଶିମିଳିପାଳର ଭୂମିକାକୁ ଆହୁରି ସୁଦୃଢ଼ କରିବ ।

ରାଜ୍ୟ ସରକାର 'ଆମ ଶିମିଳିପାଳ' ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହା ଜୀବିକା ବୃଦ୍ଧି ଏବଂ ସ୍ଥାନୀୟ ଜନଜାତି ସମ୍ପ୍ରଦାୟଙ୍କ ପାଇଁ ଦକ୍ଷତା ତାଲିମ, ପରିବେଶ-ଅନୁକୂଳ ପର୍ଯ୍ୟଟନ ଏବଂ ସାଂସ୍କୃତିକ ପର୍ଯ୍ୟଟନର ପ୍ରଚାରପ୍ରସାର ଓ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସମ୍ବଳର ଉପଲବ୍ଧତା କ୍ଷେତ୍ରରେ ଭିତ୍ତିଭୂମି ଉନ୍ନତିକରଣ ନିମନ୍ତେ ଏକ ସମନ୍ୱିତ କାର୍ଯ୍ୟକ୍ରମରୂପେ କାର୍ଯ୍ୟ କରିବ ।

### ପ୍ରଶାନ୍ତଙ୍କ...

ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପିର ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତଙ୍କ ସମେତ ବହୁ ନେତୃମଣ୍ଡଳୀ ଇଶାଣୀ ଗ୍ରାମରେ ପହଞ୍ଚି ସ୍ୱର୍ଗତଃ ପ୍ରଶାନ୍ତ ଶତପଥିଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତଃ ଶତପଥିଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ସହାନଭୂତି ଅର୍ଥରାଶି ପ୍ରଦାନ, ସ୍ୱର୍ଗତଃ ପ୍ରଶାନ୍ତଙ୍କ ବିଧବା ପତ୍ନୀଙ୍କୁ ସରକାରୀ ଚାକିରୀ ଓ ତାଙ୍କ ପୁତ୍ରର ପାଠପଢା ଖର୍ଚ୍ଚ ସରକାର ବହନ କରିବେ ବୋଲି ଘୋଷଣା କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ନେତୃବୃନ୍ଦ ଶବ ଶୋଭାଯାତ୍ରା ସହିତ ଯାଇ ଶ୍ମଶାନ ଠାରେ ପହଞ୍ଚି ଥିଲେ । ସହସ୍ରାଧିକ ଜନତାଙ୍କ ଉପସ୍ଥିତିରେ ପ୍ରଶାନ୍ତଙ୍କ ୮ବର୍ଷର ଶିଶୁପୁତ୍ର ତନୁଜ ମୁଖାଗ୍ନି ଦେଇଥିଲେ । ସେହିଭଳି ପ୍ରଶାନ୍ତଙ୍କ ଅନ୍ତିମ ସତ୍କାରରେ ଯୋଗଦେବା ପାଇଁ ବିଜୁଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ଯୁବନେତା ଧିରେନ୍ ନାୟକ ପ୍ରମୁଖ ସ୍ୱର୍ଗତଃ ପ୍ରଶାନ୍ତ ଶତପଥିଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଶବ ଶୋଭାଯାତ୍ରା ସମୟରେ ସ୍ୱର୍ଗତଃ ପ୍ରଶାନ୍ତଙ୍କ ଭାଇ ଜୟନ୍ତ, ସୁଶାନ୍ତ,ଭାଉଜ ତଥା ସାରଗାଁ ସରପଞ୍ଚ ସାବିତ୍ରୀ ଶତପଥି ପ୍ରମୁଖ ସାମିଲ ଥିଲେ । କଳିଙ୍ଗ କମରସିଆଲ କର୍ପୋରେସନ ଲିମିଟେଡ ପକ୍ଷରୁ ଏଡମିନିଷ୍ଟ୍ରେଟ ବିଭାଗ ନିର୍ଦ୍ଦେଶକ ଅର୍ଚ୍ଚନା ସାମଲ ପ୍ରଶାନ୍ତଙ୍କ ବିଧବା ପତ୍ନୀ ପ୍ରିୟଦର୍ଶନୀଙ୍କୁ ଅନୁଷ୍ଠାନ ପକ୍ଷରୁ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହାଛଡ଼ା ପ୍ରଶାନ୍ତଙ୍କ ପୁତ୍ର ତନୁଜ ପାଠପଢିବା ପରେ ଚାହିଁଲେ ତାଙ୍କୁ କଳିଙ୍ଗ କମରସିଆଲ କର୍ପୋରେସନ ଲିମିଟେଡ କମ୍ପାନୀରେ ନିଯୁକ୍ତି ଦେବାକୁ ମଧ୍ୟ ପ୍ରଶାନ୍ତଙ୍କ ପତ୍ନୀ ପ୍ରିୟଦର୍ଶନୀଙ୍କୁ ପ୍ରତିଶୃତି ଦେଇଛନ୍ତି । କଳିଙ୍ଗ କମରସିଆଲ କର୍ପୋରେସନ ଲିମିଟେଡର ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ସାମଲ, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସୌମ୍ୟରଂଜନ ସାମଲଙ୍କ ପରାମର୍ଶରେ ଡିଜିଏମ୍ ଅପର୍ଣ୍ଣା ଶ୍ରୀବାସ୍ତବ, ସିନିୟର ମେନେଜର ଅରୁନ୍ଧତି ଚୌଧୁରୀ, ଡେପୁଟି ମେନେଜର ବିଭୁଦତ୍ତ ସାହୁ ପ୍ରମୁଖ ସ୍ୱର୍ଗତଃ ପ୍ରଶାନ୍ତ ଶତପଥିଙ୍କ ବାସଭବନରେ ପହଞ୍ଚି ଏହି ସହାୟତା ଘୋଷଣା କରିଥିଲେ । ଏହାଛଡ଼ା ଆଜି ବାଲେଶ୍ୱର ସହରରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱର୍ଗତଃ ପ୍ରଶାନ୍ତ ଶତପଥିଙ୍କ ଅମର ଆତ୍ମାର ସଦଗତି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଛି ।

### ୫ ମାଓବାଦୀ...

ସଂଖ୍ୟାରେ ମାଓବାଦୀ ମୃତାହତ ହୋଇଥିବା ସେଠାକାର ପରିସ୍ଥିତିକୁ ଅନୁଧାନ କଲେ ଜଣାପଡୁଛି ବୋଲି ପୁଲିସ କହିଛି। ଘଟଣାସ୍ଥଳରୁ ବହୁ ମାତ୍ରାରେ ମାଓ ସାମଗ୍ରୀ ସହ ବିସ୍ଫୋରକ ଜବତ କରାଯାଇଛି। ଏଥିସହ ଯବାନ ଜଂଗଲର ବିଭିନ୍ନ ସ୍ଥାନରେ ଲ୍ୟାଣ୍ଡମାଇନ ଖଞ୍ଜିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଲ୍ୟାଣ୍ଡମାଇନକୁ ଉଦ୍ଧାର କରାଯାଇସାରିଛି । ଜଂଗଲରେ ଯବାନ ସର୍ଚ୍ଚ ଅପରେସନକୁ ଜାରି ରଖିଛନ୍ତି। ଦୁଇ ରାଜ୍ୟର ସୀମାନ୍ତବର୍ତ୍ତୀ ବାରଗେଛା ଅଂଚଳ ହେଉଛି ମାଓବାଦୀ ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ। ତେଣୁ ଏଠାରେ ବଡ ବଡ କେନ୍ଦ୍ରୀୟ କମିଟିର ନେତାମାନେ ମଧ୍ୟ ଲୁଚି ରହିଥିବା ଅନୁମାନ କରାଯାଉଛି। ତେଣୁ ଯବାନ ଜଂଗଲରେ ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି। ଗତ ୪୦ ଘଣ୍ଟା ହେଲା ଯବାନ ଜଂଗଲରେ ମାଓବାଦୀଙ୍କୁ ଖୋଜୁଛନ୍ତି। ମାଓ ଗତିବିଧିକୁ ଡ୍ରୋନ ଏବଂ ହେଲିକେପ୍ଟର ନଜର ରଖୁଥିବା କୁହାଯାଇଛି ।

**AFFIDAVIT**
By virtue of an affidavit sworn before the Executive Magistrate BHUBAN on Dated 8th January 2025, I, Mr. LAMBODAR SAHOO, Address WARD NO-09, BHUBAN GOPALPURPATANA, DHENKANAL, ODISHA, 759017, Odisha, have changed my name from "SURESH KUMAR SAHOO" to "LAMBODAR SAHOO". Henceforth, I shall be known as "LAMBODAR SAHOO" for all purposes.
LAMBODAR SAHOO

**AFFIDAVIT**
I PUSPALATA MAHAPATRA W/O SRIKANT MISHRA RESIDENT OF HIG DUPLEX-10,BDA COLONY,PHASE-1,POKHARIPUT,PS-AIRPORT, BHUBANESWAR KHORDHA,PIN-751020,ODISHA DECLARE BY THIS AFFIDAVIT NO.12453 DTD.22/04/2025 THAT NOW ONWARDS I SHALL BE KNOWN AS PUSPALATA MISHRA FOR ALL PURPOSES.

**AFFIDAVIT**
I, Saumyashree Mitrabhanu Sahoo, S/o - Late Pravakar Sahoo, Mother's name - Puni Sahoo, resident of At-Brahmandi, Po-Anantapur, P.S-Balikuda, Dist-Jagatsinghpur, Pin-754119 Odisha declare by this affidavit No.111 dtd.-24/04/2025 that now onwards I shall be known as Saumyashree Mitrabhanu Sahoo, S/o - Sarbeswar Swain, mother's name -Manjulata Swain, resident of At-Balarampur, Po-panchapalli, P.S - Erasama, Dist-Jagatsinghpur, Pin-754110 Odisha for all future purposes.

**AFFIDAVIT**
I DIPTIBALA ROY, W/O-AMBARISH RAY, AT-KADAMSAHI,PO-RAJ NILGIRI, PS- NILGIRI, BALASORE-756043, ODISHA DECLARE BY THIS AFFIDAVIT NO-3152,dt 23.04.2025 THAT NOW ONWARDS I SHALL BE KNOWN AS DIPTIBALA RAY FOR ALL FUTURE PURPOSES.

**AFFIDAVIT**
I, Nalini Kanta Panda, Son of Prakash Chandra Panda, aged about 58 years, permanent resident of Pradhanpali, Rourkela (Odisha), presently residing at Sakhipara, Sambalpur, Tahasil/ District: Sambalpur, declare by this affidavit no. 10273, dtd.-09.04.2025 that now onwards I shall be known as **NALINIKANT PANDA** for all future purposes.

**AFFIDAVIT**
I AMBARISH ROY, S/O-RABINARAYAN ROY, AT- KADAMSAHI,PO-RAJ NILGIRI, PS- NILGIRI, BALASORE - 756043, ODISHA DECLARE BY THIS AFFIDAVIT NO-3120, dt 23.04.2025 THAT NOW ONWARDS I SHALL BE KNOWN AS AMBARISH RAY FOR ALL FUTURE PURPOSES.

**NOTICE**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ କି ମୟୂରଭଞ୍ଜ ଜିଲ୍ଲା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଗତ ତା.୨୨.୧୧.୨୦୧୦ ରିଖର ନଂ. ୧୧୨୬୧୦୦୪୦୪୫ନ୍ୱର ମୂଳ ପଞ୍ଜିକୃତ ବିକ୍ରୟ କବଲା ଯେଉଁଥିରେ ବିଜୟ କୁମାର ଦାସ କ୍ରେତା ଭାବେ କଓ୍ୱଇଜିତ ସିଂଙ୍କ ଠାରୁ ମୟୂରଭଞ୍ଜ ଜିଲ୍ଲାର ନଂ୧୦୯ନ୍ୱର ବାରିପଦା ଥାନାର ଛାଞ୍ଚ ମୌଜାର ନ ୨୬୬/୮୩୧ନ୍ୱର (ଦୁଇଶହ ଛଷଠି ବାଏ ଆଠ ଶହ ଏକତିରିଶି) ଖାତାର ନ୭୫୮/୧୯୯୫ନ୍ୱର (ସାତ ଶହ ଅଠାବନ ବାଏ ଏକ ହଜାର ନଅ ଶହ ପଞ୍ଚାନବେ) ପ୍ଲଟ୍ ଉକ୍ତେ ଦାଏର ଥିବା ଜମି ମଧ୍ୟରୁ ଏ. ୦.୦୫ ଡେସିମିଲ ଜମି ଖରିଦ କରିଥିଲେ ଏବଂ ଉକ୍ତ ଜମିର କ୍ରେତାଙ୍କ ନାମେ ହୋଇଥିବା ଛାଞ୍ଚ ମୌଜାର ନ୨୬୬/୧୨୮୦ନ୍ୱର ପ୍ରକୃତ ମୂଳ ଖତିୟାନ କେଉଁଠାରେ ହଜିଯାଇଅଛି ଏବଂ ଅଦ୍ୟାବଧି ବହୁତ ଖୋଜାଖୋଜି ସତ୍ତ୍ୱେ ମିଳିନାହିଁ । ତେଣୁ ବିଜୟ କୁମାର ଦାସ ଉପର ବର୍ଣ୍ଣିତ ମୂଳ ବିକ୍ରୟ କବଲା ଓ ଖତିୟାନ, ଜମି ବିକ୍ରୟବେଳେ କ୍ରେତା ଶୁଭମ ପାତ୍ରଙ୍କୁ ହସ୍ତାନ୍ତର କରିନାହାନ୍ତି । ଶୁଭମ ପାତ୍ର ଉକ୍ତ ବିକ୍ରୟ କବଲା ଏବଂ ଖତିୟାନର ପ୍ରାମାଣିକ ନକଲ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ତକତପୁର ଶାଖାରେ ଜମାଦେଇ ଉକ୍ତ ଜମି ବନ୍ଧକ ଦେଇ ଋଣ ନେଇଛନ୍ତି । ଏଥିରେ କାହାରି କୌଣସି ଆପତ୍ତି ଥିଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତକତପୁର ଶାଖା ପରିଚାଳକଙ୍କୁ ୭ (ସାତ) ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ ।
SBI Bank, Takatpur

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
TN.TPWODL/MK/O/SU/2500000935 Date. 25.04.2025
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
**RC for supply of HT & LT stay sets, stay clamps and stay insulator in TPWODL.**
Interested bidders are to submit Tender Participation Fee and Authorization Letter through email on or before **06th May 2025, 18:00Hrs,** after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- Head-Contracts & Procurement

## ବିକଶିତ ଭାରତ ୨୦୪୭, ଭିଜନ ଅଫ୍ ନ୍ୟୁ ଇଣ୍ଡିଆ କନ୍‌କ୍ଲେଭ
# ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ସମ୍ମାନରେ ସୋଆ ସମ୍ମାନିତ




ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା 'ଏକ୍ସିଲେନ୍ସ ଇନ୍ ଦ ଫିଲ୍ଡ ଅଫ୍ ଏଜୁକେସନ୍' ସମ୍ମାନରେ ସମ୍ମାନିତ କରାଯାଇଛି। ନ୍ୟୁଜ ଚ୍ୟାନେଲ୍ ଭାରତ ଟ୍ୱେଂଟି ଫୋର ପକ୍ଷରୁ ନିକଟରେ ନୂଆଦିଲ୍ଲୀ ଠାରେ ଆୟୋଜିତ ବିକଶିତ ଭାରତ ୨୦୪୭, ଭିଜନ ଅଫ୍ ନ୍ୟୁ ଇଣ୍ଡିଆ କନ୍‌କ୍ଲେଭ୍‌ରେ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ବିଭାଗ ମନ୍ତ୍ରୀ ନୀତିନ୍ ଗଡ଼କରୀ ଏହି ସମ୍ମାନ ପ୍ରଦାନ କରିଛନ୍ତି ।

ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଶ୍ରୀ ଗଡ଼କରୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ଅବସରରେ ଭାରତ ଟ୍ୱେଂଟି ଫୋରର ସିଇଓ ତଥା ଏଡିଟ୍‌ର ଇନ୍ ଚିଫ୍ ଜଗଦୀଶ ଚନ୍ଦ୍ର ଏବଂ ଚିଫ୍ ବିଜିନେସ୍ ଅଫିସର ମନୋଜ ଜିଜ୍ଞାସୀ ଉପସ୍ଥିତ ଥିଲେ। ସମ୍ମାନ ପ୍ରଦାନ ସମୟରେ ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଓଏସ୍‌ଡି ପ୍ରୀତମ ନାୟକ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ନନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ ବିକଶିତ ଭାରତ ୨୦୪୭ ପରିପ୍ରେକ୍ଷୀରେ ସୋଆର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।

## ଘୋଡ଼ାବର ସେବା ସମବାୟ ସମିତି ପରିଚାଳନା ପରିଷଦ ନିଲମ୍ବନ

ବାଙ୍କୀ, (ସବ୍ୟୁ) : ପ୍ରାଥମିକ ସେବା ସମବାୟ ସମିତି ରେ କାର୍ଯ୍ୟରତ ସମ୍ପାଦକ ଜଣକ ବିଭିନ୍ନ ସେବା ସମବାୟ ସମିତିରେ ଅର୍ଥ ହେରଫେର କରୁଥିବା ଅଭିଯୋଗରେ ସମବାୟ ବିଭାଗ ବରିଷ୍ଠଅଧିକାରୀମାନ ଙ୍କ ଦ୍ୱାରା ତଦନ୍ତ କରା ଯାଇ ନିଲମ୍ବିତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇ ଥିଲେ ମଧ୍ୟ ପରିଚାଳନା ପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ ହୋଇ ସମବାୟ ବିଭାଗ କମିଟିକୁ ନିଲମ୍ବନ କରି ନୂତନ ଅଧିକାରୀ ଙ୍କୁ ପରିଚାଳନା ପରିଷଦ କମିଟି ଦାୟୀତ୍ୱ ହସ୍ତାନ୍ତର କରିଛନ୍ତି ।କଟକ ଜିଲ୍ଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ସରଣ୍ଡା ଶାଖା ଅନ୍ତର୍ଗତ ଘୋଡ଼ାବର୍ ସେବା ସମବାୟ ସମିତିରେ କାର୍ଯ୍ୟରତ ସମ୍ପାଦକ ଙ୍କୁ ନିଲମ୍ବନ୍ କରିବା ପାଇଁ ପରିଚାଳନା ପରିଷଦ କମିଟି ର ସଭାପତି ଗୁରୁତ୍ୱ ଦେବା ପରିବର୍ତେ ଅହେତୁକ ସହଯୋଗ କରିବାରୁ କଟକ ସ୍ଥିତ ସମବାୟ ବିଭାଗ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରୁ ନିଲମ୍ବନ ନିର୍ଦ୍ଦେଶ ଦିଆ ଯାଇଛ। ମାତ୍ର ସମବାୟ ବିଭାଗ ଉପ ନିବନ୍ଧକଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଘୋଡ଼ାବର ସେବା ସମବାୟ ସମିତି ର ପରିଚାଳନା ପରିଷଦ ସମ୍ପାଦକଙ୍କୁ ନିଲମ୍ବନ ନ କରିବାରୁ ଗତ ୨୩.୦୬.୨୦୨୨ ମସିହାରେ ନିର୍ବାଚିତ ପରିଚାଳନା ପରିଷଦ କମିଟିକୁ ନିଲମ୍ବନ କଲେ ସମବାୟ ବିଭାଗ ଉପନିବନ୍ଧକ। ଘୋଡ଼ାବର ସେବା ସମବାୟ ସମିତି ସମ୍ପାଦକ ରମେଶ କୁମାର ସାହୁ ଓସ୍ତିଆ, ଆନନ୍ଦପୁର ଓ ଘୋଡ଼ାବର ସେବା ସମବାୟ ସମିତି ରେ ବ୍ୟାପକ ଅର୍ଥ ହେରଫେର କରିଥିବା ଅଭିଯୋଗ ତଦନ୍ତ କରା ଯାଇ ତୁରନ୍ତ ନିଲମ୍ବନ କରିବା ପାଇଁ ନୋଟିସ ନମ୍ବର ୫୯୮/ତା ୨୭,୦୨,୨୦୨୫ ରେ ସଭାପତି ପ୍ରଶାନ୍ତ କୁମାର ପରିଡ଼ାଙ୍କୁ ସମବାୟ ବିଭାଗ ର ଉପ ନିବନ୍ଧକ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଘୋଡ଼ାବର ସମିତି ସଭାପତି କୌଣସି ପ୍ରକାର କାର୍ଯ୍ୟନୁଷ୍ଠାନ ନ ନେଇ ବରଂ ସମ୍ପାଦକ ରମେଶ ସାହୁ ଙ୍କୁ ସହଯୋଗ କରିଥିଲେ। ଫଳରେ ଦୁଇ ଦୁଇ ଥର କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ଥିବା ବେଳେ ନୀରବ ରହିଥିବା ସମିତି ପରିଚାଳନା ପରିଷଦ କମିଟି କୁ ପତ୍ର ସଂଖ୍ୟା ୧୧୩୪/ତା ୧୫.୦୪.୨୦୨୫ ରେ ନିଲମ୍ବନ କଲେ ସମବାୟ ସମିତି ସମୂହର ଉପ ନିବନ୍ଧକ। ଏବେ ସମିତିର ପରିଚାଳନା କମିଟି ସଭାପତି ଦାୟିତ୍ୱ ଏ,ଆର, ସି , ଏସ ଙ୍କ କାର୍ଯ୍ୟାଳୟ ର ଇନ୍ସପେକ୍ଟର ଓମ୍ ପ୍ରକାଶ ଦାସ ଙ୍କୁ ଦିଆଯାଇଥିବା ସୂଚନା ଦେଇଛନ୍ତି ବାଙ୍କୀ ଏ ଆର ସି ଏସ ସୁରେନ୍ଦ୍ର କୁମାର ଜେନା।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ପ୍ରସଙ୍ଗ
# ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଏଥିପାଇଁ ଦାୟୀ: ହାଇକୋର୍ଟ

କଟକ,(ସବ୍ୟୁ): ବିଦ୍ୟୁତ ସଂସ୍ପର୍ଶରେ ଆସି ଢେଙ୍କାନାଳର ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ହାଇକୋର୍ଟ ସମ୍ପୃକ୍ତ ପରିବାରକୁ ୪ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୁଇ ମାସ ମଧ୍ୟରେ ଏହି କ୍ଷତିପୂରଣ ରାଶି ପ୍ରଦାନ ଲାଗି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ତେବେ ଆବେଦନକାରୀଙ୍କ ପରିବାର ଅଧିକ କ୍ଷତିପୂରଣ ରାଶି ପାଇବା ଲାଗି ଆଇନ ଅନୁଯାୟୀ ଉପଯୁକ୍ତ ଫୋରମ୍ରେ ଆବେଦନ କରିବାକୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି । ମୃତ ବାଳକଙ୍କ ପିତା ଦୁଷ୍ମନ୍ତ ସାମଲଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ରାୟ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀଙ୍କ ୧୭ବର୍ଷର ପୁଅ ସିଦ୍ଧାନ୍ତ ଢେଙ୍କାନାଳର ଜନତା ମହାବିଦ୍ୟାଳୟରେ ଯୁକ୍ତ-୨ରେ ପଢୁଥିଲା । ୨୦୧୬ ଫେବ୍ରୁଆରୀ ୧୬ ତାରିଖ ଅପରାହ୍ନ ୨ଟା ସମୟରେ ପାଖ ଦୋକାନକୁ ଯିବା ସମୟରେ ଏକ ବିଦ୍ୟୁ ଖୁଣ୍ଟ ସଂସ୍ପର୍ଶରେ ସିଦ୍ଧାର୍ଥ ଆସିଥିଲା । ସ୍ଥାନୀୟ ଲୋକେ

**୪ ଲକ୍ଷ ଟଙ୍କା ଅନ୍ତରୀଣ କ୍ଷତିପୂରଣ ନିର୍ଦ୍ଦେଶ**

ତାକୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ । କିନ୍ତୁ ଡାକ୍ତର ସିଦ୍ଧାନ୍ତକୁ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲେ । ଅପରପକ୍ଷରେ ଆବେଦନକାରୀ କ୍ଷତିପୂରଣ ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ରାୟ ପ୍ରକାଶ କରି କହିଛନ୍ତି ଯେ, ବିଦ୍ୟୁ ବିଭାଗର ଅବହେଳାକୁ ଅଣଦେଖା କରାଯାଇ ପାରିବ ନାହିଁ । ଯଦି ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଉପଯୁକ୍ତ ଭାବେ ମରାମତି କରିଥାନ୍ତା ବା ରକ୍ଷଣାବେକ୍ଷଣ କାର୍ଯ୍ୟ କରିଥାନ୍ତା ତାହେଲେ ଏଭଳି ଏକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ବୋଲି ହାଇକୋର୍ଟ ମତଦେବା ସହ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର (ଓଇଆରସି) ନିୟମ ଅନୁଯାୟୀ ଆବେଦନକାରୀଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସିତାଂଶୁ କୁମାର ଦ୍ୱିବେଦୀ ମାମଲା ପରିଚାଳନା କରୁଥିଲେ । ତା ତେଣୁ ଏହି ଘଟଣା ପାଇଁ ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ଦାୟୀ

# ବୈଠକରେ ଅଭିଭାବକଙ୍କୁ ମାଡଗାଳି ଘଟଣାର ତଦନ୍ତ

ଭାପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା ସମିତି ଓ ଅଭିଭାବକଙ୍କ ମିଳିତ ବୈଠକରେ ଅଭିଭାବକ ମାନଙ୍କୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ମାଡ଼ ମାରିବା ସହିତ ଗାଳି ଗୁଲଜ କରିବା ଏବଂ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଘଟଣାକୁ ନେଇ ବୁଧବାର ଦିନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ତଦନ୍ତ କରାଯାଇଛି। ଘଟଣାରୁ ପ୍ରକାଶ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାପୁର ପରିସରରେ ଗତ ଶନିବାର ଦିନ ଅଭିଭାବକ ମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର, ବୈଠକ ଚାଲିଥିବା ସମୟରେ ମରିଚିଆ ଗ୍ରାମର ଅଭିଭାବିକା କଳ୍ପନା ଦଳଦେହେରା କିଛି ମନ୍ତବ୍ୟ ଦେବାରୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ହଠାତ ରାଗିଯାଇ ମାଡ ମାରିବା ସହିତ ଗାଳିଗୁଲଜ କରିଥିଲେ। ଏନେଇ ମହିଳା ଜଣକ ଭାପୁର ବିଟ ହାଉସରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କାର୍ତ୍ତିକ ବେହେରା ଓ ଉପ-ସଭାପତି ସନ୍ତୋଷ କୁମାର ନାୟକ ମଧ୍ୟ ଉକ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ଅପରପକ୍ଷେ ଶିକ୍ଷୟତ୍ରୀ ମଧ ଅଭିଭାବକ ମାନଙ୍କ ବିରୁଦ୍ଧରେ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ, ଫତେଗଡ ଥାନା ପକ୍ଷରୁ ୨ଟି ମାମଲା ରୁଜୁ ହୋଇଥିବା ଜଣାପଡିଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ ବିଦ୍ୟାଳୟ ପରିସରକୁ ଆସି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଠାରୁ ବିଭିନ୍ନ କାଗଜାତ ଯାଞ୍ଚ କରିବା ସହ ମହଜୁଦ ଥିବା ସାମଗ୍ରୀ ଗୁଡିକର ତଦାରଖ କରି ହିସାବ ନେଇଥିଲେ। ବିଦ୍ୟାଳୟର କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବ୍ୟକ୍ତିଭାବେ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କ ଠାରୁ ଲିଖିତ ମତାମତ ନେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟ, ସ୍ଥାନୀୟ ଅଭିଭାବକ, ବୁଦ୍ଧିଜୀବୀ, ସମାଜସେବୀ ମାନେ ଉପସ୍ଥିତ ରହି ମନ୍ଦିର ରୂପକ ବିଦ୍ୟାଳୟରେ ଏପରି ବିଶୃଙ୍ଖଳାକୁ ନିନ୍ଦା କରାଯାଇଛି।

## କ୍ୟାରେଟ୍‌ଲେନ୍ ସୌଭାଗ୍ୟନଗର ଷ୍ଟୋରରେ ଏବେ ଶାୟା ବ୍ରାଣ୍ଡ
# ଆଧୁନିକ ମହିଳାଙ୍କ ପାଇଁ ଷ୍ଟୋରିଟେଲିଂ ରୁପା ଗହଣା ସମ୍ଭାର

ଭୁବନେଶ୍ୱର (ସବ୍ୟୁ): ଚିରାଚରିତ ଡିଜାଇନ୍‌ରେ ପ୍ରସ୍ତୁତ ଅଳଙ୍କାରକୁ ପରିବର୍ତ୍ତନ କରି କ୍ୟାରେଟ୍‌ଲେନ୍ ପକ୍ଷରୁ ପ୍ରସ୍ତୁତ ହୋଇଛି ଆକର୍ଷଣୀୟ ଡିଜାଇନ୍ ଯୁକ୍ତ ରୂପା ଗହଣା ବ୍ରାଣ୍ଡ ଶାୟା । ଯାହା ଏଭଳି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ କେବଳ ଅଳଙ୍କାର ପ୍ରତି ଆଗ୍ରହ ପ୍ରକାଶ କରନ୍ତି ଓ ଏହାଠାରୁ ଅଧିକ କିଛି ଚାହାଁନ୍ତି । ଶାୟା ଏକ ନୂତନ ଏବଂ କଳାତ୍ମକ ସ୍ୱର ସହିତ ରୂପା ଅଳଙ୍କାରକୁ ପୁନକଳ୍ପନା କରିଥାଏ । ଯାହା ଆଧୁନିକ ଭାରତୀୟ ମହିଳାଙ୍କୁ ପ୍ରକୃତିକୁ ପ୍ରତିଫଳିତ କଲେ । ଏହା ପାରମ୍ପରିକ ପ୍ରାମାଣିକତା ଏବଂ ସମସାମୟିକ ଡିଜାଇନ୍ ମଧ୍ୟରେ ଏକ ସେତୁ ସ୍ଥାପନ କରେ । ଆକର୍ଷଣୀୟ ଷ୍ଟେଟ୍‌ମେଣ୍ଟ ପିସ୍ ଠାରୁ ଆରମ୍ଭ କରି ସୁକ୍ଷ୍ମ ଏବଂ ନୀତିଦିନିଆ ବ୍ୟବହାର ଉଦ୍ଦିଷ୍ଟ




ଆଇଟମ୍ ପର୍ଯ୍ୟନ୍ତ ପ୍ରତ୍ୟେକ ପିସ୍‌କୁ ଅତି ଯତ୍ନର ସହ ୯୨୫ ରୂପାରେ ପ୍ରସ୍ତୁତ କରାଯାଇଛି । ଏହାକୁ ପରିଧାନ କରୁଥିବା ମହିଳାଙ୍କ ଭଳି ଡିଜାଇନ୍ ଗୁଡ଼ିକ ବି ସ୍ୱତନ୍ତ୍ର । ଦେଶର ନୂଆ ସହର ଗୁଡ଼ିକରେ ନିଜର ଷ୍ଟୋରିଟେଲିଂ ଡିଜାଇନ୍ ଗୁଡ଼ିକୁ ଆଣିଛି ଶାୟା । ଏହି କ୍ରମରେ ଭୁବନେଶ୍ୱର ସୌଭାଗ୍ୟନଗର କ୍ୟାରେଟ୍‌ଲେନ୍ ଷ୍ଟୋରରେ ଏବେ ଶାୟା ବ୍ରାଣ୍ଡ ଉପଲବ୍ଧ । ଏଠାରେ ସୌନ୍ଦର୍ଯ୍ୟପୂର୍ଣ୍ଣ ଅଳଙ୍କାର ଉପଲବ୍ଧ । ଅଳଙ୍କାର ବ୍ୟତୀତ ଶାୟା ଏବେ ୫ ଗ୍ରାମରୁ ୧୦୦ ଗ୍ରାମ୍ ପର୍ଯ୍ୟନ୍ତ ୯୯୯ ଶୁଦ୍ଧତାଯୁକ୍ତ ରୂପା ମୁଦ୍ରା ବି ଏଠାରେ ଉପଲବ୍ଧ । ବ୍ରାଣ୍ଡ ପକ୍ଷରୁ ଏକ ସୁନ୍ଦର ହୋମ୍‌ଡେକର ରେଞ୍ଜ ମଧ୍ୟ ଅଣାଯାଇଛି । ଏଥିରେ ଅତି ସୁକ୍ଷ୍ମ ଭାବେ ଡିଜାଇନ୍ ହୋଇଥିବା ଫଟୋ ଫ୍ରେମ୍, କ୍ୟାଣ୍ଡେଲ ହୋଲଡର ଏବଂ କୁଙ୍କୁମବାକ୍ସ ରହିଛି ।

## ସନ୍ଦେହ ଘେରରେ ମହିଳାଙ୍କ ମୃତ୍ୟୁ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଭାପୁର, (ସବ୍ୟୁ):ଫତେଗଡ ଥାନା ଅନ୍ତର୍ଗତ କେନ୍ଦୁପଲ୍ଲି ଗ୍ରାମର ଜଣେ ନବ ବିବାହିତ ମହିଳା ମଙ୍ଗଳବାର ଦିନ ଘରର ଫ୍ୟାନରେ ଲୁଗା ବାନ୍ଧି ଆତ୍ମହତ୍ୟା କରିବା ଘଟଣାକୁ ନେଇ ଫତେଗଡ଼ ଥାନା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ମହିଳାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।ଏନେଇ ମୃତ ମହିଳାଙ୍କ ବାପା ପବିତ୍ର ମୋହନ ବାରିକ ଝିଅକୁ ତା'ର ସ୍ୱାମୀ ଅତ୍ୟଧିକ ନିର୍ଯାତନା ଦେବା ସହ ନିସ୍ଥୁକ ମାଡ ମାରି ମାରିଦେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ଫତେଗଡ଼ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ବେଳେ ମୃତ ମହିଳାଙ୍କ ସ୍ୱାମୀ ତ୍ରିନାଥ ବସନ୍ତରାକୁ ଗିରଫ କରି ଥାନାରେ ଅଟକ ରଖିଛନ୍ତି।ଏନେଇ, ପୁଲିସ ପକ୍ଷରୁ ବୁଧବାର ଦିନ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ଘଟଣା ସମ୍ପର୍କ ରେ ଅନୁଧ୍ୟାନ କରିବା ସହ ଅଧିକ ତଥ୍ୟ ଜାଣିବା ପାଇଁ ଘଟଣା ସ୍ଥଳରୁ ବିଭିନ୍ନ ପ୍ରକାର ର ନମୁନା ସଂଗ୍ରହ କରିଥିଲେ। ସାଇନ୍ ଟିଫିକ୍ ଟିମ୍ ର ତଦନ୍ତ ପରେ ପୁଲିସ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ ମହିଳା ଙ୍କ ଶବ ବ୍ୟବଚ୍ଛେଦ କରି ଶଶୁର ଘର ପରିବାରଙ୍କୁ ହସ୍ତାନ୍ତର କରିଥିଲା। ।

## ଏପ୍ରିଲ ୨୪ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ
# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଅସମ୍ମାନ, ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପ୍ରବାଦ ପୁରୁଷବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅର୍ଥାତ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ ତାରିଖରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିବା ବେଳେ ବିଜେଡ଼ି ଏହାକୁ ବିଜୁପଟ୍ଟନାୟକଙ୍କ ପ୍ରତି ଅସମ୍ମାନ ଓ ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ବୋଲି ଅଭିହିତ କରିଛି । ସାରା ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ସ୍ମରଣୀୟ କରିବା ପାଇଁ ଗତ ୩ ଦଶନ୍ଧି ଧରି ମାର୍ଚ୍ଚ ୫ ତାରିଖରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଆସୁଥିବା ବେଳେ, ବର୍ତ୍ତମାନ ରାଜ୍ୟସରକାରଙ୍କ ଏହି ନିଷ୍ପତ୍ତି କେବଳ ଇତିହାସକୁ ବିକୃତ କରିବା ସଦୃଶ୍ୟ ହୋଇଛି ବୋଲି ବିଜେଡ଼ି ପକ୍ଷରୁ କୁହାଯାଇଛି।

ଦଳ ପକ୍ଷରୁ ଏକ ପ୍ରେସବିବୃତିରେ ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼. ଲେନିନ ମହାନ୍ତି କହିଛନ୍ତି ପଞ୍ଚାୟତିରାଜ ବ୍ୟବସ୍ଥାର ଆମୂଳଚୁଳ ପୁନରବିନ୍ୟାସ ଲକ୍ଷ୍ୟରେ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ ସରକାର ମାର୍ଚ୍ଚ ୧୯୯୧ ମସିହାରେ ତିନୋଟି ବିଲ୍ ପାରିତ କରାଇଥିଲେ । ଏହି ତିନୋଟି



ବିଲ୍‌ହେଲା, ଓଡିଶା ଜିଲ୍ଲାପରିଷଦ ବିଲ୍ ୧୯୯୧, ଓଡିଶା ପଞ୍ଚାୟତ (ସଂଶୋଧନ) ବିଲ୍ ୧୯୯୧, ଓଡିଶା ଗ୍ରାମପଞ୍ଚାୟତ ବିଲ୍ ୧୯୯୧ । ତିନୋଟି ଯାକବିଲ୍‌ରେ, ତୃଣମୂଳସ୍ତରରେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅଧିକକ୍ଷମତା ପ୍ରଦାନ ସହିତ ସମୁଦାୟ ଆସନର ୩୩% ମହିଳାମାନଙ୍କ ପାଇଁ ସଂରକ୍ଷିତ କରାଯାଇଥିଲା । ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରି କ୍ଷମତାର ବିକେନ୍ଦ୍ରୀକରଣ ଦିଗରେସାରା ଦେଶରେଏହା ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ । ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ, ବିଜୁପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ତତ୍କାଳୀନ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ, ବିଜୁପଟ୍ଟନାୟକଙ୍କ ଜନ୍ମ ଦିବସକୁ ଅର୍ଥାତ ମାର୍ଚ୍ଚ ୫ ତାରିଖକୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହୋଇଆସୁଥିଲା । ମାତ୍ର ରାଜ୍ୟ ସରକାର ଏହି ଦିବସକୁ ଏପ୍ରିଲ ୨୪ତାରିଖରେ କରିବାକୁ ନିଷ୍ପତ୍ତି ନେବା ଦ୍ୱାରା ଓଡ଼ିଶାର ବରପୁତ୍ର ତଥା ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ପ୍ରତି ଅସୂୟା ଭାବକୁ ପଦାରେ ପକାଉଛି ବୋଲି ଡ଼. ମହାନ୍ତି କହିଛନ୍ତି ।

## ଦୁଇ ବାଲି ବୋଝେଇ ହାଇୱା ଗାଡି ଅଟକ

ଭାପୁର, (ସବ୍ୟୁ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ବାଲି ମାଫିଆମାନେ ସକ୍ରିୟ ରହିଛନ୍ତ।ସମୟ ସୁବିଧା ଦେଖି ବିଳମ୍ବିତ ରାତିରେ ହାଇୱା ଗାଡ଼ିରେ କରୁଛନ୍ତି ବାଲି ଚୋରା ଚାଲାଣ। ବୁଧବାର ଭୋର ସମୟରେ ଫତେଗଡ଼ ପୋଲିସ ପେଟ୍ରୋଲିଁ କରୁଥିବା ବେଳେ ବାଲି ବୋଝେଇ ହାଇୱା ଗାଡି ଚାରୋଟିକୁ ଅଟକାଇ ଗାଡିର କାଗଜାତ ଓ ୱାଇ ଫର୍ମ ଯାଞ୍ଚ କରିଥିଲେ । ଦୁଇଟି ହାଇୱା ଗାଡିର କାଗଜାତ ଠିକ ଥିବାରୁ ଗାଡି ଦୁଇଟିକୁ ଛାଡିଦେଇଥିବା ବେଳେ ଅନ୍ୟ ଦୁଇଟି ହାଇୱା ଗାଡିର କାଗଜାତ ଓ ୱାଇ ଫର୍ମ ନଥିବାରୁ ଥାନା ସମ୍ମୁଖରେ ଅଟକ ରଖିବା ସହ ମାମଲା ରୁଜୁ କରାଯାଇଛି।ଅଟକ ଥିବା ହାଇୱା ଗାଡି ଦୁଇଟିର ନଂ ଓଡି ୨୫ ଏମ ୪୨୨୨ ଏବଂ ଓଡି ୨୫ ଏନ ୧୨୨୨ ବୋଲି ଥାନା ପକ୍ଷରୁ ସୂଚନା।

# ଇମ୍ଫାରେ ବିପିଏସଆଇର କର୍ମଶାଳା



ଚୌଦ୍ୱାର, (ସବ୍ୟୁ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଜାତୀୟ ବିଜୁପଟ୍ଟନାୟକ ଇସ୍ପାତ ପ୍ରତିଷ୍ଠାନ ବୃତ୍ତିଗତ ପ୍ରି-ପ୍ରୋଗ୍ରାମ (୩ ପି) ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା), ଚୌଦ୍ୱାର, କଟକ, ଓଡ଼ିଶାର କାର୍ଯ୍ୟରତ ବୃତ୍ତିଗତମାନଙ୍କ ପାଇଁ ସର୍ତ୍ତାବଳୀ ଆଧାରିତ ମନିଟରିଂ ଏବଂ ନିର୍ଭରଯୋଗ୍ୟତା ବିଶ୍ଳେଷଣ ଉପରେ ଏକ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ସଫଳତାର ସହିତ ଆୟୋଜନ କରିଥିଲା । ବିଶେଷଜ୍ଞ ବକ୍ତା ପ୍ରଫେସର (ଡକ୍ଟର) ଇଶାମ ପାଣିଗ୍ରାହୀ, ଡକ୍ଟର ଅଶ୍ୱିନୀ କୁମାର ଏବଂ ଡକ୍ଟର ଇତିଶ୍ରୀ ରାଉତ ବ୍ୟବହାରିକ ପଦ୍ଧତି ବ୍ୟବହାର କରି ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ପରିଚାଳନା, ନିର୍ଭରଯୋଗ୍ୟତା ବିଶ୍ଳେଷଣ, ଅବସ୍ଥା ଆଧାରିତ ମନିଟରିଂ ଏବଂ ତୈଳ ବିଶ୍ଳେଷଣ ଉପରେ ଗଭୀର ବ୍ୟାଖ୍ୟା ପ୍ରଦାନ କରିଥିଲେ । ଏହି କର୍ମଶାଳା କୁ ପ୍ରଫେସର ସତ୍ୟପ୍ରିୟ ଶତପଥି ପରିଚାଳନା କରିଥିଲେ ।

## ପିଟର ଇଂଲଣ୍ଡର ନୂଆ ଅଭିଯାନ, ଦି ଜେଣ୍ଟଲମ୍ୟାନ୍ସ ଲିଗ୍ - ଲିଗ୍ ଅଫ୍ ଲିଜେଣ୍ଡସ୍ ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ଦେଶର ସବୁଠାରୁ ପ୍ରସିଦ୍ଧ କ୍ରିକେଟ୍ ମହୋତ୍ସବ, ଜିଓଷ୍ଟାର ଆଇପିଏଲ୍ ରେ ଲଂଚ ହୋଇଥିବା ଏହି ବ୍ରାଣ୍ଡ୍ ଖେଳର ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ କପିଲ ଦେବ, ସାର୍ ଭିଭିଆନ୍ ରିଚାର୍ଡସ୍ ଏବଂ ଅ'ର୍ଜାତୀୟ କ୍ରିକେଟ୍ର ଅଦୃଶ୍ୟ ସ୍ୱର ହର୍ଷ ଭୋଗଲେ ଙ୍କୁ ଶ୍ରଦ୍ଧାଳି ଅର୍ପଣ କରୁଛି । କ୍ରିକେଟ୍ ପ୍ରତି ଗଭୀର ଭାବରେ ଆଗ୍ରହୀ ଥିବା ଦେଶରେ ପିଟର ଇଂଲଣ୍ଡ ଏବଂ କ୍ରିକେଟ୍ କିମ୍ବଦ'ୀଙ୍କ ମଧ୍ୟରେ ଏହି ପ୍ରଥମ ସହଯୋଗ ଐତିହ୍ୟ, ଶୈଳୀ ଏବଂ ଜେଂଟଲମ୍ୟାନ୍ସ ଗେମ୍ ର ସ୍ଥାୟୀ ଆକର୍ଷଣର ଏକ ଉତ୍ସବକୁ ସୂଚାଉଛି ।

ପ୍ରଥମେ ୨୦୨୩ ରେ କ୍ରିକେଟର କାଳଜୟୀ ମନୋଭାବ ପ୍ରତି ଶ୍ରଦ୍ଧାଳି ଦେବା ପାଇଁ ଆରମ୍ଭ ହୋଇଥିବା ଦି ଜେଂଟଲମ୍ୟାନ୍ସ ଲିଗ୍ କେବଳ ଏକ ସଂଗ୍ରହ ଭାବରେ ନୁହେଁ, ବରଂ ଏକ ସାଂସ୍କୃତିକ ମୁହୂର୍ତ ଭାବରେ ଏକ ଉଚ୍ଚତର ଦୃଷ୍ଟିକୋଣ ସହିତ ଆପଣଙ୍କ ନିକଟକୁ ଫେରିଛି । ଲିଗ୍ ଅଫ୍ ଲିଜେଣ୍ଡସ୍ କ୍ୟାପସୁଲରେ ଏପରି ଗ୍ରାଫିକ୍ସ ପ୍ରିଂଟ ହୋଇଥିବା ପୋଲୋ ଏବଂ କ୍ରୁ ନେକ୍ ର ଆକର୍ଷଣୀୟ ରେ୍ ରହିଛି ଯାହା ଖେଳ ପଡ଼ିଆରେ କପିଲ ଦେବ ଏବଂ ସାର୍ ଭିଭିଆନ୍ ରିଚାର୍ଡସଙ୍କ ସବୁଠାରୁ ପ୍ରସିଦ୍ଧ ମୁହୂର୍ତଗୁଡ଼ିକ ଦ୍ୱାରା ପ୍ରେରିତ ।

## ତିରନ୍ଦାଜୀ ପ୍ରଶିକ୍ଷଣ ପାଇଁ ପୂର୍ବତନ ଅଲିମ୍ପିଆନ୍‌ଙ୍କ ସହ ବେଦାନ୍ତର ସହଭାଗିତା
# କଳାହାଣ୍ଡିର ୮୦ଜଣ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଦିଆଯିବ ତାଲିମ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ତୃଣମୂଳସ୍ତରର କ୍ରୀଡାକୁ ସୁଦୃଢ଼ କରିବା ଓ ଭବିଷ୍ୟତର ଚାମ୍ପିୟନମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କଳାହାଣ୍ଡି ଠାରେ ଏକ ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ପାଇଁ ପ୍ରସିଦ୍ଧ ଅଲିମ୍ପିଆନ୍ ତଥା ରାଜ୍ୟ ଗୋଷ୍ଠି ସ୍ୱର୍ଣ୍ଣ ପଦକ ବିଜେତା ରାହୁଲ ବାନାର୍ଜୀଙ୍କ ସହ ସହଭାଗିତା ଘୋଷଣା କରିଛି । ୮୦ଜଣ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବା ଏହା ଉଦ୍ଦେଶ୍ୟ । ରାହୁଲ ବାନାର୍ଜୀ ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡା ଏବଂ ଏସିଅ ଚାମ୍ପିୟନସିପ୍ ସମେତ ୫୦ରୁ ଅଧିକ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ସେ ହେଉଛନ୍ତି ପ୍ରଥମ ଭାରତ ତିରନ୍ଦାଜ୍ ଜିଏକି ରାଜ୍ୟଗୋଷ୍ଠୀ କ୍ରୀଡାରେ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ ଏବଂ ୨୦୦୯-୧୦ରେ ଏସିଅ ଗ୍ରାଣ୍ଡ ପ୍ରିକ୍ସ ହାସଲ କରିଛନ୍ତି । ୮ଥର ଜାତୀୟ ଚାମ୍ପିଅନ୍ ହୋଇଛନ୍ତି । ତାଙ୍କର ମାର୍ଗଦର୍ଶନ ତିରନ୍ଦାଜୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସୁଦୃଢ଼ କରିବ ଏବଂ କଳାହାଣ୍ଡିର ପ୍ରତିଭାବାନ୍



କ୍ରୀଡାବିତ୍‌ମାନଙ୍କ ପାଇଁ ପ୍ରେରଣା ଭାବେ କାର୍ଯ୍ୟ କରିବ ।

ସହଭାଗିତା ବିଷୟରେ ରାହୁଲ ବାନାର୍ଜୀ କହିଥିଲେ ଆଗାମୀ ପୀଢ଼ିର ତିରନ୍ଦାଜ୍‌ମାନଙ୍କୁ ଗଢ଼ିବାରେ ବେଦାନ୍ତ ସହିତ କାର୍ଯ୍ୟକରିବା ଏକ ସମ୍ମାନର ବିଷୟ । କଳାହାଣ୍ଡିରେ ଅସଂଖ୍ୟ ପ୍ରତିଭା ରହିଛନ୍ତି, ଏବଂ ଉପଯୁକ୍ତ ପ୍ରଶିକ୍ଷଣ, ଅଭିଜ୍ଞତା ଏହି ଯୁବକ୍ରୀଡାବିତ୍‌ମାନଙ୍କ ପାଖରେ ବିଶ୍ୱମଞ୍ଚରେ ଚମକିବାର କ୍ଷମତା ରହିଛି । ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜିବ କୁମାର କହିଛନ୍ତି ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁ ଯେ, କ୍ରୀଡା ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ହୋଇପାରେ । ରାହୁଲ ବାନାର୍ଜୀଙ୍କ ସହ ଆମର ଭାଗିଦାରୀ ଗୋଷ୍ଠୀଗତ ବିକାଶ ଏବଂ କ୍ରୀଡା ଉତ୍କର୍ଷତା ପ୍ରତି ଆମର ଗଭୀର ପ୍ରତିବଦ୍ଧତାର ପ୍ରତିଫଳନ ।

୨୦୧୮ରେ ଏହା ଆରମ୍ଭ ହେବା ଠାରୁ ବେଦାନ୍ତର କ୍ରୀଡା ପ୍ରଶିକ୍ଷଣ ପଦକ୍ଷେପ ଲାଞ୍ଜିଗଡରେ କଳାହାଣ୍ଡି ଆଦିବାସୀ ସଂପ୍ରଦାୟର କ୍ରୀଡା ପ୍ରତିଭା ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟକ୍ରମ ତିରନ୍ଦାଜୀ ଏବଂ ଅନ୍ୟାନ୍ୟ କ୍ରୀଡାରେ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଯେଉଁଥିରେ ଗୁଣାତ୍ମକ ତାଲିମ ଉପକରଣ, ୟୁନିଫର୍ମ ଏବଂ ବିଶେଷଜ୍ଞଙ୍କ ଦ୍ୱାରା କୋଚିଂ ଶିବିରର ସୁବିଧା ରହିଛି । ଆଜିପର୍ଯ୍ୟନ୍ତ ଏହି ଯୋଜନାରେ ୧୦୦ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ତାଲିମ ଦିଆଯାଇଥିବାବେଳେ ୪୦ରୁ ଅଧିକ ପଦକ କେବଳ ଗତବର୍ଷ ରାଜ୍ୟ ଓ ଜାତୀୟ ଚାମ୍ପିୟନସିପ୍‌ରେ ଏମାନେ ଜିତିଥିଲେ ।

## ପହଲଗାମ ମୃତକଙ୍କ ପାଇଁ ଶୋକ ସଭା

କଟକ(ସବ୍ୟୁ): ଗତ ୨୨ ତାରିଖରେ କାଶ୍ମୀରର ପହଲଗାମ ରେ ଘଟିଥିବା ହୃଦୟ ବିଦାରକ ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୂଆବଜାର ସ୍ଥିତ ଜାଭିୟର୍ସ ସିନିୟର ସେକେଣ୍ଡରୀ ଇଂରାଜୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଶୋକସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ତ୍ରିପାଠୀ , ଉପାଧ୍ୟକ୍ଷ ଦେବାନନ୍ଦ ପାଢୀ ତଥା ସମସ୍ତ ଶିକ୍ଷକ - ଶିକ୍ଷୟତ୍ରୀ ଉପସ୍ଥିତ ରହି ସ୍ୱର୍ଗତ



ଆତ୍ମାର ସ୍ୱର୍ଗବାସ ନିମନ୍ତେ ନୀରବ ପ୍ରର୍ଥନା କରି ଜ୍ୱଳନ୍ତ ମହମବତୀ ମାଧ୍ୟମରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଗଭୀର ଶୋକ ପ୍ରକାଶ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ତ୍ରିପାଠୀ ମାନବତା ଓ ସମ୍ବେଦନତା ସମସ୍ତ ବ୍ୟକ୍ତିମାନଙ୍କ ଚେତନାର ଆଧାର ହେବା ଉଚିତ୍ ବୋଲି ଆଶାପୋଷଣ କରିଥିଲେ । ଏଥିରେ ଆଠଗଡ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମରାଜ ପାତ୍ର ଯୋଗଦେଇ ମୃତ ବ୍ୟକ୍ତିମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା ପରିବା ସଙ୍ଗେ ସଙ୍ଗେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଈଶ୍ୱର ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି କାମନା କରିଥିଲେ ।

## ଚେତାବନୀ ଦେଇଥିଲା ଗୁଇନ୍ଦା ସଂସ୍ଥା

ନୂଆଦିଲ୍ଲୀ: କାଶ୍ମୀରର ପହଲଗାମରେ ମଙ୍ଗଳବାର ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଘୃଣ୍ୟ ଓ ବର୍ବର ଆକ୍ରମଣ ପୂରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି । ହିନ୍ଦୁ ପର୍ଯ୍ୟଟକଙ୍କୁ ଟାର୍ଗେଟ୍ କରି ଏଭଳି ଆକ୍ରମଣ ଜମ୍ମୁ-କାଶ୍ମୀର ବାସିନ୍ଦାଙ୍କୁ ମର୍ମାହତ କରିଥିବା ବେଳେ ବିଶ୍ୱ ନେତାମାନେ ଆତଙ୍କବାଦ ବିରୋଧରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି । ମାର୍ଚ୍ଚ ୧୦ରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ଜମ୍ମୁରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହାର ଏକ ମାସ ପରେ ଏପ୍ରିଲ ୬ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶ୍ରୀନଗରରେ ୟୁନିଫାଇଡ୍ କମାଣ୍ଡର ଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସେତେବେଳେ ଉଭୟ ବେଠକରେ ଜମ୍ମୁ-କାଶ୍ମୀରରେ 'ଗରମ ଗ୍ରୀଷ୍ମ' ପାଇଁ ପାକିସ୍ତାନ ପ୍ରସ୍ତୁତି କରୁଛି ବୋଲି ଗୁଇନ୍ଦା ଏଜେନ୍ସି ପକ୍ଷରୁ ଚେତାବନୀ ଦିଆଯାଇଥିଲା । ମଙ୍ଗଳବାର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଏଜେନ୍ସିଗୁଡ଼ିକର ସବୁଠାରୁ ଖରାପ ଆଶଙ୍କା ସତ ହୋଇଛି ।



# ଆତଙ୍କବାଦକୁ ବିନା ଦଣ୍ଡରେ ଛଡ଼ା ଯିବନି

## ୧୪୦ କୋଟି ଭାରତୀୟଙ୍କ ଇଚ୍ଛାଶକ୍ତି ଷଡ଼ଯନ୍ତ୍ରକାରୀଙ୍କ ମେରୁଦଣ୍ଡ ଭାଙ୍ଗିବ: ପ୍ରଧାନମନ୍ତ୍ରୀ



ପାଟନା:ଆତଙ୍କବାଦକୁ ବିନା ଦଣ୍ଡରେ ଛଡ଼ାଯିବ ନାହିଁ । ନ୍ୟାୟ ପାଇଁ ସବୁ ପ୍ରକାର ପ୍ରୟାସ କରାଯିବ, ଏହି ସଂକଳ୍ପରେ ସମଗ୍ର ଦେଶ ଦୃଢ଼ । ୧୪୦ କୋଟି ଭାରତୀୟଙ୍କ ଇଚ୍ଛାଶକ୍ତି ଏବେ ଆତଙ୍କବାଦର ଷଡ଼ଯନ୍ତ୍ରକାରୀଙ୍କ ମେରୁଦଣ୍ଡ ଭାଙ୍ଗିବ। ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ମଧୁବନିଠାରେ ଏଭଳି ଦୃଢୋକ୍ତି ପ୍ରକାଶ କରିଛନ୍ତି । ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କ ପାଇଁ ଏକ ମିନିଟ୍ ନୀରବତା ଅବଲମ୍ବନ କରିବା ସହ ଦିବଂଗତ ଆତ୍ମାମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ନିବେଦନ କରିଥିଲେ ।

ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ନିର୍ଦ୍ଦୋଷ ସାଧାରଣ ନାଗରିକଙ୍କୁ ନିର୍ମମ ହତ୍ୟା ଉପରେ ଗଭୀର ଦୁଃଖ ପ୍ରକାଶ କରି ଶ୍ରୀ ମୋଦୀ କହିଛନ୍ତି ଯେ ସମଗ୍ର ଦେଶ ଦୁଃଖିତ ଏବଂ ଶୋକସନ୍ତପ୍ତ ପରିବାର ସହିତ ଏକସଙ୍ଗରେ ଠିଆ ହୋଇଛି । ଚିକିତ୍ସାଧୀନ ଲୋକଙ୍କ ଶୀଘ୍ର ଆରୋଗ୍ୟ ପାଇଁ ସରକାର ସମସ୍ତ ପ୍ରକାରର ପ୍ରୟାସ କରୁଛନ୍ତି ବୋଲି ସେ ଆଶ୍ୱାସନା ଦେଇଛନ୍ତି । ଏହି ଆକ୍ରମଣ ଯୋଗୁଁ ପରିବାରଗୁଡ଼ିକ ବିରାଟ କ୍ଷତି ସହିଛନ୍ତି, ଲୋକେ ସେମାନଙ୍କର ପୁଅ, ଭାଇ କିମ୍ବା ଜୀବନସାଥୀଙ୍କୁ ହରାଇଛନ୍ତି ବୋଲି ସେ କହିଥିଲେ । ସେ କହିଥିଲେ ଯେ ପୀଡିତମାନେ ବିଭିନ୍ନ ଭାଷାଗତ ଏବଂ ଆଞ୍ଚଳିକ ପୃଷ୍ଠଭୂମିର ଥିଲେ – କେତେକ ବଙ୍ଗାଳୀ, କନ୍ନଡ, ମରାଠୀ, ଓଡ଼ିଆ, ଗୁଜରାଟୀ କହୁଥିଲେ ଏବଂ କେତେକ ବିହାରର ଥିଲେ । ଏହି ଆକ୍ରମଣକୁ ନେଇ କାରଗିଲରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସାରା ଦେଶରେ ସମାନ ଦୁଃଖ ଏବଂ କ୍ରୋଧ ଥିଲା ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ ଯେ ଏହା କେବଳ ନିରସ୍ତ୍ର ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଆତ୍ମା ଉପରେ ଏକ ସ୍ପଷ୍ଟ ଆକ୍ରମଣ । ସେ ସ୍ପଷ୍ଟ ଶବ୍ଦରେ ଘୋଷଣା କରିଥିଲେ, ଏହି ଆକ୍ରମଣ ପାଇଁ ଦାୟୀ ଆତଙ୍କବାଦୀ ଏବଂ ଯେଉଁମାନେ ଏହାକୁ ଷଡଯନ୍ତ୍ର କରିଥିଲେ ସେମାନଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ । ସେ ଜୋର ଦେଇ କହିଥିଲେ ଯେ ଆତଙ୍କବାଦର ଅବଶିଷ୍ଟ ଗଡ଼ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବାର ସମୟ ଆସିଯାଇଛ । ସେ ଜୋର ଦେଇ କହିଥିଲେ, ୧୪୦ କୋଟି ଭାରତୀୟଙ୍କ ଇଚ୍ଛାଶକ୍ତି ଏବେ ଆତଙ୍କବାଦର ପ୍ରାୟୋଜକମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେବ ।

ବିହାର ମାଟିରୁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଭାରତ ପ୍ରତ୍ୟେକ ଆତଙ୍କବାଦୀ, ତାଙ୍କ ମାଲିକ ଏବଂ ତାଙ୍କ ସମର୍ଥକଙ୍କୁ ଚିହ୍ନଟ କରିବ, ସେମାନଙ୍କୁ ଖୋଜିବଏବଂ ଦଣ୍ଡ ଦେବ । ଭାରତ ସେମାନଙ୍କୁ ପୃଥିବୀର ପ୍ରତ୍ୟେକ କୋଣରୁ ଖୋଜି ବାହାର କରିବ । ସେ ଦୃଢ଼ତାର ସହିତ କହିଥିଲେ, ଆତଙ୍କବାଦ ଦ୍ୱାରା ଭାରତର ଆତ୍ମା କେବେ ନଇଁବ ନାହିଁ ଏବଂ ଆତଙ୍କବାଦକୁ ଦଣ୍ଡ ଦିଆଯିବ । ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରାଯିବ ଏବଂ ସମଗ୍ର ଦେଶ ଆତଙ୍କବାଦ ବିରୁଦ୍ଧରେ ଏହି ସଂକଳ୍ପରେ ଦୃଢ଼ଭାବେ ଛିଡ଼ା ହୋଇଛି । ସେ ଏହା ମଧ୍ୟ କହିଥିଲେ ଯେ ମାନବତାରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏହି କଷ୍ଟକର ସମୟରେ ଭାରତ ସହିତ ଠିଆ ହୋଇଛନ୍ତି । ଏହି କଷ୍ଟକର ସମୟରେ ଭାରତକୁ ସମର୍ଥନ କରିଥିବା ବିଭିନ୍ନ ଦେଶର ଲୋକ ଏବଂ ନେତାଙ୍କ ପ୍ରତି ସେ କୃତଜ୍ଞତା ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ଜିତନ ରାମ ମଞ୍ଜି, ଗିରିରାଜ ସିଂହ, ଚିରାଗ ପାସୱାନ, ନିତ୍ୟାନନ୍ଦ ରାୟ, ରାମନାଥ ଠାକୁର, ଡ. ରାଜଭୂଷଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରକ୍ତ ଛିଟା ପୋଷାକ ପିନ୍ଧି ବାପାଙ୍କ ଶବକୁ ଝିଅ ଦେଲେ କାନ୍ଧ

ପୁଣେ: ପହଲଗାମ ଆତଙ୍କବାଦୀଙ୍କ ଆକ୍ରମଣରେ ପୁଣେ ନିବାସୀ ସନ୍ତୋଷ ଜଗଦାଲେଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ତାଙ୍କ ଝିଅ ଅସାବରୀ ଏବଂ ପତ୍ନୀ ସୌଭାଗ୍ୟବଶତଃ ବଞ୍ଚି ଯାଇଛନ୍ତି । ମୃତ ସନ୍ତୋଷଙ୍କ ୨୬ ବର୍ଷୀୟା କନ୍ୟା ଅସାବରୀ ଜଣେ ମାନବ ସମ୍ବଳ ବିଶେଷଜ୍ଞ ଭାବେ କାମ କରନ୍ତି । ସେ ତାଙ୍କ ପିତାଙ୍କ ଶବଯାତ୍ରା ସମୟରେ ଜଗଦାଲେଙ୍କ ଶବକୁ କାନ୍ଧ ଦେଇଥିଲେ । ଏହି ସମୟରେ ଅସାବରୀ ଆତଙ୍କବାଦୀ ଆକ୍ରମଣ କରିଥିବା ବେଳେ ରକ୍ତଛିଟା ପଡ଼ିଥିବା ପୋଷାକକୁ ପିନ୍ଧି ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ । ଜଗଦାଲେଙ୍କ ଶେଷକୃତ୍ୟରେ ସାମିଲ ହୋଇଥିବା ଲୋକମାନେ ପାକିସ୍ତାନ ବିରୋଧରେ ସ୍ଲୋଗାନ ଦେଇଥିଲେ । ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟିର ମୁଖ୍ୟ ଶରଦ ପାୱାର ଜଗଦାସଲେଙ୍କ ଘରକୁ ଯାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।



## ପାକିସ୍ତାନର 'ଏକ୍ସ' ଆକାଉଣ୍ଟ ବନ୍ଦ

ନୂଆଦିଲ୍ଲୀ: ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଭାରତୀଙ୍କର ମୃତ୍ୟୁ ହେବା ପରେ ଭାରତ ପାକିସ୍ତାନ ମଧ୍ୟରେ ଗଣ୍ଡଗୋଳ ପୁଣି ତୀବ୍ର ହୋଇଛି । ପାକିସ୍ତାନ ସରକାରର ସରକାରୀ 'ଏକ୍ସ' ଆକାଉଣ୍ଟକୁ ଭାରତରେ ଏବେ ବନ୍ଦ୍ କରାଯାଇଛି । ଏହି ପଦକ୍ଷେପ ନୂଆଦିଲ୍ଲୀ ଦଶନ୍ଧି ପୁରୁଣା ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ଏବଂ ବରିଷ୍ଠ ପାକିସ୍ତାନୀ କୂଟନୈତିକ କର୍ମଚାରୀଙ୍କୁ ବହିଷ୍କାର କରିବା ସମେତ କଠୋର ପ୍ରତିଶୋଧମୂଳକ ପଦକ୍ଷେପ ଘୋଷଣା କରିବା ପରେ ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ସୁରକ୍ଷା କମିଟି (ସିସିଏସ୍) ଏପ୍ରିଲ ୨୩ରେ ପହଲଗାମରେ ହୋଇଥିବା ଆକ୍ରମଣର ଭାରତର ପ୍ରତିକ୍ରିୟା ନିର୍ଣ୍ଣୟ କରିବା ପାଇଁ ବେଠକ କରିଥିଲା । ସିସିଏସ୍ ପାକିସ୍ତାନ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂକଳ୍ପ ନେଇଛି । ପହଲଗାମ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଅତି କଠୋର ପଦକ୍ଷେପ ଗ୍ରହଣ କରିଛି । ଦୁଇ ଦେଶ ମଧ୍ୟରେ ନେହେରୁ ସରକାରଙ୍କ ସମୟରେ ସ୍ୱାକ୍ଷରିତ ସିନ୍ଧୁଜଳ ଚୁକ୍ତିକୁ ରଦ୍ଦ କରାଯାଇଛି । ଏହା ସହିତ ୱାଘା-ଅଟାରୀ ସୀମାକୁ ବନ୍ଦ କରିଦିଆଯାଇଛି । ବୁଧବାର ସଂଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ସୁରକ୍ଷା ସଂପର୍କିତ କ୍ୟାବିନେଟ୍ କମିଟି (ସିସିଏସ) ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ବୈଠକ ପରେ କେନ୍ଦ୍ର ବୈଦେଶିକ ସଚିବ ବିକ୍ରମ ମିସ୍ରି ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସିସିଏସ ବୈଠକରେ ନିଆଯାଇଥିବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନଙ୍କର ଭିସା ବାତିଲ କରାଯାଇଛି ।

## ଉଧମପୁରରେ ଜଣେ ଯବାନ ସହିଦ

ଉଧମପୁର: ଗୁରୁବାର ଦିନ ଜମ୍ମୁ ଓ କାଶ୍ମୀରର ଉଧମପୁର ଜିଲ୍ଲାରେ ଜଣେ ସୈନିକ ସହିଦ ହୋଇଛନ୍ତି । ଜିଲ୍ଲାରେ ସୁରକ୍ଷା ବାହିନୀ ଲୁଚି ରହିଥିବା ଆତଙ୍କବାଦୀଙ୍କ ସହ ଯୋଗାଯୋଗ କରିବା ପରେ ଗୁଳି ବିନିମୟ ହୋଇଥିଲା ଓ ଫଳରେ ସେନିକଙ୍କ ମୃତ୍ୟୁ ଘଟିଥିଲା । ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୁଇ ଦିନ ପରେ ଏହି ଘଟଣା ଘଟିଛି । ସେନାର ହ୍ୱାଇଟ୍ ନାଇଟ୍ କର୍ପସ ଅନୁଯାୟୀ, ଗୁଳି ବିନିମୟ ସମୟରେ ସୈନିକ ଗୁରୁତର ଆହତ ହୋଇଥିଲେ ଏବଂ ପରେ ମୃତ୍ୟୁବରଣ କରିଥିଲେ । ନିର୍ଦ୍ଦିଷ୍ଟ ଗୁପ୍ତ ସୂଚନା ଆଧାରରେ, ଆଜି ଉଧମପୁରର ବସନ୍ତଗଡ଼ରେ ଜମ୍ମୁ ଓ କଶ୍ମୀର ପୁଲିସ ଏକ ମିଳିତ ଅଭିଯାନ ଆରମ୍ଭ କରାଯାଇଥିଲା । ଯୋଗାଯୋଗ ସ୍ଥାପନ ହୋଇଥିଲା ଏବଂ ଏକ ଭୟଙ୍କର ଗୁଳି ବିନିମୟ ହୋଇଥିଲା । ପ୍ରାରମ୍ଭିକ ବିନିମୟରେ ଆମର ଜଣେ ସାହସୀ ସୈନିକ ଗୁରୁତର ଆହତ ହୋଇଥିଲେ ଏବଂ ପରେ ସର୍ବୋତ୍ତମ ଚିକିତ୍ସା ପ୍ରୟାସ ସତ୍ତ୍ୱେ ସେ ସହିଦ ହୋଇଛନ୍ତି । ଅପରେସନ ଏବେ ବି ଜାରି ରହିଛି, ବୋଲି ଭାରତୀୟ ସେନାର ହ୍ୱାଇଟ୍ ନାଇଟ୍ କର୍ପସ ପକ୍ଷରୁ 'ଏକ୍ସ'ରେ ପୋଷ୍ଟ ହୋଇଛିଛ ପୂର୍ବରୁ, ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପହଲଗାମରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ଆକ୍ରମଣ ପଛରେ ତିନି ଜଣ ସନ୍ଦିଗ୍ଧ ଆତଙ୍କବାଦୀ ଆସିଫ ଫୁଜି, ସୁଲେମାନ ଶାହ ଏବଂ ଆବୁ ତଲହାଙ୍କ ସ୍କେଚ୍ ଜାରି କରିଥିଲେ । ପାଇନ ଜଙ୍ଗଲରୁ ବାହାରି ବୈସାରନ ତୃଣମୂଳରେ ସନ୍ଦେହଜନକ ପର୍ଯ୍ୟଟକଙ୍କ ଉପରେ ସେମାନଙ୍କର ଏକେ-୪୭ ସହିତ ଗୁଳି ଚଳାଇଥିବା ପାଞ୍ଚରୁ ଛଅ ଜଣ ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ଏକ ବଡ଼ଧରଣର ତଲାସ ଆରମ୍ଭ ହୋଇଛି ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଶାହା-ଜୟଶଙ୍କର



ନୂଆଦିଲ୍ଲୀ: ରାଷ୍ଟ୍ରପତିଙ୍କୁ ଭେଟିଲେ ଶାହା । ରାଷ୍ଟ୍ରପତି ଭବନରେ ମହାମହିମ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ରାଷ୍ଟ୍ରପତିଙ୍କୁ ଭେଟିଲେ ବି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ।

ସର୍ବଦଳୀୟ ବୈଠକ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଭେଟି ପହଲଗାମ୍ ହମଲା ବାବଦରେ ଅବଗତ କଲେ ଦୁଇ ମନ୍ତ୍ରୀ । ତେବେ ଦୁଇ ମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ହଠାତ ଭେଟିବାକୁ ନେଇ ଅନେକ କଳ୍ପନା ଜଳ୍ପନା କରାଯାଉଛି । ଆଗକୁ ପାକିସ୍ତାନ ବିରୋଧରେ ଏବଂ ଆତଙ୍କବାଦ ବିରୋଧରେ ବଡ ଆକ୍ସନ ନିଆଯାଇପାରେ ବୋଲି ଅନୁମାନ କରାଯାଉଛି । ହୁଏତ ପହେଲଗାମ୍ ପ୍ରତିଶୋଧ ପାଇଁ କିଛି ଅନୁମତି ନେବାକୁ ରାଷ୍ଟ୍ରପତିଙ୍କୁ ଶାହ ଓ ଜୟଶଙ୍କର ଭେଟିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

## ମାଷ୍ଟର ମାଇଣ୍ଡ ଆଦିଲକୁ ଖୋଜା ଚାଲିଛି


ଶ୍ରୀନଗର : ଜମ୍ମୁ ଏବଂ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ଜଣେ ସ୍ଥାନୀୟ ଆତଙ୍କବାଦୀ ପହଲଗାମରେ ଅଧିକାଂଶ ହିନ୍ଦୁ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଘାତକ ଆକ୍ରମଣ ପାଇଁ ଦାୟୀ ଆକ୍ରମଣକାରୀଙ୍କୁ ଗାଇଡ୍ କରିଥିବା ଜଣାପଡ଼ିଛି । ସ୍ଥାନୀୟ ବାସିନ୍ଦା ଆଦିଲ ଆକ୍ରମଣକାରୀଙ୍କୁ ବାଟ କଢ଼ାଇ ନେଉଥିଲା । ସେ ପାକିସ୍ତାନରେ ଆତଙ୍କବାଦୀ ତାଲିମ ପାଇଥିଲା ।



ସୂତ୍ର ଅନୁଯାୟୀ, ଆଦିଲ ଗୁରି ପହଲଗାମର ବୈସାରଣ ଅଞ୍ଚଳକୁ ଭଲ ଭାବରେ ଜାଣିଥିଲା । ଏହା ଘନ ପାଇନ୍ ଜଙ୍ଗଲ ଦ୍ୱାରା ଘେରି ରହିଥିବା ଏକ ସୁନ୍ଦର ସ୍ଥାନ ଓ ତୃଣଭୂମି ଅଞ୍ଚଳ । ଏଠାକାର ମନୋରମ ପରିବେଶ ଉପଭୋଗ କରିବାକୁ ପର୍ଯ୍ୟଟକମାନଙ୍କର ଭିଡ଼ ଜମିଥାଏ । ଏହାର ସୁଯୋଗ ନେଇ ଆଦିଲ ଆତଙ୍କବାଦୀମାନଙ୍କୁ ଆକ୍ରମଣ ଯୋଜନା କରିବାରେ ସାହାଯ୍ୟ କରିଥିଲା । ଆଦିଲ ସେମାନଙ୍କୁ ଏକ ଆଡ୍ଡା ଖୋଜିବା, ଦିନଦିନ ଧରି ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ଏବଂ ଆକ୍ରମଣ ଶୈଳୀ ଓ ସମୟ ଚୂଡ଼ାନ୍ତ କରିବା ସହିତ ଆକ୍ରମଣ ପରେ ଖସିଯିବାର ରାସ୍ତା ଦେଖାଇଥିଲା ଆଦିଲ । ଆଦିଲ ୨୦୧୮ରେ ଅଟାରୀ-ୱାଘା ସ୍ଥଳ ସୀମା ଦେଇ ଆଇନଗତ ଭାବରେ ପାକିସ୍ତାନ ଯାତ୍ରା କରିଥିଲା । ସେ ଗତ ବର୍ଷ ପାକିସ୍ତାନରେ ତାଲିମ ପାଇବା ପରେ ଜମ୍ମୁ ଏବଂ କାଶ୍ମୀରରେ ଅନୁପ୍ରବେଶ କରିଥିଲା ।

## ପହଲଗାମ ହମ୍ଲା : ସିଡବ୍ଲ୍ୟୁସି ବୈଠକରେ ଉଦ୍‌ବେଗ

ନୂଆଦିଲ୍ଲୀ: ପହଲଗାମ ଘଟଣା ପରେ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରିତ ସଂସ୍ଥା କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁସି)ର ଜରୁରୀ ବୈଠକ ଆଜି ଅନୁଷ୍ଠିତ ହୋଇଛି । ବୈଠକରେ ବିଭାଜିତ ରାଜନୀତି ନକରିବା ସହ ସାମୁହିକ ସଂକଳ୍ପ ନେଇ ଏପ୍ରସଙ୍ଗରେ ଆଗେଇବା ଲାଗି ନିଷ୍ପତ୍ତି ହୋଇଛି । ତେବେ ବୈଠକରେ ଅଧିକାଂଶ ନେତା ସୁରକ୍ଷା ଓ ଗୁଇନ୍ଦାର ବିଫଳତା ପ୍ରସଙ୍ଗ ଉଠାଇଥିଲେ । ଏହାଛଡା ବିଜେପି ପକ୍ଷରୁ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଯେଉଁଭଳି ଭାବରେ ଘଟଣାକୁ ନେଇ ମତାନ୍ତର ଓ ବିଭାଜନ କରାଯାଉଛି ସେ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ତେବେ ଦଳ ପକ୍ଷରୁ ସରକାରଙ୍କ ସମସ୍ତ କୂଟନୈତିକ ପ୍ରୟାସକୁ ସମର୍ଥନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଡାକିବା ପାଇଁ ଦାବି କରାଯାଇଥିଲା ।




ସୂତ୍ରରୁ ଜଣାପଡିଛି ଯେ କଂଗ୍ରେସ ସଭାପତି ମଲିକାର୍ଜୁନ ଖଡଗେ ସର୍ବସମ୍ମତି ଭାବେ ସର୍ବଦଳୀୟ ବୈଠକରେ ଯୋଗଦେବା ଲାଗି ପ୍ରସ୍ତାବ ଦେଇଥିଲେ । ସିଡବ୍ଲ୍ୟୁସି ମଧ୍ୟ ଏଥିରେ ମୋହର ଲଗାଇଥିଲା । ଆମେରିକାଗସ୍ତରେ ଥିବା ରାହୁଲ ଗାନ୍ଧି ତାଙ୍କ ଗସ୍ତ କାନଛାଣ୍ଡ କରି ଭାରତ ଫେରି ଆସିଛନ୍ତି । ସେ ମଧ୍ୟ ସିଡବ୍ଲ୍ୟୁ ସି ବୈଠକରେ ଉପସ୍ଥିତ ଥିଲେ । ଏଆଇସିସି ଅଧ୍ୟକ୍ଷ ଅଜୟ ମାର୍କନ କହିଥିଲେ ଯେ ବିରୋଧୀ ଦଳ ନେତା ଏହି ବୈଠକକୁ ଯିବା ଆବଶ୍ୟକ । ଅବିଶେକ ସିଂ ବି ମତ ରଖିଥିଲେ ଯଦି ପ୍ରଧାନମନ୍ତ୍ରୀ ରହୁଛନ୍ତି ତାହେଲେ ବିରୋଧୀ ଦଳ ନେତା ଯିବା ଆବଶ୍ୟକ । ତେବେ ଖଡଗେ କହିଥିଲେ ଯେ ଏ ସମୟ ନୁହେଁ ବିଭାଜିତ ରାଜନୀତିର । ବର୍ତ୍ତମାନର ମୁହୂର୍ତ୍ତ ହେଉଛି ଯେଉଁମାନେ ଆତଙ୍କ ଆକ୍ରମଣରେ ମୃତ୍ୟୁ ବରଣ କରିଛନ୍ତି ସେମାନଙ୍କୁ ନ୍ୟାୟ ଦେବା ଦରକାର । ଅଧିକାଂଶ ନେତା ମଧ୍ୟ ସୁରକ୍ଷା ଓ ଗୁଇନ୍ଦା ପ୍ରସଙ୍ଗକୁ ଉଠାଇଥିଲେ । ତେବେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ହୋଇଥିଲା ପହଲଗାମ ଉଚ୍ଚ ସୁରକ୍ଷା ଅଞ୍ଚଳ ଭାବେ ଜଣାଶୁଣା । ଏଠାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି । ଗୁଇନ୍ଦା ବିଫଳତା ଓ ସୁରକ୍ଷା ଅବହେଳାକୁ ମଧ୍ୟ ଆଲୋଚନା କରାଯିବା ଦରକାର । ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମୀକ୍ଷାରେ ଏହା ସ୍ଥାନ ପାଇବା ଉଚିତ । ସିଡବ୍ଲ୍ୟୁସି ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା ଯେ ଏଭଳି ଭୀରୁ, ଯୋଜନାବଦ୍ଧ ଆତଙ୍କବାଦ ଯାହାର ମାଷ୍ଟରମାଇଣ୍ଡ ପାକିସ୍ତାନ ରହିଛି ତାହା ସିଧାସଳଖ ଆମ ଗଣତନ୍ତ୍ର ମୂଲ୍ୟବୋଧ ଉପରେ ଆକ୍ରମଣ କରିଛି । ଜାଣିଶୁଣି ହିନ୍ଦୁମାନଙ୍କୁ ଟାର୍ଗେଟ୍ କରାଯାଇଛି । ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମିଳିତ ଭାବେ ଏହାକୁ ସମୁଖୀନ ହେବା ଦରକାର । ପହଲଗାମ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ବୈଠକରେ ନୀରବ ପ୍ରାର୍ଥନା କରାଯାଇଥିଲା । ସୀମାପାର ଆତଙ୍କବାଦର ଦୀର୍ଘ ସ୍ଥାୟୀ ସମାଧାନ ଓ ଏକତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଗକୁ ଆସିଥିବା ଅମରନାଥ ଯାତ୍ରା ପାଇଁ ସୁରକ୍ଷା କରିବାକୁ କୁହାଯାଇଥିଲା ।

## ପାକ୍ କୁଟନୀତିଜ୍ଞଙ୍କୁ ସମନ

ପହଲଗାମ: ପହଲଗାମ୍ ଆକ୍ରମଣ ପରେ ଗତକାଲି ବିଳମ୍ବିତ ରାତିରେ ପାକିସ୍ତାନର ସର୍ବୋଚ୍ଚ କୂଟନୀତିଜ୍ଞ ସାଦ ଅହମଦ ୱାରାଇଚଙ୍କୁ ନୂଆଦିଲ୍ଲୀରେ ସମନ କରିଛି ଭାରତ । ଏହାସହିତ ସମସ୍ତ ପାକିସ୍ତାନୀ ସାମରିକ କୂଟନୀତିଜ୍ଞଙ୍କୁ ଏକ ନୋଟ୍ ହସ୍ତାନ୍ତର କରାଯାଇଥିଲା ବୋଲି ସୂତ୍ରଗୁଡ଼ିକ ନିଶ୍ଚିତ କରିଛନ୍ତି । ପହଲଗାମରେ ହୋଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣ ପରେ ଭାରତର କଠୋର କୂଟନୀତିକ ପ୍ରତିଶୋଧ, ଯେଉଁଥିରେ ୨୫ ଜଣ ଭାରତୀୟ ଏବଂ ଜଣେ ନେପାଳୀ ନାଗରିକଙ୍କ ସମେତ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା । ପହଲଗାମ ଆକ୍ରମଣ ପରେ ଭାରତ ଦ୍ୱାରା ନିଆଯାଇଥିବା ସବୁଠାରୁ ପରିଣାମ ସ୍ୱରୁପ ପଦକ୍ଷେପ ମଧ୍ୟରୁ ଗୋଟିଏ ଭାବରେ ନୂଆଦିଲ୍ଲୀରେ ପାକିସ୍ତାନର ଉଚ୍ଚାୟୋଗକୁ ବାଧ୍ୟତାମୂଳକ ଭାବରେ ହ୍ରାସ କରାଯିବା । ଯେଉଁଥିରେ ସମସ୍ତ ପାକିସ୍ତାନୀ ପ୍ରତିରକ୍ଷା, ନୌସେନା ଏବଂ ବାୟୁ ପରାମର୍ଶଦାତାଙ୍କୁ ବହିଷ୍କାର କରାଯାଇଥିଲା । ସେମାନଙ୍କୁ ବାହାରକୁ ଯିବା ପାଇଁ ଗୋଟିଏ ସପ୍ତାହ ସମୟ ଦିଆଯାଇଛି ।

ମଙ୍ଗଳବାର କାଶ୍ମୀରର ପହଲଗାମରେ ଘଟିଥିବା ଲୋମହର୍ଷକ ଆତଙ୍କବାଦୀ ଆକ୍ରମଣରେ ଅନେକ ନିରୀହ ଲୋକଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଆକ୍ରମଣ ସ୍ଥଳର ସୁରକ୍ଷା ସ୍ଥିତିର ସମୀକ୍ଷା କରିଛନ୍ତି । ଏହା ସହିତ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ)ର ଏକ ଟିମ୍ ଘଟଣାସ୍ଥଳରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛନ୍ତି । ଫରେନ୍ସିକ ଟିମ୍ ମଧ୍ୟ ବିଭିନ୍ନ ନମୁନା ସଂଗ୍ରହ କରିଛି । ଜମ୍ମୁ-କାଶ୍ମୀର ପୁଲିସକୁ ମଧ୍ୟ ଏହି ମାମଲାରେ ଏନ୍ଆଇଏର ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ସହାୟତା କରୁଛି । ଜଣେ ଡେପୁଟି ଇନ୍ସପେକ୍ଟର ଜେନେରାଲ ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ଏନ୍ଆଇଏ ଟିମ୍ ବୈସାରଣ ଗସ୍ତ କରିଥିଲେ ।

## ଭାଙ୍ଗିଗଲା ପାକ୍ ଅଭିନେତ୍ରୀଙ୍କ ସ୍ୱପ୍ନ



ନୂଆଦିଲ୍ଲୀ: ଗତ ମଙ୍ଗଳବାର କଶ୍ମୀର ଉପତ୍ୟକାରେ ଆତଙ୍କବାଦୀଙ୍କ ବର୍ବର ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାକୁ ନେଇ ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି । ଆତଙ୍କବାଦୀଙ୍କ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ ଏବଂ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତ ବଦ୍ଧପରିକର ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି । ଏହି ଆକ୍ରମଣ ଘଟଣାକୁ ନେଇ କଳାକାରମାନେ ବି ନିଜନିଜର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଉରି ଆକ୍ରମଣ ପର ଠାରୁ ଭାରତରେ ପାକିସ୍ତାନ କଳାକାରଙ୍କୁ ନେଇ ପ୍ରତିବନ୍ଧକ ଲାଗୁ କରାଯାଇଛି । ସମୟ ବଢ଼ିବା ସହିତ ଏହି ପ୍ରତିବନ୍ଧକ ସାମାନ୍ୟ କୋହଳ ହୋଇ ଆସୁଥିଲା ।

ଏଭଳି ସମୟରେ କଶ୍ମୀର ଉପତ୍ୟକାରେ ଆତଙ୍କବାଦୀଙ୍କ ବର୍ବର ଆକ୍ରମଣ ପରେ ଅଭିନେତା ଫୱାଦ ଖାନ ଓ ବାଣୀ କପୁରଙ୍କ ବିଦେଶରେ ସୁଟିଂ ହୋଇଥିବା ସିନେମା 'ଅବୀର ଗୁଲାଲ'ର ରିଲିଜକୁ ଅଟକାଇ ଦିଆଯାଇଛି । କିଛିଦିନ ହେବ ପାକିସ୍ତାନର ଲୋକପ୍ରିୟ ଅଭିନେତ୍ରୀର ହାନିଆ ଆମୀର ହିନ୍ଦୀ ସିନେମା ଜଗତରେ କାମ କରିବେ ବୋଲି ଚର୍ଚ୍ଚା ହେଉଥିଲା । ହାନିଆ ବି ଏହାକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ । ତେବେ ପାଲଗାମ ଉପତ୍ୟକାରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ କିଛି ପ୍ରତିବନ୍ଧକ ଲାଗୁ କରଯାଇଛି । ଏହି କାରଣରୁ ହାନିଆ ରଖିଥିବା ଅନେକ ସ୍ୱପ୍ନ ଭାଙ୍ଗି ଯାଇଥିବା କୁହାଯାଉଛି ।

## ଭିସା ବାତିଲ୍, ଚିନ୍ତାରେ ସୀମା ହାଇଦର



ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରି ଦେଶରେ ରହୁଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିଛନ୍ତି । ଏହା ସହିତ, ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ନିଷ୍ପତ୍ତି ପରେ, ପାକିସ୍ତାନରୁ ଭାରତ ଆସିଥିବା ସୀମା ହାଇଦର ପାକିସ୍ତାନ ଫେରିବେ କି ନାହିଁ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସୀମା ହାଇଦର ନେପାଳ ଦେଇ ଭାରତ ଆସିଥିଲେ ଏବଂ ଭାରତୀୟ ଯୁବକ ସଚିନ ମୀନାଙ୍କୁ ବିବାହ କରିଥିଲେ । ଏବେ ସେ ଉତ୍ତର ପ୍ରଦେଶର ରଘୁପୁର ଗାଁରେ ତାଙ୍କ ଶ୍ୱଶୁର ଘରେ ରହୁଛନ୍ତି ଏବଂ ନିକଟରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି । ସୀମା ହାଇଦରଙ୍କ ଓକିଲ ଏପି ସିଂହ ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ, ସୀମାଙ୍କ ମାମଲା ଅନ୍ୟ ପାକିସ୍ତାନୀ ନାଗରିକଙ୍କ ମାମଲାଠାରୁ ଭିନ୍ନ । ତାଙ୍କର ସମସ୍ତ କାଗଜପତ୍ର ଗୃହ ମନ୍ତ୍ରାଳୟ ଏବଂ ଏଟିଏସ ନିକଟରେ ଜମା ହୋଇଛି ।

ଏହା ସହିତ ତାଙ୍କର ଆବେଦନ ରାଷ୍ଟ୍ରପତିଙ୍କ ନିକଟରେ ବିଚାରାଧୀନ ଅଛି । ତାଙ୍କୁ ଉତ୍ତରପ୍ରଦେଶ କୋର୍ଟରୁ ଜାମିନ ମିଳିଛି ଏବଂ ସେ ସମସ୍ତ ଆଇନଗତ ସର୍ତ୍ତାବଳୀ ପାଳନ କରୁଛନ୍ତି । ଓକିଲ ଏହା ମଧ୍ୟ ଦାବି କରିଛନ୍ତି ଯେ, ସୀମା ଏବଂ ତାଙ୍କ ପରିବାରକୁ ପାକିସ୍ତାନ ସମର୍ଥିତ ଆତଙ୍କୀ ସଂଗଠନମାନଙ୍କଠାରୁ ହତ୍ୟା ଧମକ ମିଳୁଛି, ଯାହା ସମ୍ପର୍କରେ ସମୟ ସମୟରେ ଅଭିଯୋଗ ଦାଖଲ କରାଯାଇଛି ।

ସମୟ

# ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ ମ୍ୟାଚ୍ ଖେଳିବନି ଭାରତ : ରାଜୀବ ଶୁକ୍ଲା



ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): କ୍ରୀଡ଼ା ଜଗତରେ ପାକିସ୍ତାନ ସହ ଭାରତ ସମ୍ପର୍କ ଛିନ୍ନ କରିଛି । ପାକିସ୍ତାନ ସହିତ କୌଣସି ଦ୍ୱିପାକ୍ଷିକ ମ୍ୟାଚ୍ ଖେଳିବନି ଭାରତ । ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଏନେଇ ସୂଚନା ଦେଇଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ବିସିସିଆଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୂଚନାଥାଉ କି ଏହା ପୂର୍ବରୁ ମଧ୍ୟ ଦୀର୍ଘ ୧୦ ବର୍ଷ ହେଲା ଭାରତ କୌଣସି ପାକିସ୍ତାନ ସହିତ କୌଣସି ଦ୍ୱିପାକ୍ଷିକ ମ୍ୟାଚ୍ ଖେଳୁନାହିଁ । ତେଣୁ ବିସିସିଆଇ ଉପାଧ୍ୟକ୍ଷଙ୍କ ଘୋଷଣାରେ କୌଣସି ନୂଆ କଥା ନାହିଁ । ଭାରତୀୟ କ୍ରିକେଟର ଏବଂ ପୂର୍ବତନ ଖେଳାଳିମାନେ ପହଲଗାମ ଆକ୍ରମଣକୁ ନିନ୍ଦା କରିଛନ୍ତି । ପୂର୍ବତନ କ୍ରିକେଟର ଶ୍ରୀବତ୍ସ ଗୋସ୍ୱାମୀ ପାକିସ୍ତାନ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ବିସିସିଆଇକୁ ନିବେଦନ କରିଛନ୍ତି । ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ସ୍ପୋର୍ଟ୍ସ ଟକ୍‌କୁ ଏକ ସ୍ୱତନ୍ତ୍ର ସାକ୍ଷାତ ଦେଇ ପହଲଗାମ ଆକ୍ରମଣକୁ ନିନ୍ଦା କରିଛନ୍ତି । କ୍ରିକେଟ ବୋର୍ଡ଼ ପୀଡ଼ିତଙ୍କ ସହିତ ରହିଛନ୍ତି ବୋଲି କହିଛନ୍ତି । ଭାରତ ସରକାର ଯାହା କହିବେ, ଆମେ କରିବୁ । ସରକାରଙ୍କ ନିଷ୍ପତ୍ତି ଯୋଗୁ ଆମେ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳୁନାହୁଁ । ଆଗକୁ ମଧ୍ୟ ଏହି ଧାରା ଜାରି ରହିବ । ଯେତେବେଳେ ଆଇସିସି ଇଭେଣ୍ଟଗୁଡ଼ିକର କଥା ଆସେ, ସେତେବେଳେ ଆମେ ଖେଳୁ । କାରଣ ଏଥିରେ ଆଇସିସିର ସମ୍ପୃକ୍ତି ଥାଏ । ଯାହାସବୁ ଘଟୁଛି ତାହା ଆଇସିସି ମଧ୍ୟ ଜାଣୁଛି । ତେଣୁ ସେମାନେ ଏଦିଗରେ ନିଷ୍ପତ୍ତି ନେବେ ।

ପୂର୍ବତନ ଭାରତୀୟ ଓ୍ୱିକେଟକିପର ଓ ବ୍ୟାଟର ଶ୍ରୀବତ୍ସ ଗୋସ୍ୱାମୀ ପାକିସ୍ତାନ ସହିତ କୌଣସି ପ୍ରକାର କ୍ରିକେଟ ନଖେଳିବାକୁ ବିସିସିଆଇକୁ ନିବେଦନ କରିଛନ୍ତି । ସେ ଆହୁରି ଲେଖିଛନ୍ତି ଯେ କିଛି ଲୋକ ଚାମ୍ପିଅନ୍ସ ଟ୍ରଫି ସମୟରେ କହିଲେ ଯେ ଖେଳକୁ ରାଜନୀତିରୁ ଦୂରେଇ ରଖିବା ଉଚିତ । ନିର୍ଦ୍ଦୋଷ ଭାରତୀୟଙ୍କୁ ହତ୍ୟା କରିବା ପାକିସ୍ତାନର ଜାତୀୟ ଖେଳ ମନେହୁଏ । ତେଣୁ ସେମାନେ ଯେଉଁ ଭାଷାରେ ବୁଝନ୍ତି, ସେହି ଭାଷାରେ ଜବାବ ଦେବାର ସମୟ ଆସିଛି । ବ୍ୟାଟ୍-ବଲ ସହିତ ନୁହେଁ ବରଂ ଦୃଢ଼ ସଂକଳ୍ପ ସହିତ ମର୍ଯ୍ୟାଦାର ସହିତ । ଶୂନ୍ୟ ସହନଶୀଳତାର ସହିତ । ଗୋସ୍ୱାମୀ ତାଙ୍କ ଟ୍ୱିଟର ଆକାଉଣ୍ଟରେ ଏକ ଲମ୍ବା ପୋଷ୍ଟ କରି ଲେଖିଛନ୍ତି ।

ପାକିସ୍ତାନ ସହିତ ଭାରତ ଦୀର୍ଘ ୧୦ ବର୍ଷ ହେଲା କୌଣସି ଦ୍ୱିପାକ୍ଷିକ ମ୍ୟାଚ୍ ଖେଳିନାହିଁ । ଶେଷଥର ପାଇଁ ୨୦୧୩ରେ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳାଯାଇଥିଲା । ସେବେଠାରୁ ଭାରତ-ପାକିସ୍ତାନ ମ୍ୟାଚ୍ କେବଳ ଆଇସିସି ଇଭେଣ୍ଟଗୁଡ଼ିକରେ ହେଉଛି । ୨୦୨୪ ଆରମ୍ଭରେ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବାକୁ ଭାରତ ମନା କରିଥିଲା । ଆଇସିସି ମଧ୍ୟସ୍ଥତାରେ ଭାରତ-ପାକିସ୍ତାନ ସମସ୍ତ ମ୍ୟାଚ୍ ଦୁବାଇରେ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ପାକିସ୍ତାନକୁ ଧରାଶାୟୀ କରିଥିଲା ଭାରତ ।

ଆଇପିଏଲ୍ ମହାସମର

# ଲଢ଼େଇ କରି ହାରିଲା ରାଜସ୍ଥାନ ବେଙ୍ଗାଲୁରୁର ଷଷ୍ଠ ବିଜୟ



ବେଙ୍ଗାଲୁରୁ, ୨୪।୪ (ଏଜେନ୍ସି): ଆଇପିଏଲ୍‌ର ୪୨ତମ ମ୍ୟାଚ୍‌ରେ ଜମାଣିଆ ବିଜୟ ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର । ବେଙ୍ଗାଲୁରୁରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ୧୧ ରନ ବ୍ୟବଧାନରେ ରାଜସ୍ଥାନ ରୟାଲ୍ସକୁ ଧରାଶାୟୀ କରି ଷଷ୍ଠ ବିଜୟ ହାସଲ କରିଛି । ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ୨୦ ଓଭରରେ ୫ ୱିକେଟ ହରାଇ ୨୦୫ ରନ କରିଥିଲା । ଜବାବରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୯ ୱିକେଟ ହରାଇ ୧୯୪ ରନ କରିବାକୁ ସକ୍ଷମ ହୋଇଥିଲା । ଭଲ ଲୟରେ ଥିବା ବିରାଟ କୋହଲି ପୁଣି ୪୨ ବଲ୍‌ରୁ ୭୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ।

ଆଇପିଏଲ ମହାସମରରେ ୪୨ତମ ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଇଛି । ରାଜସ୍ଥାନ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ତେଣୁ ପ୍ରଥମେ ବ୍ୟାଟିଂ କରିଥିଲା ଆରସିବି । ଫିଲ୍ ସଲ୍ଟ ଓ ବିରାଟ କୋହଲି ପ୍ରାରମ୍ଭରୁ ଭଲ ପ୍ରଦର୍ଶନ କରିଥିଲେ । ବେଙ୍ଗାଲୁରୁର ପ୍ରଥମ ବିପର୍ଯ୍ୟୟ ସପ୍ତମ ଓଭରରେ ଘଟିଥିଲା । ସଲ୍ଟ ୨୩ଟି ବଲ୍ ଖେଳି ୨୬ ରନ୍ କରି ହସରଙ୍ଗାଙ୍କ ଶିକାର ହୋଇଥିଲେ । ଏହାପରେ ବିରାଟ କୋହଲି ଏବଂ ଦେବଦତ୍ତ ପାଡିକ୍କଲଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟରେ ୫୧ ବଲରେ ୯୫ ରନର ଭାଗିଦାରୀ ହୋଇଥିଲା । କୋହଲି ୪୨ ବଲରେ ୭୦ ରନ୍ କରିବା ପରେ ଆଉଟ୍ ହୋଇଥିଲେ । ଏଥିରେ ୮ଟି ଚୌକା ଓ ୨ଟି ଛକା ରହିଛି ।

ସେହିପରି ଦେବଦତ୍ତ ପାଡିକାଲ ୨୭ ବଲରେ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୫୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ତାଙ୍କୁ ସନ୍ଦୀପ ଶର୍ମା ଆଉଟ୍ କରିଥିଲେ। ଅଧିନାୟକ ରଜତ ପାଟିଦାର ତିନି ବଲରେ କେବଳ ଗୋଟିଏ ରନ୍ କରିପାରିଥିଲେ । ସେହିପରି ଟିମ୍ ଡେଭିଡ୍ ୧୫ବଲରେ ୨୩ ରନ୍ କରି ଆଉଟ୍ ହୋଇଥିଲେ । ଶେଷରେ ଜିତେଶ ଶର୍ମା ୧୦ ବଲରେ ବିସ୍ଫୋରକ ୨୯ରନ୍ ସଂଗ୍ରହ କରିଥିଲେ । ଯାହାଫଳରେ ରୟାଲ ଚ୍ୟାଲେଞ୍ଜ ବେଙ୍ଗାଲୁରୁ ରାଜସ୍ଥାନକୁ ୨୦୬ ରନର ଟାର୍ଗେଟ୍ ଦେଇଥିଲା । ରାଜସ୍ଥାନ ରୟାଲ୍ସ ପକ୍ଷରୁ ସନ୍ଦୀପ ଶର୍ମା ଦୁଇଟି ୱିକେଟ୍ ନେଇଥିବା ବେଳେ ୱାନିନ୍ଦୁ ହସରଙ୍ଗା ଏବଂ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

୨୦୬ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ରାଜସ୍ଥାନ ରୟାଲ୍ସ ଭଲ ଖେଳିଥିଲା । ଓପନର ଯଶସ୍ୱୀ ଜୟସ୍ୱାଲ ୧୦ ବଲରୁ ୪୯ ରନ, ଆଇପିଏଲ୍‌ର ସର୍ବକନିଷ୍ଠ ବୈଭବ ସୂର୍ଯ୍ୟବଂଶୀ ୨ଟି ଛକା ସହ ୧୬ ରନ, ନୀତିଶ ରାଣା ୨୮, ରିଆନ ପରାଗ ୨୨, ଧ୍ରୁବ ଜୁରେଲ ୪୭, ସିମରନ ହେଟମେୟାର ୧୧, ଶୁଭମ ଦୁବେ ୧୨ ରନ କରିବା ସତ୍ତ୍ୱେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୯ ୱିକେଟ ହରାଇ ୧୯୪ ରନ ସହ ୧୧ ରନ ପାଇଁ ବିଜୟଲକ୍ଷ୍ୟ ଠାରୁ ପଛରେ ରହିଯାଇଥିଲା । ବୋଲିଂରେ ବେଙ୍ଗାଲୁରୁର ଜୋସ୍ ହାଜଲେଉଡ୍ ୪ଟି, କ୍ରୁନାଲ ପାଣ୍ଡ୍ୟା ୨ଟି, ଭୁବନେଶ୍ୱର କୁମାର ଓ ଯଶ ଦୟାଲ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

## ଗେଲଙ୍କୁ ପଛରେ ପକାଇଲେ କୋହଲି

ବେଙ୍ଗାଲୁରୁ,୨୪।୪(ଏଜେନ୍ସି): ଚଳିତ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରରେ ଷ୍ଟାର ଖେଳାଳି ବିରାଟ କୋହଲି ଜବରଦସ୍ତ ଫର୍ମରେ ଅଛନ୍ତି । ସେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିବା ସହ କ୍ରିସ ଗେଲଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି । ସେ ଏହି ମ୍ୟାଚରେ ୪୨ ବଲରେ ୭୦ ରନ ସଂଗ୍ରହ କରିଥିଲେ । ଆଇପିଏଲ କ୍ୟାରିୟରର ଏହା ତାଙ୍କର ୬୦ତମ ଅର୍ଦ୍ଧଶତକ ରହିଥିଲା । ଏବେ କୋହଲିଙ୍କଠାରୁ କେବଳ ଡେଭିଡ ୱାର୍ଣ୍ଣର ରହିଛନ୍ତି । ସେ ୬୨ ଅର୍ଦ୍ଧଶତକ ମାରିଛନ୍ତି । ୫୧ ଅର୍ଦ୍ଧଶତକ ସହ ଶିଖର ଧାୱନ ତୃତୀୟ ସ୍ଥାନରେ ରହିଛନ୍ତି ।

କୋହଲି ଏଥିସହ ଟି୨୦ କ୍ରିକେଟରେ ଓଭରାଲ ୧୧୧ତମ ଅର୍ଦ୍ଧଶତକ ହାସଲ କରି ଗେଲଙ୍କୁ ପଛରେ ପକାଇଛନ୍ତି । କୋହଲି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଗେଲ ୧୧୦ ଅର୍ଦ୍ଧଶତକ ମାରି ତୃତୀୟ ସ୍ଥାନକୁ ଖସି ଆସିଛନ୍ତି । ଏହି ତାଲିକାରେ ଡେଭିଡ ୱାର୍ଣ୍ଣର ୧୧୭ ଅର୍ଦ୍ଧଶତକ ସହ ଶୀର୍ଷରେ ରହିଛନ୍ତି । ସେହିପରି ବାବର ଆଜାମ ୧୦୧ ଓ ଜୋସ ବଟଲର ୯୫ ଅର୍ଦ୍ଧଶତକ ସହ ଚତୁର୍ଥ ଏବଂ ପଂଚମ ସ୍ଥାନରେ ରହିଛନ୍ତି । କୋହଲିଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ବେଙ୍ଗାଲୁର ୨୦୬ ରନର ଲକ୍ଷ୍ୟ ପ୍ରଦାନ କରିଛି ।

### ଆଜିର ମ୍ୟାଚ

ଚେନ୍ନାଇ-ହାଇଦ୍ରାବାଦ
ସମୟ: ରାତି ୭.୩୦
ସ୍ଥାନ: ଚେନ୍ନାଇ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

# ଜାତୀୟ ସିନିଅର ପୁରୁଷ ପ୍ରଶିକ୍ଷଣ ଶିବିର ସମ୍ଭାବ୍ୟ ତାଲିକାରେ ୫୪



ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ହକି ଇଣ୍ଡିଆ ପକ୍ଷରୁ ଜାତୀୟ ସିନିଅର ପୁରୁଷ ପ୍ରଶିକ୍ଷଣ ଶିବିର ନିମନ୍ତେ ୫୪ ଜଣିଆ ସମ୍ଭାବ୍ୟ ତାଲିକା ଘୋଷଣା କରାଯାଇଛି । ଏପ୍ରିଲ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ଶିବିର ବେଙ୍ଗାଲୁରୁର ସାଇ ସେଣ୍ଟରରେ ଚାଲିବ । ୧୫ତମ ହକି ଇଣ୍ଡିଆ ସିନିଅର ପୁରୁଷ ଜାତୀୟ ଚାମ୍ପିଅନସିପ୍‌ର ପ୍ରଦର୍ଶନ ଆଧାରରେ ପ୍ରଶିକ୍ଷଣ ଶିବିର ପାଇଁ ୫୪ ଜଣ ଖେଳାଳିଙ୍କୁ ସଂକ୍ଷିପ୍ତ ତାଲିକାରେ ସାମିଲ କରାଯାଇଛି । ୫ଦିନିଆ ଶିବିର ପରେ ୫୪ ଜଣ ଖେଳାଳିଙ୍କ ମଧ୍ୟରୁ ୪୦ ଜଣଙ୍କୁ ପରବର୍ତ୍ତୀ ପର୍ଯ୍ୟାୟ ପ୍ରଶିକ୍ଷଣ ପାଇଁ ଚୟନ କରାଯିବ । ଏହି ଶିବିର ମେ ୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ୫୪ ଜଣଙ୍କ ମଧ୍ୟରୁ ୩୮ ଜଣ ଖେଳାଳି ଜାତୀୟ କୋର୍ ଗ୍ରୁପରୁ ଅଛନ୍ତି । ଏହି ଖେଳାଳିମାନେ ହକି ମଧ୍ୟପ୍ରଦେଶ, ହକି ମହାରାଷ୍ଟ୍ର, ହକି ପଞ୍ଜାବ, ୟୁପି ହକି, ହକି ବେଙ୍ଗଲ, ହକି ମଣିପୁର ଏବଂ ଓଡ଼ିଶାରୁ ଅଛନ୍ତି । ଓଡ଼ିଶାର ଅମିତ ରୋହିଦାସ, ନିଲମ ସଞ୍ଜୀବ ଖେସ, ଅମନଦୀପ ଲାକ୍ରା, ଶିଳାନନ୍ଦ ଲାକ୍ରା ପ୍ରମୁଖ ଅଛନ୍ତି ।

## ମାଦ୍ରିଦ ଓପନରୁ ଓହରିଲେ ଆଲକାରେଜ

ମାଦ୍ରିଦ, ୨୪।୪ (ଏଜେନ୍ସି): ଇଞ୍ଜୁରୀ ଯୋଗୁ କାର୍ଲୋସ ଆଲକାରେଜ ମାଦ୍ରିଦ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି । ଗତ ରବିବାର ବାର୍ସିଲୋନା ଓପନ ଫାଇନାଲ ବେଳେ ତାଙ୍କ ବାମଗୋଡ଼ରେ ଆଘାତ ଲାଗିଥିଲା । ୨୦୨୨ ଓ ୨୦୨୩ରେ ଦୁଇଥର ଚାମ୍ପିଅନ ଆଲ୍‌କାରେଜଙ୍କୁ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ମାନ୍ୟତା ମିଳିଥିଲା । ସେ ମେ-୫ରେ ୨୨ ବର୍ଷ ବୟସରେ ପଦାର୍ପଣ କରିବେ । ବାର୍ସିଲୋନା ଫାଇନାଲରେ ହେଲଗରଙ୍କ ଠାରୁ ପରାଜିତ ହେବା ପୂର୍ବରୁ ସେ ମଣ୍ଟେ କାର୍ଲୋ ଟାଇଟଲ ସହ ତାଙ୍କ କ୍ଲେକୋର୍ଟ୍ ଅଭିଯାନ ଆରମ୍ଭ କରି ୯ଟି ମ୍ୟାଚ୍‌ରେ ଅପରାଜେୟ ରହିଥିଲେ ।

### କଳିଙ୍ଗ ସୁପର କପ୍

# କ୍ୱାର୍ଟରରେ ନର୍ଥ ଇଷ୍ଟ ୟୁନାଇଟେଡ, ଜାମଶେଦପୁର



ଭୁବନେଶ୍ୱର, ୨୪।୪ (ସବ୍ୟୁ): କଳିଙ୍ଗ ସୁପର କପର ଘମାଘୋଟ ଲଢ଼େଇ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି । ଗୁରୁବାର ମହମଡାନ ସ୍ପୋର୍ଟିଂ କ୍ଲବକୁ ଧରାଶାୟୀ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସିର ଧମାକାଦାର ପ୍ରଦର୍ଶନ ଆଗରେ ମହମଡାନ ସ୍ପୋର୍ଟିଂ ଫିକା ପଡ଼ିଯାଇଥିଲା । ଆରମ୍ଭରୁ ଶେଷ ଯାଏ ମହମଡାନ ସ୍ପୋର୍ଟିଂ ମ୍ୟାଚ୍ ବଞ୍ଚାଇବାକୁ ଲଢ଼ିଥିଲା । ନର୍ଥ ଇଷ୍ଟ ପକ୍ଷରୁ ମ୍ୟାଚ୍‌ର ୩ୟ ମିନିଟରେ ଜିତିନ, ୧୮ ମିନିଟରେ ଆଲାଦ୍ଦିନ ଆଜାରାଇ, ୪୨ ମିନିଟରେ ନେଷ୍ଟର ଆଲବିୟାଚ ରୋଜର, ୫୭ ମିନିଟରେ ପୁଣି ଆଲାଦ୍ଦିନ ବ୍ୟକ୍ତିଗତ ଦ୍ୱିତୀୟ, ୬୬ ମିନିଟ୍‌ରେ ଗୁଲେର୍ମୋ ଫର୍ଣ୍ଣାଣ୍ଡିଜ୍ ଏବଂ ୯୨ ତମ ମିନିଟ୍‌ରେ ଆଲାଦ୍ଦିନ ବ୍ୟକ୍ତିଗତ ତୃତୀୟ ଗୋଲ କରି ଦଳକୁ ୬-୦ରେ ଦଳକୁ ଜମାଣିଆ ବିଜୟୀ କରିଥିଲେ । ହ୍ୟାଟ୍ରିକ୍ ଗୋଲ କରିଥିବା ଆଲାଦ୍ଦିନଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଥିଲା ।

ଅନ୍ୟଏକ ମୁକାବିଲାରେ ହାଇଦ୍ରାବାଦ ଏଫସିକୁ ଭେଟିଥିଲା ଜାମଶେଦପୁର ଏଫସି । ଏହି ଟି ମଧ୍ୟ ଏକତରଫା ଭବେ ଶେଷ ହୋଇଥିଲା। ଜାମଶେଦପୁର ଏଫସି ୨-୦ ଗୋଲରେ ହାଇଦ୍ରାବାଦକୁ ଧରାଶାୟୀ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ୩୯ତମ ମିନିଟରେ ଜାଭିୟର ସିଭେରିଓ ଟୋରୋ ପ୍ରଥମ ଗୋଲ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ । ପୁଣି ୬୪ତମ ମିନିଟରେ ଷ୍ଟିଫେନ୍ ଇଜୀ ଗୋଲ କରିବାରୁ ବ୍ୟବଧାନ ୨-୦କୁ ବୃଦ୍ଧି ପାଇଥିଲା। ଶେଷ ପର୍ଯ୍ୟନ୍ତ ଜାମଶେଦପୁର ଅଗ୍ରଣୀ ରହି ବିଜୟ ଲାଭ କରିଥିଲା। ପରାଜୟ ସହ ହାଇଦ୍ରାବାଦ ଏଫସିର କଳିଙ୍ଗ ସୁପର କପ୍ ଅଭିଯାନ ଶେଷ ହୋଇଛି।

# ଦୁର୍ଗା ମାଧବ ଏଆଇଏଫ୍ଏଫ୍ ମ୍ୟାଚ୍ କମିଶନର



ଭୁବନେଶ୍ୱର, ୨୪।୪ (ସବ୍ୟୁ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଦୁର୍ଗା ମାଧବ ନାୟକଙ୍କୁ ଏଆଇଏଫ୍ଏଫ ପକ୍ଷରୁ ମିଳିଥିବା ମ୍ୟାଚ୍ କମିଶନର ନୂଆ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଯାଇଛି ।


ଚଳିତ ମାସ ୨୭ରୁ ମେ-୨୭ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ନାରିନପୁରରେ ୨୦ ବର୍ଷରୁ କମ ପୁରୁଷ ସ୍ୱାମୀ ବିବେକାନନ୍ଦ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ଦୁର୍ଗା ମାଧବ ନାୟକ ଏଆଇଏଫ୍ଏଫ୍‌ର ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇବେ । ସେ ଓଡ଼ିଶାର ପ୍ରଥମ ମ୍ୟାଚ୍ କମିଶନ ହୋଇଛନ୍ତି । ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଏହି ମର୍ଯ୍ୟାଦାଜନକ ଦାୟିତ୍ୱ ପାଇଁ ଦୁର୍ଗାମାଧନ ନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ପାକିସ୍ତାନରୁ ଫେରିଆସିବେ ଭାରତୀୟ ବ୍ରଡ୍‌କାଷ୍ଟର




ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ଆଗାମୀ ଦିନରେ ପାକିସ୍ତାନ ସୁପର ଲିଗ୍‌ର ପ୍ରସାରଣ ଶଙ୍କଟରେ ପଡ଼ିବ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇଦେଶ ମଧ୍ୟରେ ଦେଖାଦେଇଥିବା ତିକ୍ତତା ଯୋଗୁ ପିଏସ୍ଏଲ୍‌ର ପ୍ରସାରଣ କାର୍ଯ୍ୟ କରୁଥିବା ଅଭିଜ୍ଞ ଭାରତୀୟ କ୍ରୁ-ସଦସ୍ୟଙ୍କୁ ସ୍ୱଦେଶ ପଠାଇବାକୁ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି । ପିଏସ୍ଏଲର ପ୍ରଡକସନ ଓ ବ୍ରଡକାଷ୍ଟ କ୍ରୁ ସଦସ୍ୟଙ୍କ ମଧ୍ୟରେ ୨ ଡଜନରୁ ଅଧିକ ଭାରତୀୟ ଅଛନ୍ତି । ସେମାନଙ୍କ ସ୍ଥାନରେ ଯଥାଶୀଘ୍ର ନିଯୁକ୍ତି କରିବାକୁ ପଦକ୍ଷେପ ନିଆଯାଉଛି । ଭାରତୀୟ ଇଞ୍ଜିନିୟର, ପ୍ରଡକ୍ସନ ମ୍ୟାନେଜର, କ୍ୟାମେରାମ୍ୟାନ୍, ଖେଳାଳିଙ୍କୁ ଟ୍ରାକ୍ କରୁଥିବା ବିଶେଷଜ୍ଞ ରହିଛନ୍ତି ।

ଇସଲାମବାଦ୍‌ରେ ଗୁରୁବାର ଅନୁଷ୍ଠିତ ଜାତୀୟ ସୁରକ୍ଷା କାଉନ୍‌ସିଲ ବୈଠକରେ ସମସ୍ତ ଭାରତୀୟ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନ ଛାଡ଼ିବା ଉଚିତ ବୋଲି ଘୋଷଣା କରାଯାଇଛି । ଭାରତୀୟ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଫ୍ୟାନ କୋଡ ପାକିସ୍ତାନ ସୁପର ଲିଗ୍‌କୁ ପ୍ରସାରଣ କରୁଥିବା ଗୁରୁବାର ଘୋଷଣା କରିଛି ।





# ୫୨ ବର୍ଷରେ ପାଦ ଥାପିଲେ କ୍ରିକେଟ ଗଡ୍

ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): କ୍ରିକେଟର ଭଗବାନ ଭାବେ ପରିଚିତ ସଚିନ ତେନ୍ଦୁଲକରଙ୍କ ଆଜି ଜନ୍ମଦିନ । ସାରା ବିଶ୍ୱରେ ସଚିନଙ୍କ ୫୨ତମ ଜନ୍ମଦିନକୁ ପାଳନ କରାଯାଇଛି । ଭାରତର ପ୍ରତ୍ୟେକ ଲୋକଙ୍କ ପାଖରେ କ୍ରିକେଟ୍‌କୁ ପହଞ୍ଚାଇବାରେ ତେନ୍ଦୁଲକରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଲକ୍ଷଲକ୍ଷ ଯୁବକ ତାଙ୍କ ଯୋଗୁ କ୍ରିକେଟକୁ କ୍ୟାରିୟର କରିଛନ୍ତି । ଭାରତରେ କ୍ରିକେଟକୁ ଧର୍ମର ମାନ୍ୟତା ଦିଆଯାଇଛି । କ୍ରିକେଟକୁ ଏତେ ପ୍ରସିଦ୍ଧ କରିଥିବା ତଥା ଭାରତରେ ଏହି ଖେଳର ଭଗବାନ ବୋଲି କୁହାଯାଉଥିବା ସଚିନ ୨୪ ଏପ୍ରିଲ ୨୦୨୫ରେ ୫୨ ବର୍ଷ ବୟସରେ ପାଦ ଥାପିଛନ୍ତି । ତାଙ୍କ ଜନ୍ମଦିନରେ ସାରା ବିଶ୍ୱରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ସଚିନଙ୍କ ଜନ୍ମ ମରାଠି ପରିବାରରେ ହୋଇଥିଲା । ବେଶ୍ ଭଲ ପରିବାରରେ ତାଙ୍କର ଲାଳନପାଳନ । ବାପା ଜଣେ ଲେଖକ ଓ କବି । ଭାଇ ମଧ୍ୟ ଜଣେ ଚିତ୍ରକର । ପ୍ରସିଦ୍ଧ ସଂଗୀତଜ୍ଞ ସଚିନଦେବ ବର୍ମନଙ୍କ ନାମ ଅନୁସାରେ ତେନ୍ଦୁଲକରଙ୍କ ନାମକରଣ କରାଯାଇଥିଲା । ଏହି ଆଶାରେ ସଚିନ ଜଣେ ସଂଗୀତଜ୍ଞ ହେବେ । ମାତ୍ର ପିଲାଦିନରୁ ହିଁ ସଂଗୀତ ପ୍ରତି ତାଙ୍କର ଆଦୌ ଦୁର୍ବଳତା ନଥିଲା । ସ୍କୁଲ ସମୟରୁ ହିଁ ସେ ତାଙ୍କ କେଶକୁ ଲମ୍ବା ରଖୁଥିଲେ । ୧୪ ବର୍ଷ ବୟସରେ ଅର୍ଥାତ ୧୯୮୭ ମସିହାରେ ଭାରତ ଜିମ୍ବାୱେ ମଧ୍ୟରେ ଅନୁଷ୍ଠିତ ବିଶ୍ୱକପ ମ୍ୟାଚ୍‌ରେ ସଚିନ ବଲ୍ ବୟ ଥିଲେ । ୧୯୯୭, ୧୯୯୯, ୨୦୦୧, ୨୦୦୨, ୨୦୦୮, ୨୦୧୦ ମସିହାରେ ୧୦୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିବା ସଚିନଙ୍କୁ ରନ୍ ମେସିନ୍ ନାମରେ ଲୋକେ ଜାଣିଲେ । ସଚିନ ପ୍ରଥମ ଥର ପାଇଁ ଷ୍ଟମ୍ପଡ୍ ଚଳଚ୍ଚିତ୍ର ଜରିଆରେ ବଲିଉଡ୍‌ରେ ନଜର ଆସିଥିଲେ ।

୨୦୧୦ ମସିହାରେ ସଚିନଙ୍କୁ ଏକ ମଦ କମ୍ପାନୀର ବିଜ୍ଞାପନ କରିବାକୁ ୨୦ କୋଟି ଟଙ୍କାର ଅଫର ଆସିଥିଲା । ମାତ୍ର ସେ ବାପାଙ୍କ ନିକଟରେ କରିଥିବା ଶପଥ ଯୋଗୁ ମଦ ବିଜ୍ଞାପନ କରିବାକୁ ମନା କରିଦେଇଥିଲେ । ସଚିନ ପିଲାଦିନେ ତାଙ୍କ ବାପାଙ୍କୁ କଥା ଦେଇଥିଲେ ଯେ ସେ କେବେ ମଦ ପିଇବେ ନାହିଁ କିମ୍ବା ଏହାକୁ ପ୍ରୋତ୍ସାହନ କରିବେ ନାହିଁ । ଏହି କ୍ରିକେଟ ଭଗବାନ ଜଣଙ୍କ ୨୦୧୧ ଦିନିକିଆ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ । ଏହାପରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ତମ ଶତକ ପୂରଣ କରି ବିଶ୍ୱର ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ ।

# ଗମ୍ଭୀରଙ୍କୁ ହତ୍ୟା ଧମକ



ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ପୂର୍ବତନ ବିଜେପି ସାଂସଦ ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ ଦିଆଯାଇଛି । ଆଇଏସ୍ଆଇଏସ୍ କାଶ୍ମୀର ସଂଗଠନ ପକ୍ଷରୁ ଏହି ହତ୍ୟା ଧମକ ମିଳିଥିବା ନେଇ ଗୁରୁବାର ଗମ୍ଭୀରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା । ଦିଲ୍ଲୀ ପୋଲିସ ନିକଟରେ ଗମ୍ଭୀର ଅଭିଯୋଗ କରିଛନ୍ତି । ଏପ୍ରିଲ ୨୨ରେ ଦୁଇଟି ଇ-ମେଲ୍ ମାଧ୍ୟମରେ ତାଙ୍କୁ 'ଆଇ କିଲ୍ ୟୁ' ମ୍ୟାସେଜ୍ ପଠାଯାଇଥିଲା । ଏହି ଘଟଣା ପରେ ଗମ୍ଭୀର ଦିଲ୍ଲୀ ପୋଲିସରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ନିଜ ସହ ପରିବାରର ସୁରକ୍ଷା ମଧ୍ୟ ମାଗିଛନ୍ତି ।

୨୦୨୧ ନଭେମ୍ବରରେ ମଧ୍ୟ ତାଙ୍କୁ ଏହିଭଳି ଧମକପୂର୍ଣ୍ଣ ଇ-ମେଲ୍ ମିଳିଥିଲା । ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି । ଗମ୍ଭୀରଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି । ମଙ୍ଗଳବାର ଜାମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର କଡ଼ା ନିନ୍ଦା କରିଥିଲେ ଗୌତମ ଗମ୍ଭୀର । ଯେଉଁଥିରେ ୨୬ ଜଣ ନାଗରିକ ପ୍ରାଣ ହରାଇଛନ୍ତି । ବର୍ତ୍ତମାନ ଆଇପିଏଲ୍ ଯୋଗୁ ଗମ୍ଭୀର ଭାରତୀୟ ଦଳରୁ ବିରତି ନେଇଛନ୍ତି । କିନ୍ତୁ ପହଲଗାମ ଆକ୍ରମଣର ଗୋଟିଏ ଦିନ ପରେ ତାଙ୍କୁ ମିଳିଥିବା ହତ୍ୟା ଧମକ ସମସ୍ତଙ୍କୁ ଦୋହଲାଇ ଦେଇଥିଲା ।

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି